# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, December 18/2025 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 25 | ମୂଲ୍ୟ ₹୭/-




**ବାପା ହେବେ ନାଗା ଚୈତନ୍ୟ**

ବାପା ହେବେ ସାଉଥ ସୁପରଷ୍ଟାର ନାଗା ଚୈତନ୍ୟ। ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଶୋଭିତା ଧୁଳିପାଲା ମା' ହେବାକୁ ଯାଉଛନ୍ତି।

୦୫

୧୪

**ଆଲେକ୍ସ କାରେଙ୍କ ଶତକ**

ଆଡିଲେଡ୍ ଓଭାଲଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ଆଲେକ୍ସ କାରେ।



# ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ନିଯୁକ୍ତ ହେବେ: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୧୭।୧୨
(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟରେ ଶିକ୍ଷାକ୍ଷେତ୍ରର ବିକାଶ କରିବା ପାଇଁ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି। କେବଳ ପ୍ରାଥମିକ ଶିକ୍ଷା ପାଇଁ ଚଳିତବର୍ଷ ବଜେଟରେ ରେକର୍ଡ ପରିମାଣର ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ଏଣିକି ଆଉ ଠିକାରେ ଶିକ୍ଷକ ନିଯୁକ୍ତ ହେବେନାହିଁ। ରାଜ୍ୟରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ୩ ବର୍ଷ ମଧ୍ୟରେ ୪୫ ହଜାର ଶିକ୍ଷକ ପଦବୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରିବା ପାଇଁ ସ୍ଥିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବ୍ରହ୍ମପୁରଠାରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ



- ଗ୍ରେଟର ବ୍ରହ୍ମପୁର ସିଟି ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ
- ବ୍ରହ୍ମପୁର-ଜୟପୁର ୬ ଲେନ ବିଶିଷ୍ଟ ରାସ୍ତା ପାଇଁ ୬ ହଜାର କୋଟି

ଯୋଗଦେଇଥିଲେ। ସେଠାରେ ସେ ଆହୁରି କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ଓ ସ୍ୱାବଲମ୍ବୀ ଭାବ ବୃଦ୍ଧି ଉଦ୍ଦେଶ୍ୟରେ ଜାତୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ପ୍ରକୃତି ଉପାସକ ଆଦିବାସୀ

# ସ୍କୁଲରେ ଅବହେଳା, ଛାତ୍ରଙ୍କ ଜୀବନଗଲା

ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ କୋରାପୁଟ ଜିଲା କୋଟପାଡ଼ ବ୍ଲକର ଏକ ସରକାରୀ ଆବସିକ ସ୍କୁଲରେ ନାମଫଳକ ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ୩ୟ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଥିବାବେଳେ ଆଉ ୨ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆବାସିକ ସ୍କୁଲର ଅନ୍ତେବାସୀଙ୍କ ସୁରକ୍ଷାକୁ ଏଠାରେ ଅବହେଳା କରାଯାଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ରାଜ୍ୟ ଅନୁସୂଚିତ ଜାତି, ଜନଜାତି ବିକାଶ ବିଭାଗ ଦ୍ୱାରା ପରିଚାଳିତ ଉକ୍ତ ସ୍କୁଲରେ ପ୍ରାୟତଃ ଆର୍ଥିକ ଦୁର୍ବଳ ବର୍ଗର ପିଲାମାନେ ରହି ପାଠ ପଢ଼ିଥାନ୍ତି। ହେଲେ ସେମାନେ କିଭଳି ସୁରକ୍ଷିତ ରହିବେ ସେନେଇ ପରିବେଶ ସୃଷ୍ଟି କରାଯାଉନାହିଁ। ପୂର୍ବରୁ ଏଭଳି କେତେକ ଆବାସିକ ସ୍କୁଲରେ ଶିକ୍ଷକ, କର୍ମଚାରୀଙ୍କ ଦ୍ୱାରା ଶାରୀରିକ ନିର୍ଯାତନା ଯୋଗୁ କେତେଜଣ ଛାତ୍ରୀ ଗର୍ଭବତୀ ହେବା ନଜିର ରହିଛି। ଏବେ ନିମ୍ନମାନର ନାମଫଳକ ଭାଙ୍ଗିପଡ଼ିବାରୁ ଛାତ୍ରଙ୍କ ଜୀବନ ଯିବା ଚରମ ଅବ୍ୟବସ୍ଥାକୁ ସୂଚାଉଛି ବୋଲି ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ଏପରିକି ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ୫ ଘଣ୍ଟା ଧରି ରାସ୍ତାରୋକ କରିଛନ୍ତି।

- ନାମଫଳକ ଭୁଶୁଡ଼ି ଜଣେ ମୃତ, ୨ ଗୁରୁତର
- କ୍ଷତିପୂରଣ ଦାବିରେ ୫ ଘଣ୍ଟା ରାସ୍ତାରୋକୋ

କୋଟପାଡ଼,୧୭।୧୨
(କେ.ରାଜଶେଖର ରାଓ)

କୋଟପାଡ଼ରୁ ୫କି.ମି. ଦୂର ଧାମନାହାଣ୍ଡି ୬୩ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗାନ୍ଧୀନଗର ଆବାସିକ ବିଦ୍ୟାଳୟ ପରିସରରେ ଏକ ପୁରୁଣା ୩ ଫୁଟ ଉଚ୍ଚର ନାମଫଳକ ବୁଧବାର ସକାଳେ ଭୁଶୁଡ଼ି ପଡ଼ିଥିଲା। ଏଥରେ ପ୍ରେମାନନ୍ଦ ଭତରା ନାମକ ୩ୟ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଥିବାବେଳେ ପ୍ରଥମ ଶ୍ରେଣୀର ଶିବ ଭତରା ଓ କିରଣ ଭତରା ଗୁରୁତର ଆହତ ହୋଇଛନ୍ତି। ସ୍କୁଲ ଶିକ୍ଷକଙ୍କ ସୂଚନାନୁଯାୟୀ, ବୁଧବାର ସକାଳୁ ହଷ୍ଟେଲର ଛାତ୍ରମାନେ ନାମଫଳକ ନିକଟରେ ଦାନ୍ତଘଷୁଥିବା ବେଳେ ତାହା ଭାଙ୍ଗି ସେମାନଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ପ୍ରେମାନନ୍ଦ, ଶିବ ଓ କିରଣ ଗୁରୁତର ହୋଇଥିଲେ। ସେମାନଙ୍କୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପୂର୍ବରୁ ପ୍ରେମାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ଶିବଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କିରଣଙ୍କ ☞ପୃଷ୍ଠା-୪






କୋଟପାଡ଼ ବ୍ଲକର ଗାନ୍ଧୀନଗର ଆବାସିକ ବିଦ୍ୟାଳୟ ପରିସରରେ ଭୁଶୁଡ଼ି ପଡ଼ିଥିବା ନାମଫଳକ।

# ଅତିଥି ଅଧ୍ୟାପିକାଙ୍କୁ ହତ୍ୟା

କେନ୍ଦୁଝର,୧୭।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମାଇନିଂରୋଡ଼ସ୍ଥିତ ନିର୍ମଳା କନ୍‌ଭେଣ୍ଟ ସ୍କୁଲ ପାଖରେ ଏକ ଘରେ ରହୁଥିବା ଅତିଥି ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଛି। ମୃତ ମହିଳା ବାଲେଶ୍ୱର ଜିଲା ଗୋପାଳପୁର ଥାନା ରେମୁଣା ପଞ୍ଚାୟତ ଅନ୍ତର୍ଗତ ତାଳପଦା ଗ୍ରାମର ପ୍ରିୟଙ୍କା ଦାଶ(୨୯)। ସେ ୨ ବର୍ଷ ହେଲା ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ପ୍ରିୟଙ୍କାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ ଓ ଖୁଡ଼ୀ ପଦ୍ମଜା ଦାଶ ଝିଆରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ପୁରୁଷ ବନ୍ଧୁଙ୍କୁ ଗିରଫକରି ତନାଘନା ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ପୁରୁଣା ସହରର ରୁଦ୍ର ମିଶ୍ର। ☞ପୃଷ୍ଠା-୪

**ପୁରୁଷ ବନ୍ଧୁ ଗିରଫ**



ପ୍ରିୟଙ୍କା ଦାଶ

# ଆଣବିକ ଶକ୍ତି କ୍ଷେତ୍ରରେ ପଶିବେ ଘରୋଇ ସଂସ୍ଥା

## ଲୋକ ସଭାରେ 'ଶାନ୍ତି' ବିଲ୍ ପାରିତ, କକ୍ଷତ୍ୟାଗ କଲେ ବିରୋଧୀ

ନୂଆଦିଲ୍ଲୀ,୧୭।୧୨(ପି.ଟି./ଏଜେନ୍ସି)

୨୦୪୭ ସୁଦ୍ଧା ଭାରତରେ ୧୦୦ ଗିଗାୱାଟ୍ ଅଣୁଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଉଦ୍ଦିଷ୍ଟ ବିଧେୟକକୁ ବୁଧବାର ଲୋକ ସଭାର ମଞ୍ଜୁରୀ ମିଳିଛି। ସଷ୍ଟେନେବଲ ହାର୍ନେସିଂ ଆଣ୍ଡ ଆଡ୍‌ଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିଅର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଶାନ୍ତି) ବିଲ୍, ୨୦୨୫କୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ନିମ୍ନ ସଦନରେ ଆଗତ କରିଥିଲେ, ଯାହାକି ଧ୍ୱନିମତରେ ପାରିତ ହୋଇଥିଲା। ତେବେ ଦେଶର ବେସାମରିକ ଆଣବିକ କ୍ଷେତ୍ରରେ ଘରୋଇ ସେକ୍ଟରର ନିୟନ୍ତ୍ରଣ ପାଇଁ ଏଥିରେ ପ୍ରସ୍ତାବ ରହିଥିବାରୁ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ହୋହଲ୍ଲା କରି କକ୍ଷତ୍ୟାଗ କରିଥିଲେ।

ଶାନ୍ତି ବିଲ୍ ଆଗତ କରି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଏହି ବିଧେୟକ ଏକ ମାଇଲଖୁଣ୍ଟ, ଯାହାକି ଦେଶର ବିକାଶଯାତ୍ରାକୁ ନୂଆ ଦିଗ ଦେଖାଇବ। ଭୂରାଜନୈତିକ ପ୍ରେକ୍ଷାପଟରେ ଭାରତର ଭୂମିକା ବଢ଼ିବାରେ ଲାଗିଛି। ଆମକୁ ଏକ ଗ୍ଲୋବାଲ ପ୍ଲେୟାର ହେବାକୁ ହେଲେ ବୈଶ୍ୱିକ ବେଞ୍ଚମାର୍କ ଓ ରଣନୀତିଗୁଡ଼ିକୁ ଅନୁସରଣ କରିବାକୁ ପଡ଼ିବ। ବର୍ତ୍ତମାନ ସାରା ବିଶ୍ୱ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେଉଛି। ଆମେ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ଆଣବିକ ଶକ୍ତି ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛେ। ଏହି ଲକ୍ଷ୍ୟ ହାସଲ ପାଇଁ ଶାନ୍ତି ବିଲ୍‌କୁ ଆଇନରେ ପରିଣତ କରିବାକୁ ପଡ଼ିବ। ଅନ୍ୟପକ୍ଷେ ପ୍ରଚଳିତ ଥିବା ସିଭିଲ୍ ଲାଇବିଲିଟି ଫର୍ ନ୍ୟୁକ୍ଲିଅର ଡ୍ୟାମେଜ୍ ଆକ୍ଟ, ୨୦୧୦କୁ ଏହା ଦୁର୍ବଳ କରିଦେବ ବୋଲି କହି ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍‌କୁ ଦୃଢ଼ ବିରୋଧ କରି ସରକାରଙ୍କୁ ଘେରିଥିଲେ। ପ୍ରକାଶ ଯେ, ୨୦୧୦ର ଆଇନରେ କୌଣସି ଆଣବିକ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ଆଣବିକ ଯନ୍ତ୍ରାଂଶ ଯୋଗାଣକାରୀ ☞ପୃଷ୍ଠା-୪

# ଲାୟୋନେଲ ମେସିଙ୍କୁ ବନ୍ତାରାକୁ ସ୍ୱାଗତ କଲେ ଅନନ୍ତ ଅମ୍ବାନୀ

## ପବିତ୍ର ଭାରତୀୟ ପରମ୍ପରା ଓ ବନ୍ୟପ୍ରାଣୀଙ୍କ ସହ ଅବିସ୍ମରଣୀୟ ଅନୁଭୂତି ଲାଭ କଲେ ମେସି

ଜାମନଗର: ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍ୟଜନ୍ତୁ ଉଦ୍ଧାର, ପୁନର୍ବାସ ଓ ସଂରକ୍ଷଣ କେନ୍ଦ୍ର 'ବନ୍ତାରା'କୁ ବିଶେଷ ଭାବେ ଗସ୍ତ କରିଛନ୍ତି ଫୁଟବଲ ତାରକା ଲାୟୋନେଲ ମେସି। ଏହି କେନ୍ଦ୍ରରେ, ସମସ୍ତ କାର୍ଯ୍ୟ ପାରମ୍ପରିକ ଭାବରେ ସନାତନ ଧର୍ମ ଅନୁଯାୟୀ ଆଶୀର୍ବାଦ ଲୋଡ଼ି ଆରମ୍ଭ ହୋଇଥାଏ, ଯାହା ପ୍ରକୃତି ପ୍ରତି ସମ୍ମାନ ଏବଂ ସମସ୍ତ ଜୀବଜନ୍ତୁଙ୍କ ପ୍ରତି ସମ୍ମାନ ଉପରେ ଗୁରୁତ୍ୱକୁ ଦର୍ଶାଇଥାଏ। ମେସିଙ୍କ ଗସ୍ତରେ ମଧ୍ୟ ଏହି ସାଂସ୍କୃତିକ ନୈତିକତା ପ୍ରତିଫଳିତ ହୋଇଥିଲା, ଯେତେବେଳେ ସେ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଅଂଶଗ୍ରହଣ କରିଥିଲେ, ବନ୍ୟପ୍ରାଣୀଙ୍କୁ ବୁଲି ଦେଖିଥିଲେ ଏବଂ ସେମାନଙ୍କ ଯତ୍ନ ନେଉଥିବା ଏବଂ ସଂରକ୍ଷଣ ଦଳ ସହିତ କଥାବାର୍ତ୍ତା କରିଥିଲେ। ଏହି ଗସ୍ତ ସମୟରେ ତାଙ୍କର ଭାବ ବିନିମୟ ବିନମ୍ରତା ଏବଂ ମାନବିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଥିଲା, ଯେଉଁଥିପାଇଁ ସେ ବ୍ୟାପକ ରୂପେ ପରିଚିତ। ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଉଭୟଙ୍କ ପ୍ରତିବଦ୍ଧତା କାରଣରୁ ଅନନ୍ତ ଅମ୍ବାନୀଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧନ ଏବଂ ବନ୍ଧୁତା ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଥିଲା।

ଇଣ୍ଟର ମିଆମି ସାଥୀ ଖେଳାଳି ଲୁଇସ୍ ସୁଆରେଜ୍ ଏବଂ ରୋଡ୍ରିଗୋ ଡି ପଲଙ୍କ ସହ ମେସିଙ୍କୁ ଲୋକ ସଙ୍ଗୀତ, ଆଶୀର୍ବାଦ ଏବଂ ଉଦ୍ଦେଶ୍ୟର ଶୁଭତାର ପ୍ରତୀକସ୍ୱରୂପ ପୁଷ୍ପବୃଷ୍ଟି ଏବଂ ଏକ ଆନୁଷ୍ଠାନିକ ଆରତି ସହିତ ମହାନ୍ ପାରମ୍ପରିକ ଶୈଳୀରେ ସ୍ୱାଗତ କରାଯାଇଥିଲା। ଏହି ଫୁଟବଲ କିମ୍ବଦନ୍ତୀ ପୁରୁଷ ମନ୍ଦିରରେ ଅମ୍ବେ ମାତା ପୂଜା, ଗଣେଶ ପୂଜା, ହନୁମାନ ପୂଜା ଏବଂ ଶିବ ଅଭିଷେକ ସମେତ ଏକ ମହା ଆରତିରେ ଅଂଶଗ୍ରହଣ କରି ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଭାରତର କାଳଜୟୀ ସମ୍ମାନର ନୈତିକତାକୁ ଦୃଷ୍ଟିରେ ରଖି ବିଶ୍ୱ ଶାନ୍ତି ଏବଂ ଏକତା ପାଇଁ ପ୍ରାର୍ଥନା କରିଥିଲେ।



ସ୍ୱାଗତ ପରେ ମେସି ବନ୍ତାରାର ବିସ୍ତୃତ ସଂରକ୍ଷଣ ଇକୋସିଷ୍ଟମର ଏକ ଗାଇଡେଡ୍ ଟ୍ୟୁର୍ ଆରମ୍ଭ କରିଥିଲେ, ଯେଉଁଠାରେ ପୃଥିବୀର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇଥିବା ବଣବିରାଡ଼ି, ହାତୀ, ତୃଣଭୋଜୀ, ସରୀସୃପ ଏବଂ ଛୋଟ ପଶୁଙ୍କର ଲାଳନପାଳନ କରାଯାଇଥାଏ। ସେ ଗ୍ରୀନ୍ ଏନର୍ଜି କମ୍ପ୍ଲେକ୍ସ ଏବଂ ବିଶ୍ୱର ସର୍ବବୃହତ୍ ବିଶୋଧନାଗାର କମ୍ପ୍ଲେକ୍ସ ମଧ୍ୟ ପରିଦର୍ଶନ କରିଥିଲେ, ଯାହାର ଆକାର ଓ ଦୂରଦୃଷ୍ଟି ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ।

ସିଂହ, ଚିତାବାଘ, ବାଘ ଏବଂ ଅନ୍ୟାନ୍ୟ ବିଲୁପ୍ତପ୍ରାୟ ପ୍ରଜାତିର ଯତ୍ନ କେନ୍ଦ୍ରରେ, ମେସି ସମୃଦ୍ଧ, ପ୍ରାକୃତିକ ପରିବେଶରେ ସମୃଦ୍ଧ ପଶୁମାନଙ୍କୁ ବୁଲି ଦେଖିଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକ କୌତୂହଳର ସହିତ ତାଙ୍କ ନିକଟକୁ ଆସିଥିଲେ। ଏହା ପରେ ସେ ତୃଣଭୋଜୀ ଯତ୍ନ କେନ୍ଦ୍ର ଏବଂ ସରୀସୃପ ଯତ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା, ଅନୁକୂଳ ପୁଷ୍ଟିକର ଖାଦ୍ୟ, ଆଚରଣଗତ ତାଲିମ ଏବଂ ପଶୁପାଳନ ପ୍ରୋଟୋକଲ ଅଧୀନରେ ପଶୁମାନଙ୍କର ବୃଦ୍ଧି ଉପରେ ନଜର ରଖାଯାଇଥାଏ, ଯାହା ବନ୍ୟଜନ୍ତୁ କଲ୍ୟାଣରେ ବନ୍ତାରାର ବିଶ୍ୱସ୍ତରୀୟ ନେତୃତ୍ୱକୁ ପ୍ରତିଫଳିତ କରେ। ଏହି ଗସ୍ତ ସମୟରେ ସେ ମଲ୍ଟି ସ୍ପେସିଆଲିଟି ୱାଇଲ୍ଡ ଲାଇଫ୍ ହସ୍ପିଟାଲ ପରିଦର୍ଶନ କରିଥିଲେ, ରିଅଲ ଟାଇମ୍ କ୍ଲିନିକାଲ୍ ଏବଂ ସର୍ଜିକାଲ୍ ପ୍ରଣାଳୀର ସାକ୍ଷୀ ହୋଇଥିଲେ ଏବଂ ପରେ ଓକାପିସ୍, ଗଣ୍ଡା, ଜିରାଫ ଏବଂ ହାତୀମାନଙ୍କୁ ଖାଇବାକୁ ଦେଇଥିଲେ। ବିଶ୍ୱ ଦୃଷ୍ଟିକୋଣରୁ ସେ ଦେଶରେ ବନ୍ୟଜନ୍ତୁ ଯତ୍ନ ଏବଂ ସଂରକ୍ଷଣକୁ ଆଗକୁ ନେବା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ମଧ୍ୟ ପ୍ରଶଂସା କରିଛନ୍ତି।

ଅନାଥ ଏବଂ ଦୁର୍ବଳ ଛୋଟ ପଶୁମାନଙ୍କ ପାଇଁ ଉତ୍ସର୍ଗୀକୃତ ପୋଷ୍ୟ ଯତ୍ନ କେନ୍ଦ୍ରରେ, ମେସି ସେମାନଙ୍କର ବଞ୍ଚି ରହିବାର ସଂଘର୍ଷ ଯାତ୍ରା ବିଷୟରେ ଜାଣିଲେ। ଏକ ହୃଦୟସ୍ପର୍ଶୀ ଇଙ୍ଗିତ ସ୍ୱରୂପ, ଅନନ୍ତ ଅମ୍ବାନୀ ଏବଂ ରାଧିକା ଅମ୍ବାନୀ ଏକାଠି ଏକ ସିଂହଛୁଆକୁ "ଲାୟୋନେଲ" ଭାବେ ନାମକରଣ କରିଥିଲେ, ଫୁଟବଲ କିମ୍ବଦନ୍ତୀଙ୍କ ସମ୍ମାନାର୍ଥେ ଦିଆଯାଇଥିବା ଏହି ନାମ ବର୍ତ୍ତମାନ ଆଶା ଏବଂ ନିରନ୍ତରତାକୁ ପ୍ରତିନିଧିତ୍ୱ କରୁଛି।




ଏହି ଭ୍ରମଣର ମୁଖ୍ୟ ଆକର୍ଷଣ ଥିଲା ହାତୀ ଯତ୍ନ କେନ୍ଦ୍ରରେ, ଯେଉଁଠାରେ ମେସି ଦୁଇ ବର୍ଷ ପୂର୍ବେ କାଠ ଉଦ୍ୟୋଗର କଠିନ ପରିଶ୍ରମରୁ ଉଦ୍ଧାର ହୋଇଥିବା ଏକ ହାତୀଛୁଆ ମାଣିକଲାଲକୁ ଭେଟିଥିଲେ। ମେସି ମାଣିକଲାଲ ସହ ଅପ୍ରତ୍ୟାଶିତ ଭାବେ ଫୁଟବଲ ଖେଳିବା ଆରମ୍ଭ କରିଦେଇଥିଲେ, ଏକ ମୁହୂର୍ତ୍ତ ଯାହା କେନ୍ଦ୍ରରେ ଉପସ୍ଥିତ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ହାତୀଛୁଆ ମଧ୍ୟ ଉତ୍ସାହର ସହିତ ପ୍ରତିକ୍ରିୟା ଦେଇଥିଲା, ଯାହା ତା'ର ନିଜସ୍ୱ ଉଦୀୟମାନ ଦକ୍ଷତାକୁ ପ୍ରଦର୍ଶନ କରିଥିଲା। ଏହା ମେସିଙ୍କ ଭାରତ ଗସ୍ତର ଅନ୍ୟତମ ସ୍ମରଣୀୟ ମୁହୂର୍ତ୍ତ ଥିଲା।

ବନ୍ତାରା ପରିଦର୍ଶନ କରିବା ତଥା ପ୍ରାଣୀ ଓ ମାନବଜାତି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ନିମନ୍ତେ ଅନନ୍ତ ଅମ୍ବାନୀ ମେସିଙ୍କୁ ଧନ୍ୟବାଦ ଦେଇଥିଲେ। ମେସି ସ୍ପାନିଶ ଭାଷାରେ ତାହାର ଉତ୍ତର ଦେଇ କହିଥିଲେ, "ବନ୍ତାରା ଯାହା କରୁଛି ତାହା ପ୍ରକୃତରେ ସୁନ୍ଦର, ପ୍ରାଣୀଙ୍କ ସେବା, ସେମାନଙ୍କର ଯତ୍ନ, ସେମାନଙ୍କୁ ଉଦ୍ଧାର କରିବା ଏବଂ ଯତ୍ନ ନେବାର ଶୈଳୀ ପ୍ରକୃତରେ ପ୍ରେରଣାଦାୟକ। ଆମକୁ ଏଠାରେ ବହୁତ ଭଲ ଲାଗିଲା, ଗସ୍ତ ସମ୍ପୂର୍ଣ୍ଣ ଆରାମଦାୟକ ଥିଲା ଏବଂ ଏହା ଏପରି ଏକ ଅନୁଭୂତି ଥିଲା ଯାହା ଚିରଦିନ ଆମ ସହିତ ରହିବ। ଏହି ସାର୍ଥକ କାର୍ଯ୍ୟକୁ ପ୍ରେରଣା ଏବଂ ସମର୍ଥନ ଜାରି ରଖିବା ପାଇଁ ଆମେ ନିଶ୍ଚିତ ଭାବରେ ପୁନର୍ବାର ପରିଦର୍ଶନ କରିବୁ।"

ଏହି ଗସ୍ତ ଶେଷ ହେବା ପରେ ମେସି ନାରିୟଲ ଉତ୍ସର୍ଗ ଏବଂ ମଟ୍‌କୀ ଫୋଡ଼ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହା ସଦ୍ଭାବନା ଏବଂ ଶୁଭ ଆରମ୍ଭର ପ୍ରତୀକ ଅଟେ। ଏହି ସମାରୋହ ଶାନ୍ତି ଏବଂ କଲ୍ୟାଣ ପାଇଁ ସ୍ଲୋଗାନ ସହିତ ସମାପ୍ତ ହୋଇଥିଲା, ଯାହା ମେସିଙ୍କ ଗ୍ଲୋବାଲ ଲିଗାସି ସହିତ ବନ୍ତାରା ମିଶନ୍‌ର ସମାନ ମୂଲ୍ୟବୋଧକୁ ସୂଚିତ କରିଥିଲା। ବିଶ୍ୱବ୍ୟାପୀ ସାମାଜିକ ହିତ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଶିଶୁ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଲିଓ ମେସି ଫାଉଣ୍ଡେସନର ନେତୃତ୍ୱ ନେଉଥିବା ମେସି ବନ୍ତାରାର ଲକ୍ଷ୍ୟ ସହ ଏକମତ ହେବା ସହ ଏବଂ ପ୍ରାଣୀଙ୍କ ପ୍ରତି ଦୟାଭାବ, ବିଜ୍ଞାନ ଆଧାରିତ ଯତ୍ନ ପ୍ରଦାନ କରିବାର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

# ବନ୍ଧୁମିଳନ





ଧରିତ୍ରୀର ୫୨ତମ ଜନ୍ମଦିବସ ଉପଲକ୍ଷେ ବୁଧବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।








ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି ଶ୍ରେଷ୍ଠ ଖବରଦାତା ୨୦୨୫ ଭାବେ ବାଲେଶ୍ୱର ଜିଲା ଖଇରା ବ୍ଲକର ଉତ୍କଳବନ୍ଧୁ ପଣ୍ଡା, ପୁରୀ ଜିଲା ଗୋପ ବ୍ଲକର ଭାରତୀ ଭୂଷଣ ଉପାଧ୍ୟାୟ, ଶ୍ରେଷ୍ଠ ଖବରଦାତା (ଡିଜିଟାଲ) ଦେବୀପ୍ରସାଦ ସାହୁ, ଆକାଉଣ୍ଟସ୍ ହେଡ୍ ପ୍ରତାପ କୁମାର ବେହେରା, ଛୁଟିଦିନର ବରିଷ୍ଠ ସହସମ୍ପାଦିକା ରୋଜାଲିନ ମହାନ୍ତି ଏବଂ ସମ୍ବଲପୁର ସଂସ୍କରଣର ମନୋଜ କୁମାର ମହାନ୍ତି।

## ସାଂସ୍କୃତିକ କାର୍ଯ୍ୟକ୍ରମର କିଛି ଝଲକ୍



ଫଟୋ: ବିକାଶ ନାୟକ



‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ବୁଧବାର ଧରିତ୍ରୀ ମୁଖ୍ୟାଳୟଠାରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ‘ବିକାଶ ସାଥୀ’ର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଣ୍ଡାଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫ର କ୍ଲାଇମେଟ୍ ଗ୍ରାଣ୍ଟ ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ବୁଧବାର ଧରିତ୍ରୀ ମୁଖ୍ୟାଳୟଠାରେ ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ-୨୦୨୫ର କ୍ଷୁଦ୍ର ଚଳଚ୍ଚିତ୍ର ‘ଟେଲ୍ ଅଫ୍ ଟ୍ରି’ର ନିର୍ମାତା ଶୁଭ୍ରାଂଶୁ ଶତପଥୀଙ୍କୁ ୩ୟ ଶ୍ରେଷ୍ଠ ବିଜେତା ଭାବେ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

**ପୁରୀ, ୧୭।୧୨ (ଅଜିତ୍ କୁମାର ମହାନ୍ତି)**

ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏଥର ଶ୍ରୀମନ୍ଦିର ଗର୍ଭଗୃହ ସହ ଚତୁର୍ଦ୍ଧା ବିଗ୍ରହଙ୍କ ଫଟୋ ଉଠାଯାଇଛି। ଏହି ଫଟୋ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍‌ରୁ ମୋବାଇଲ ଘୂରିବୁଲୁଛି। ଫଳରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିଲେ ସୁଦ୍ଧା ବାରମ୍ବାର ଏପରି ଘଟଣା ଦେଖିବାକୁ ମିଳୁଛି। ଚାରିଦ୍ୱାରରେ କଡ଼ା ଚେକିଂ ସତ୍ତ୍ୱେ ମନ୍ଦିର ଭିତରକୁ କିପରି ମୋବାଇଲ୍ ଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ପୋଲିସ ଓ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରାଯାଇଛି। ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜମାନ ଶ୍ରୀବିଗ୍ରହଙ୍କ ଫଟୋ ଏବଂ ବେଢାର ଫଟୋ ଅପଲୋଡ୍ କରିଥିବା ଦେଖିବାକୁ ମିଳିଛି।

# ୩ ଜିଲାରେ ପ୍ରବଳ ଥଣ୍ଡା, ୭ ଜିଲାରେ କୁହୁଡ଼ି

**ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)**

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ ସାଙ୍ଗକୁ ଘନ କୁହୁଡି ଦୃଶ୍ୟମାନ ହେଉଛି। ରାତି ତାପମାତ୍ରା ହ୍ରାସ ପାଉଥିବା ବେଳେ ୭ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୬ରୁ ୧୦ ଡିଗ୍ରୀ ମଧ୍ୟରେ ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ସେମିଲିଗୁଡାରେ ୫.୭ ଡିଗ୍ରୀ ରହିଥିବାବେଳେ କୋରାପୁଟରେ ୬, ଜି.ଉଦୟଗିରିରେ ୬.୬, ଝାରସୁଗୁଡାରେ ୭.୨, ଫୁଲବାଣୀରେ ୭.୫, ବୌଦ୍ଧରେ ୯.୪, ଅନୁଗୋଳରେ ୧୦, କିରେଇରେ ୧୦.୨, ରାଉରକେଲା ଏବଂ ଭବାନୀପାଟଣାରେ ୧୦.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି, ସୋନପୁର, କୋରାପୁଟ ଏବଂ ଝାରସୁଗୁଡା ଜିଲାରେ କୁହୁଡି ନେଇ ସତର୍କତା ଜାରି କରାଯାଇଛି। ଏଥିସହ ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର ଏବଂ କନ୍ଧମାଳ ଜିଲାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେବା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ଆଗାମୀ ୭ଦିନ ଯାଏ ପାଣିପାଗରେ କୌଣସି ପରିବର୍ତ୍ତନ ହେବାର ନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସୂତ୍ରଧର ଥିଲେ ଭଞ୍ଜଦେଓ

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର, ୧୭।୧୨ (ସୌମ୍ୟରଞ୍ଜନ ରାଉତ)**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅପାର ଗୁଣର ଅଧିକାରୀ। ରାଜା ଭାବରେ ସେ ଥିଲେ ପ୍ରଜାନୁରଞ୍ଜନ। ପ୍ରଜାମାନଙ୍କ ହିତ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକୀକରଣ ତଥା ଭାଷାଭିତ୍ତିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପାଇଁ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ମହାରାଜା ଭଞ୍ଜଦେଓ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ବୁଧବାର ସୂଚନା ଭବନଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସିଂଖୁଣ୍ଟିଆ କହିଲେ, ଭଞ୍ଜଦେଓଙ୍କ ପ୍ରଗତିଶୀଳ ଭାବନା, ପ୍ରଶାସନିକ ଦକ୍ଷତା ଓ ଲୋକ କଲ୍ୟାଣକାରୀ ପଦକ୍ଷେପ ମୟୂରଭଞ୍ଜକୁ ଭାରତର ସବୁଠାରୁ ଅଧିକ ଉନ୍ନତ ରାଜ୍ୟ ଭାବେ ଗଢି ଉଠିବାରେ ସାହାଯ୍ୟ କରିଥିଲା। ଉତ୍କଳ ଜନନୀର ଏହି ଯୋଗଜନ୍ମା ସୁଯୋଗ୍ୟ ସନ୍ତାନ ଆଜି ସମଗ୍ର ଓ ଜାତିର ଚିର ନମସ୍ୟ ବୋଲି ମନ୍ତ୍ରୀ କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ କହିଲେ, ମୟୂରଭଞ୍ଜ ତଥା ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଭଞ୍ଜଦେଓଙ୍କ ଅବଦାନ ଅବିସ୍ମରଣୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ ଖଣିଜ ସଂପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି ପ୍ରତିଟି କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବରେ ପ୍ରତିଫଳିତ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ କହିଲେ, ଭଞ୍ଜଦେଓ ଓଡିଶା ଏବଂ ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜର ରାଜା ହେଲେ ମଧ ସମଗ୍ର ଓ ସାମାଜିକ-ରାଜନୈତିକ ସଂସ୍କାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ ମତପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।




# ଦିବ୍ୟାଙ୍ଗଙ୍କୁ ନାଲ୍‌କୋର ଉପେକ୍ଷା ଅଭିଯୋଗ

## ଭିନ୍ନକ୍ଷମ ଦିବସରେ ଅନେକଙ୍କୁ ନିମନ୍ତ୍ରଣ, ସହାୟତା ମିଳିଲାନି

**ଅନୁଗୋଳ, ୧୭।୧୨ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ନାଲ୍‌କୋ କଲ୍ୟାଣମଣ୍ଡପରେ ଗତ ୩ ତାରିଖରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ କରାଯାଇଥିଲା। ନାଲ୍‌କୋ ପାରିପାର୍ଶ୍ୱିକ ତଥା କ୍ଷତିଗ୍ରସ୍ତ ଅଞ୍ଚଳରେ ଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ମର୍ଯ୍ୟାଦା, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ ସହ ସମାଜରେ ଏକତାର ସହିତ ରହିବା ପାଇଁ ସୁଯୋଗ ଦେବା, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ ନାଲ୍‌କୋ ପକ୍ଷରୁ ଅଞ୍ଚଳର ଅନେକ ଦିବ୍ୟାଙ୍ଗଙ୍କୁ ଉପେକ୍ଷା କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। କୌଣସି ସହାୟତା ମଧ ଯୋଗାଇ ଦିଆଯାଇ ନ ଥିବା କୁଲାଡ଼ ଗ୍ରାମର ଦିବ୍ୟାଙ୍ଗ ନରେଶ ସାହୁ ଏବଂ କୁରୁଡୁଲୁ ପଞ୍ଚାୟତ କରବେରେଣୀ ଗ୍ରାମର ଦିବ୍ୟାଙ୍ଗ ସଜ୍ଜନ ସର୍ଦ୍ଦାର ସିଂଙ୍କ ମା’ ରିତାରାଣୀ ପାତ୍ର ଅଭିଯୋଗ କରିଛନ୍ତି।

ନରେଶ ଓ ରିତାରାଣୀ କହିଛନ୍ତି, ନାଲ୍‌କୋ ପାରିପାର୍ଶ୍ୱିକ ୪୪ଟି ଗ୍ରାମରେ ବହୁ ଦିବ୍ୟାଙ୍ଗ ଥିବାବେଳେ ନାଲ୍‌କୋ ପକ୍ଷରୁ ପାଳନ କରାଯାଇଥିବା ଭିନ୍ନକ୍ଷମ ଦିବସକୁ ସେମାନଙ୍କ ମଧ୍ୟରୁ ମାତ୍ର କେତେଜଣଙ୍କୁ ଆମନ୍ତ୍ରଣ କରାଯାଇ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟ ଦିବ୍ୟାଙ୍ଗମାନଙ୍କ ପାଇଁ ଆସିଥିବା ଆବଣ୍ଟନ ସାମଗ୍ରୀଗୁଡ଼ିକୁ ରଖି ଦିଆଯାଇଥିଲା।




ଦିବ୍ୟାଙ୍ଗ ନରେଶ ସାହୁ ଏବଂ ସଜ୍ଜନ ସର୍ଦ୍ଦାର ସିଂ।

ଫଳରେ ଏହି ସୁବିଧା ପାଇବା ପାଇଁ ହକ୍‌ଦାର ଥିବା ବହୁ ଦିବ୍ୟାଙ୍ଗ ଏଥିରୁ ବଞ୍ଚିତ ହୋଇଥିଲେ। ସେହିପରି ନାଲ୍‌କୋ ଦ୍ୱାରା କ୍ଷତିଗ୍ରସ୍ତ ୪୪ଟି ଗ୍ରାମରେ କେତେ ଦିବ୍ୟାଙ୍ଗ ରହିଛନ୍ତି, ସେ ନେଇ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ତଥ୍ୟ ନାଲ୍‌କୋ ପକ୍ଷରୁ ସଂଗ୍ରହ କରା ନ ଯାଇ ଇଚ୍ଛାଧୀନ ଭାବେ ତାଲିକା ପ୍ରସ୍ତୁତ କରାଯାଉଛି। ଫଳରେ ଏହି ଗାଁଗୁଡିକରେ ଥିବା ଅନେକ ବିଦ୍ୟାଙ୍ଗ ନାଲ୍‌କୋରୁ କୌଣସି ପ୍ରକାର ସୁବିଧା ପାଇପାରୁ ନାହାନ୍ତି। ଏଥିପ୍ରତି ଗୁରୁତ୍ୱ ନ ଦେଇ ନାଲ୍‌କୋ କାରଖାନାର କ୍ଷମତା ବୃଦ୍ଧି ପାଇଁ ଆଗାମୀ ଦିନରେ ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟ କାର୍ଯ୍ୟ କରିବାକୁ ଯାଉଥିବାରୁ ତାହାକୁ ନଜରରେ ରଖି ଉକ୍ତ ପ୍ରୋଜେକ୍ଟ ଅଞ୍ଚଳରୁ ଦିବ୍ୟାଙ୍ଗମାନଙ୍କୁ ଡାକି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ସାମିଲ କରି ବିଭିନ୍ନ ସାମଗ୍ରୀ ବାଣ୍ଟିଥିବା ଅଭିଯୋଗ ହୋଇଛି। ନାଲ୍‌କୋରୁ ନିର୍ଗତ କ୍ଷତିକାରକ ଗ୍ୟାସ୍ ପ୍ରଭାବରେ ଆସି କ୍ଷତିଗ୍ରସ୍ତ ଅଞ୍ଚଳର କେତେଜଣ ବ୍ୟକ୍ତି ଦିବ୍ୟାଙ୍ଗ ହେଲେଣି। ତେଣୁ ବିଷାକ୍ତ ଗ୍ୟାସ୍‌ର ପ୍ରଭାବ ରୋକିବା ପରିବର୍ତ୍ତେ ନାଲ୍‌କୋ ହାତଗଣତି ଦିବ୍ୟାଙ୍ଗଙ୍କୁ ସହାୟତା ଦେଇ ଖୁସି କରିବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି।

ନରେଶ କହିଛନ୍ତି, ପୂର୍ବରୁ ନାଲ୍‌କୋରେ କାଜୁଆଲ ଲେବର ଭାବେ କାମ କରୁଥିଲେ। ୩୦ ବର୍ଷ ତଳେ ଏକ ଦୁର୍ଘଟଣାରେ ଦୁଇ ଗୋଡ଼ ହରାଇ ଦିବ୍ୟାଙ୍ଗ ପାଲଟିଗଲେ। ସେ ଜଣେ ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜା। ତାଙ୍କ ଜମି ନାଲ୍‌କୋ କାରଖାନା ପାଇଁ ଅଧିଗ୍ରହଣ ହୋଇଛି। ହେଲେ ଭିନ୍ନକ୍ଷମ ଦିବସରେ ନାଲ୍‌କୋ ତାଙ୍କୁ ହ୍ୱିଲ ଚେୟାର କିମ୍ବା ଟ୍ରାଇ ସାଇକେଲଟିଏ ଦେଇପାରି ନାହିଁ। ସେହିପରି ରିତାରାଣୀ କହିଛନ୍ତି, ସେ ହେଉଛନ୍ତି ନାଲ୍‌କୋ କ୍ଷତିଗ୍ରସ୍ତ ପ୍ରଜା। ନାଲ୍‌କୋ ପାଇଁ ତାଙ୍କର ଜମି ଯାଇଛି। ପୁଅ ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବାରୁ ସହାୟତା ପାଇଁ ବିଭିନ୍ନ ସ୍ଥାନରେ ଆବେଦନ କରିଛନ୍ତି। କିନ୍ତୁ ନାଲ୍‌କୋ ପକ୍ଷରୁ ଭିନ୍ନକ୍ଷମ ଦିବସରେ ସହାୟତା କରାଗଲା ନାହିଁ। କ୍ଷତିଗ୍ରସ୍ତ ଦିବ୍ୟାଙ୍ଗ ପ୍ରଜାମାନଙ୍କ ପ୍ରତି ଏହା ନାଲ୍‌କୋର ଏକ ପ୍ରକାର ବିଶ୍ୱାସଘାତକତା ବୋଲି ରିତାରାଣୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ସମ୍ପର୍କରେ ନାଲ୍‌କୋ ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ର କହିଛନ୍ତି, ଜିଲା ପ୍ରଶାସନର ତାଲିକା ଅନୁସାରେ ଭିନ୍ନକ୍ଷମ ଦିବସରେ ବିଭିନ୍ନ ସହାୟତା ଯୋଗାଇ ଦିଆଯାଇଛି। ଏହାପରେ ମଧ ଯଦି କୌଣସି ହିତାଧିକାରୀ ବଞ୍ଚିତ ଅଛନ୍ତି, ସେମାନେ ଆବେଦନ କଲେ ସହାୟତା ଯୋଗାଇ ଦିଆଯାଇପାରିବ।

## ଓଏସ୍‌ଏସ୍‌ଟିଇଟି ଫର୍ମପୂରଣ ଅବଧି ୨୦ ଯାଏ ବଢ଼ିଲା

**କଟକ, ୧୭।୧୨ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ୨୦୨୫ ଫର୍ମପୂରଣ ଅବଧି ଆସନ୍ତା ୨୦ ତାରିଖ ମଧ୍ୟରାତ୍ର ଯାଏ ବଢ଼ାଇ ଦିଆଯାଇଛି। ଗତ ଡିସେମ୍ବର ୬ରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ ଫର୍ମପୂରଣ ପ୍ରକ୍ରିୟାର ଅବଧି ଡିସେମ୍ବର ୧୭ ତାରିଖ ମଧ୍ୟରାତ୍ରରେ ଶେଷ ହେବାର ଥିଲା। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ୨୪ ଘଣ୍ଟିଆ ଲିଙ୍କ୍ ଉପଲବ୍ଧ ରହିଛି। ଫର୍ମପୂରଣ ପାଇଁ ଆବେଦନକାରୀଙ୍କ ଯୋଗ୍ୟତା, ପାଠ୍ୟକ୍ରମ ଓ ନିର୍ଦ୍ଦେଶାବଳୀ ମଧ ୱେବ୍‌ସାଇଟ୍‌ରେ ରହିଛି।

# ଫିଲ୍ମ ପ୍ରଯୋଜକ ରବୀନ୍ଦ୍ର ସାହୁଙ୍କ ପରଲୋକ

**କେନ୍ଦ୍ରାପଡ଼ା, ୧୭।୧୨ (ଜଗନ୍ନାଥ ଧଳ)**

ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ଦୁଃଖ ଖବର। ଫିଲ୍ମଜଗତକୁ ୨୦ରୁ ଊର୍ଦ୍ଧ୍ୱ ଫିଲ୍ମ ଦେଇଥିବା ବରିଷ୍ଠ ପ୍ରଯୋଜକ ରବୀନ୍ଦ୍ର ସାହୁ (୮୧)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ସମ୍ପର୍କରେ ପୁଅ ବିଜେଡି ରାଜ୍ୟ ସମ୍ପାଦକ ରଣଜିତ ସାହୁ ସୂଚନା ଦେଇଛନ୍ତି। କିଛିଦିନ ଧରି ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ସେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସାହୁ ଚଳଚ୍ଚିତ୍ର ଜଗତର ଜଣେ ସ୍ୱନାମଧନ୍ୟ ପ୍ରଯୋଜକ। ୧୯୮୭ରେ ‘ଏଇତ ଦୁନିଆ’ ଚଳଚ୍ଚିତ୍ରର ନିର୍ମାତା ଥିଲେ। ପରେ ୧୯୯୧ରେ ବସ୍ତ୍ରହରଣ, ୧୯୯୨ରେ ନାଗ ପଞ୍ଚମୀର ପ୍ରଯୋଜନା କରିଥିଲେ। ୨୦୦୭ରେ ତାଙ୍କର ଶେଷ ଫିଲ୍ମ ରସିକନାଗର ମୁକ୍ତିଲାଭ କରିଥିଲା। ଏହାବ୍ୟତୀତ ପାଚେରୀ ଉଠିଲା ମଝି ଦୁଆରୁ, କୁଳନନ୍ଦନ, ଶାଶୁ ହାତକଡି ଭାଉଜ ହାତେ ବେଡି, କୋଟିଏରେ ଗୋଟିଏ, ମଣି ନାଗେଶ୍ୱରୀ, ଆଲୋ ମୋର କଣ୍ଢେଇ ଆଦି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। କେନ୍ଦ୍ରାପଡ଼ା ସହରରେ ଭାସ୍କର ଟକିଜ୍ ନିର୍ମାଣ କରି ଚଳଚ୍ଚିତ୍ରକୁ ପ୍ରୋତ୍ସାହନ ଦେଇଥିଲେ। ଏଥିସହ ସେ ରାଜନୀତିରେ ରହି ସ୍ଥାନୀୟ ଅଞ୍ଚଳର ବିକାଶରେ ନିଜର କୃତିତ୍ୱର ଛାପ ଛାଡ଼ିଛନ୍ତି। ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ମଧ ଥିଲେ। ଏଥିସହ ପୂର୍ବରୁ କେନ୍ଦ୍ରାପଡ଼ା ପୌରପାଳିକାର କାଉନ୍‌ସିଲର, କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରୁ ବିଧାନସଭା ନିର୍ବାଚନରେ ଭାଜପା ଟିକେଟରେ ପ୍ରାର୍ଥୀ ହୋଇଥିଲେ। ସମାଜସେବାକୁ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ବୋହୂ ସରିତା ସାହୁ କେନ୍ଦ୍ରାପଡ଼ା ପୌରପାଳିକାର ପୌରାଧ୍ୟକ୍ଷା ଅଛନ୍ତି। ତାଙ୍କ ସ୍ତ୍ରୀଙ୍କ ସହ ୫ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସାହୁଙ୍କ ମୃତ୍ୟୁରେ ବହୁ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତି, ଫିଲ୍ମ ଜଗତର ବହୁ କଳାକାର, ପ୍ରଯୋଜକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରମୁଖ ମରଶରୀରକୁ ଶ୍ରଦ୍ଧାଞ୍ଜଳି ଦେବା ସହ ଶୋକବାର୍ତ୍ତା ଦେଇଛନ୍ତି।



# ଋଣ ଦେବାକୁ ବ୍ୟାଙ୍କର ହାତ ଥରୁଛି

**ଭୁବନେଶ୍ୱର, ୧୭।୧୨ (ରବିନାରାୟଣ ଜେନା)**

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟର କୃଷକ, ମହିଳା ଓ ଯୁବବର୍ଗଙ୍କ ବିକାଶ କିଭଳି ହେବ ସେଥିନେଇ ପ୍ରସ୍ତୁତ ହେଉଛି ଯୋଜନା ପରେ ଯୋଜନା। ହେଲେ ଏସବୁ ଯୋଜନାର ସଫଳ ରୂପାୟନ କରିବାରେ ଯେଉଁ ଅଂଶୀଦାରଙ୍କ ପ୍ରମୁଖ ଭୂମିକା ରହିଛି ସେମାନେ ଠିକଣା ଭାବେ ତାହା ନିର୍ବାହ କରୁନାହାନ୍ତି। ଫଳରେ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ଏହି କ୍ରମରେ ପ୍ରତିବର୍ଷ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନକୁ ନେଇ ସରକାରଙ୍କ ପକ୍ଷରୁ ‘ଏମ୍‌ପ୍ୟାନେଲ୍‌ମେଣ୍ଟ’ କରାଯାଇଥାଏ। ସେଥିରେ ବ୍ୟାଙ୍କକୁ କୃଷକ ଓ ବିଭିନ୍ନ ଯୁବବର୍ଗଙ୍କୁ ଋଣ ଦେବାକୁ ଟାର୍ଗେଟ୍ ପ୍ରଦାନ କରାଯାଉଛି। ହେଲେ କେତେକ ବ୍ୟାଙ୍କ ଏସବୁ କ୍ଷେତ୍ରରେ ଋଣ ଦେବାବେଳକୁ ହାତ ଥରୁଛି। ବ୍ୟାଙ୍କ ନିକଟକୁ ଆବେଦନକାରୀମାନେ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଯେଉଁ ଆବେଦନ ସଫଳ ପୋର୍ଟାଲ ଜରିଆରେ ପହଞ୍ଚୁଛି ସେଥିରୁ ଅର୍ଦ୍ଧାଧିକ ପୂର୍ଣ୍ଣାଙ୍ଗ ତଥ୍ୟ(ଡିପିଆର୍) ଅଭାବ ଦର୍ଶାଇ ‘ରିଜେକ୍ଟ’ କରାଯାଉଥିବାବେଳେ ଅବଶିଷ୍ଟ ଆବେଦନଗୁଡ଼ିକ ବିଚାର ଆଳରେ ଗଡୁଛି। ଏହିଭଳି ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନ ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ଋଣ ପାଇଁ ଆବେଦନକରି ନିରାଶ ହେଉଥିବା ପରିଲକ୍ଷିତ ହୋଇଛି।

## ‘ଡିପିଆର୍’ ସାଜିଛି ବାଧକ

ଗୋଟିଏପଟେ ସରକାର ମତ୍ସ୍ୟ, ଅଣ୍ଡା ଓ ମାଂସରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି, ହେଲେ କେତେକ ବ୍ୟାଙ୍କର ଏଭଳି ପ୍ରଦର୍ଶନ ଆବେଦନକାରୀ ଓ ସରକାରୀ ଅଧିକାରୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶକ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଆଉ କେତେକ କ୍ଷୁଦ୍ର ବ୍ୟାଙ୍କକୁ ତାଗିଦ୍ କରିଥିବା ଜଣାଯାଇଛି।

ବ୍ୟାଙ୍କର୍ସ କମିଟିକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଟର୍ମ ଲୋନ୍(ମିଆଦୀ ଋଣ) ଲାଗି ‘ସଫଳ’ ପୋର୍ଟାଲରେ ୨୯୩୯ ଯୁବବର୍ଗ ଋଣ ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୫୯୧ଟି ଆବେଦନକୁ ବ୍ୟାଙ୍କ ପକ୍ଷରୁ ‘ରିଜେକ୍ଟ’ କରିଦିଆଯାଇଛି। ଅବଶିଷ୍ଟ ଆବେଦନ ମଧ୍ୟରୁ ୬୨ଟିକୁ ବିଚାରକୁ ନେଇ ଋଣ ଅନୁମୋଦନ କରାଯାଇଥିବାବେଳେ ୬୨୮ଟି ଆବେଦନ ଫେରାଇ(ରିଭର୍ଟ) ଦିଆଯାଇଛି। ଅନୁରୂପ ଭାବେ ଶସ୍ୟଋଣ କ୍ଷେତ୍ରରେ ଜିଲାସ୍ତରୀୟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କକୁ ୧ ଲକ୍ଷ ୧୧ ହଜାର ୪୨ ଆବେଦନ ‘ସଫଳ’ ପୋର୍ଟାଲ ଜରିଆରେ ଆସିଥିଲା। ସେଥିମଧ୍ୟରୁ ୭୫ ହଜାର ୨୮୬ଟିରେ ଅନୁମୋଦନ ହୋଇଥିବାବେଳେ ୨୩୬୯ଟି ଆବେଦନକୁ ରିଜେକ୍ଟ କରାଯାଇଛି। ୨୦୫୫ଟି ଆବେଦନ ରିଭର୍ଟ କରାଯାଇଥିବାବେଳେ ୧୧ ହଜାର ୩୦୮ ଆବେଦନ ଏବେ ବି ବ୍ୟାଙ୍କ ନିକଟରେ ଗଡୁଛି। ତେବେ ବ୍ୟାଙ୍କ ପକ୍ଷରୁ ଋଣ ଆବେଦନଗୁଡ଼ିକ ରିଜେକ୍ଟ ପଛର କାରଣ କ’ଣ ବୋଲି ବିଭାଗ ପକ୍ଷରୁ ଖୋଳତାଡ଼ କରାଯାଇଥିଲା। ଅନୁସନ୍ଧାନରୁ ଜଣାଯାଇଛି, ଅଧିକାଂଶ(୩୯.୪୧%) ଋଣ ଆବେଦନରେ ‘ଡିପିଆର୍’ ନ ଥିବାବେଳେ ୧୯.୯୨ପ୍ରତିଶତ ଆବେଦନ ଠିକ୍ ଭାବେ ହୋଇନାହିଁ। ୧୩.୮୩ପ୍ରତିଶତ ଆବେଦନ ପରିତୃପ୍ତି ନ ଥିବାବେଳେ ୭.୧୦% ଆବେଦନ କ୍ଷେତ୍ରରେ ବ୍ୟାଙ୍କଠାରୁ ଆବେଦନକାରୀ ଅପହଞ୍ଚ କାରଣ ଭାବେ ଦର୍ଶାଯାଇଛି। ଏହାବାଦ୍ ଅନ୍ୟ ଆବେଦନଗୁଡ଼ିକ ମଧ୍ୟରେ ଆବଶ୍ୟକ କାଗଜପତ୍ର ଠିକ୍ ନ ଥିବା, କୋଲାଟେରାଲ ସିକ୍ୟୁରିଟି ହିତାଧିକାରୀ ଯୋଗାଇପାରି ନ ଥିବା ଭଳି ସମସ୍ୟା ରହିଛି। ଏହାକୁ ନେଇ ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକ ବିରକ୍ତି ପ୍ରକାଶ କରିବା ସହିତ ଏକ୍ଷେତ୍ରରେ ଲୋକେ ଯେଭଳି ଅଧିକ ସଚେତନ ହୋଇପାରିବେ ଏବଂ ସରକାରୀ ସୁବିଧା ନେଇପାରିବେ ସେଦିଗରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଯୁଗ୍ମ କର୍ମଶାଳା ଆୟୋଜନ କରିବାକୁ ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ରାଜ୍ୟ ସରକାରଙ୍କ ସତ୍ୟପାଠ ଦାଖଲ

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ଜନସ୍ୱାର୍ଥ ମାମଲା

**କଟକ, ୧୭।୧୨ (କାର୍ତ୍ତିକ ସାହୁ)**

ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ନେଇ ହୋଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ରାଜ୍ୟ ସରକାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେଙ୍କ ପକ୍ଷରୁ ଦାଖଲ ସତ୍ୟପାଠ ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗାଇଡଲାଇନ ଅନୁସାରେ ୨ଟି ରାଜ୍ୟସ୍ତରୀୟ ହୋଲ୍ଡିଂ ସେଣ୍ଟର/କ୍ୟାମ୍ପ ଓ ୧୯ଟି ଜିଲାସ୍ତରୀୟ ହୋଲ୍ଡିଂ ସେଣ୍ଟର କରାଯାଇଛି। ବାଂଲାଦେଶୀ ଅନୁପ୍ରବେଶକରୀଙ୍କୁ ଚିହ୍ନଟ, ଅଟକ ଓ ସେମାନଙ୍କୁ ଦେଶାନ୍ତରୀକରଣ ପାଇଁ ସବୁ ଜିଲାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇଛି। ରାଜ୍ୟରେ ମୋଟ ୨୨୫୯ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଥିଲା। ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୨୧୭୬ ଜଣ ଭାରତୀୟ ବୋଲି ଚିହ୍ନଟ ହେବାରୁ ସେମାନଙ୍କୁ ଛାଡ଼ି ଦିଆଯାଇଛି। ଡିସେମ୍ବର ୧୨ ତାରିଖ ସୁଦ୍ଧା ପ୍ରସ୍ତୁତ ରିପୋର୍ଟ ମୁତାବକ ଅବଶିଷ୍ଟ ୮୩ ଜଣଙ୍କ ମଧ୍ୟରୁ ୭୫ଜଣ ବାଂଲାଦେଶ ଚିହ୍ନଟ ହୋଇଥିବା ବେଳେ ୮ଜଣଙ୍କ ଚିହ୍ନଟ ସରିନାହିଁ। ଚିହ୍ନଟ ୭୫ଜଣ ମଧ୍ୟରୁ ୪୯ଜଣଙ୍କୁ ବାଂଲାଦେଶ ପଠାଇ ଦିଆଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱର ସହରାଞ୍ଚଳରେ ୨୪, କଟକ ସହରାଞ୍ଚଳରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ା ୩, ଗଞ୍ଜାମରେ ୧, ଜଗତ୍‌ସିଂହପୁରରେ ୨୧, କନ୍ଧମାଳରେ ୪, କୋରାପୁଟରେ ଜଣେ ଅଛନ୍ତି। ଆଉ ୨୪ଜଣ ବାଂଲାଦେଶ ଫେରିବା ପାଇଁ ଅଛନ୍ତି ଓ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଦର୍ଶାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ କ୍ଷେତ ମଜ୍ଦୁର ୟୁନିୟନ୍ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମହିଳା ନେତୃତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଆଇଏନ୍‌ଟିୟୁସି ରାଜ୍ୟ ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ସରଗି ଫୁଲ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ତାଲିମ ସମ୍ମେଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ସମ୍ବାଦକେନ୍ଦ୍ର ପକ୍ଷରୁ 'ମୋ ପରିବାର-ସମର୍ଥ ପରିବାର' ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ସୂଚନାଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାବିଦ୍ୟାଳୟ ପରିସର, ୪୨ ମୌଜା, ଦଧିବାମନପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବାଲେଶ୍ୱର

- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବାର୍ଷିକ ରୁଦ୍ରାଭିଷେକ ଓ ଯଜ୍ଞ, ସ୍ଥାନ: ବାବା ବାଳକେଶ୍ୱର ମହାଦେବ ମନ୍ଦିର ପରିସର, ରାଉତପଡ଼ା, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମା' ପଞ୍ଚୁଘଣ୍ଟେଶ୍ୱରୀ ମନ୍ଦିର ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇର ଶତବାର୍ଷିକୀ ସମାରୋହ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା,ସ୍ଥାନ:ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ, ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା୩୦।
- ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା,ସ୍ଥାନ:ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଳସାହି, ଧୂଷୁରୀ,ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ପଞ୍ଚାୟତ ହାଇସ୍କୁଲ, ବିନାୟକପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: କପିଳ ମୁନି ପଡ଼ିଆ, ବିଦେଇପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବାଣିଜ୍ୟ ମେଳା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ମାକ୍ରୋୱେଭ୍ ଟେକ୍ନୋଲୋଜି ପରିସର, ଜଗନ୍ନାଥପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗୋଲକ ଚନ୍ଦ୍ର ସାମଲଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବଡ଼େଇଗଡ଼ିଆ, ବୋଡ଼କ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସମବାୟ ସମିତିର ବାର୍ଷିକ ଅଧିବେଶନ, ସ୍ଥାନ: ବାରସର, ତିହିଡ଼ି, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର

- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ : ବେରୁଣପଦି, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା ।

## ମୟୂରଭଞ୍ଜ

- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ ମ୍ୟାଚ, ସ୍ଥାନ: ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ବ୍ରହ୍ମପୁର

- ସ୍ୱତନ୍ତ୍ର କର୍ପୋରେଶନ ବୈଠକ, ସ୍ଥାନ ବିଏମସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ଖେଳ ପଡ଼ିଆ, ସମୟ: ଅପରାହ୍ନ ୨ ଟା।

## ଜଗତ୍‌ସିଂହପୁର

- ବେଥାନୀ କନଭେଣ୍ଟ ସ୍କୁଲର ୧୮ତମ ବାର୍ଷିକ କ୍ରୀଡା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ଖେଳପଡିଆ, ମଧୁବନ, ପାରାଦୀପ, ସମୟ: ସକାଳ ୮ ଟା।
- ନବପ୍ରଭାତ ଶିଶୁ ମନ୍ଦିର ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବୃନ୍ଦାବନ କଲୋନୀ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଓଷ୍ଟା ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ଭଗବତୀ ସରକାରୀ ହାଇସ୍କୁଲ, ବେଲାରପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ୧୬ ତମ ବିଶ୍ୱଶାନ୍ତି ଚଣ୍ଡୀଯଜ୍ଞ ଆରମ୍ଭ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲି, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଯାଜପୁର କୁସୁମା ପୁଷ୍କରିଣୀ ସମ୍ମୁଖ ପ୍ରଶାସନିକ ପଡିଆ, ସମୟ: ଅପରାହ୍ନ ୨ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଲଣ ପଡିଆ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୨୨ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା । ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଦ୍ଦଶ ଦିବସରେ ଅୟୋଜକ ବରୁଣେଇ କଣ୍ଟିଲୋ ବନାମ ଭାପୁର ଭୋଗଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ।
- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସରେ ଭାଇଜାଗ୍ ବନାମ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଲିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ୧୭ ବର୍ଷରୁ କମ ବାଳକ ବାଳିକା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୁହ ନେଟବଲ୍ ପ୍ରତିଯୋଗିତାର ଉଦ୍‌ଯାପନ ଦିବସ, ସ୍ଥାନ: ରଣପୁର ବି.ସି. ହାଇସ୍କୁଲ, ସମୟ: ଅପରାହ୍ନ ୨ଟା ।
- ଶୁଭମ ମେମୋରିଆଲ ଭଲି ଟୁର୍ନାମେଣ୍ଟର ୨ୟ ଦିବସରେ ଲେଙ୍କୁଡିପଡା ବନାମ ଦୁର୍ଗାପ୍ରସାଦ, ସ୍ଥାନ: ନୟାଗଡ ଦକ୍ଷୀଣକାଳୀ ପଡିଆ, ସମୟ: ଅପରାହ୍ନ ୩ଟା ୩୦ ।

## ରାୟଗଡ଼ା

- ଚଇତି କ୍ରିକେଟର ଫାଇନାଲ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ସକାଳ ୯ଟା।
- ଚଇତି ପାଇଁ ସରକାରୀ, ସାମ୍ବାଦିକ ଏବଂ ଓକିଲଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ପିଏମଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ତେନ୍ତୁଲିଖୁଣ୍ଟି, ସମୟ : ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଖାତିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରେଡକ୍ରସ ତାଲିମ ଓ ପ୍ରଶିକ୍ଷଣ କ୍ୟାମ୍ପ, ସ୍ଥାନ: ସରକାରୀ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ କୋଷାଗୁମୁଡା, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ଜୁନିଅର ରେଡ଼କ୍ରସର ଶିକ୍ଷା ଓ ଶିବିର, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଷାଗୁମୁଡା, ସମୟ : ପୂର୍ବାହ୍ନ ୧୧ଟା।
- ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- କାଉଡିଆଗୁଡ଼ା କନ୍ୟାଶ୍ରମ ବାର୍ଷିକ ଉତ୍ସବ, ସ୍ଥାନ: କାଉଡିଆଗୁଡ଼ା, କୁନ୍ଦୁରା ବ୍ଲକ୍, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଓ ମହିଳା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ : ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ : ସକାଳ ୯ଟା ।
- ସୌନ୍ଦର୍ଯ୍ୟ ସଚେତନତା ଓ ପ୍ରଶିକ୍ଷଣ ଶିବିର, ସ୍ଥାନ:ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାତି କଲୋନୀସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ : ପୂର୍ବାହ୍ନ ୧୦ଟା ।
- କ୍ଷେତରାଜପୁର ଯୁବାମଞ୍ଚ ଏବଂ ଓଡିଶା ରାଜସ୍ଥାନ ଫାଉଣ୍ଡେଶନ ପକ୍ଷରୁ ମାରୱାଡ ମହୋତ୍ସବ-୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବ ସ୍ଥଳ, ସମୟ : ଅପରାହ୍ନ ୫ଟା ।
- ସମ୍ବଲପୁର ଲୋକ ମହୋତ୍ସବର ମଞ୍ଚ ଓ ପ୍ରେକ୍ଷାଳୟ ଉପସମିତିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ତୃତୀୟ ଦିବସ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।

# ମୋଦି, ଶାହା ଗଣତନ୍ତ୍ର ବିରୋଧୀ: ଭକ୍ତ

## କଂଗ୍ରେସର ଭାଜପା ରାଜ୍ୟ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୧୭।୧୨
(ରବିନାରାୟଣ ଜେନା)

ବିନା ଏତଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯେପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ବ୍ୟବହାରକରି ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗରେ କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ନିର୍ଯାତନା ଦେଲେ, ତାହା ସାରା ଦେଶବାସୀ ଦେଖିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏବେ ସୋନିଆ ଏବଂ ରାହୁଲଙ୍କୁ ଦୋଷମୁକ୍ତ କରିବା ସହ ଇଡିକୁ ଭର୍ତ୍ସନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କ ପାଇଁ ଏହାଠାରୁ ବଳି ଲଜ୍ଜାଜନକ ଘଟଣା ଆଉ କ'ଣ ବା ଥାଇପାରେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ଘେରାଉ ସମୟରେ ଭକ୍ତ କହିଛନ୍ତି, ମୋଦି ଏବଂ ଶାହା ଗଣତନ୍ତ୍ରବିରୋଧୀ। କ୍ଷମତାର ଅହଂକାରରେ ବଶବର୍ତ୍ତୀ ହୋଇ ସାମ୍ବିଧାନିକ ଅନୁଷ୍ଠାନକୁ ଦୁରୁପଯୋଗ କରୁଛନ୍ତି। କଂଗ୍ରେସକୁ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ଭୋଟ ଚୋରିଠାରୁ ଆରମ୍ଭ କରି ମିଥ୍ୟା ମାମଲାରେ ଫସାଇବାକୁ ଅପଚେଷ୍ଟା କରିଛନ୍ତି। ହେଲେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ କଂଗ୍ରେସର ନୈତିକ ତଥା ବଡ଼ ବିଜୟ ହୋଇଛି। ଏହାକୁ ସାରା ଦେଶବାସୀ ଅନୁଭବ କରିସାରିଲେଣି। ସମୟ ଆସିଲେ ଏହାର ଦୃଢ଼ ଜବାବ ଦିଆଯିବ। ଭକ୍ତ ପୁଣି କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ଅପରାଧର ଅପରାଧୀ। ନ୍ୟାଶନାଲ ହେରାଲ୍ଡ ଦେଶର ସ୍ୱାଧୀନତା ସଂଗ୍ରାମ ପାଇଁ ବ୍ୟବହାର କରାଯାଇଥିଲା। ଏଥିରେ ଦୁର୍ନୀତିର କୌଣସି ଚିହ୍ନବର୍ଣ୍ଣ ନ ଥିଲା। ସୁପ୍ରିମ୍‌କୋର୍ଟ ନିର୍ଦ୍ଦୋଷ ପ୍ରମାଣିତ କରିବାପରେ ଏବେ ମୋଦି ଓ ଶାହା ଦେଶ ସମ୍ମୁଖରେ କ୍ଷମାପ୍ରାର୍ଥନା କରନ୍ତୁ ନଚେତ୍ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ଭାଜପା ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ଆନ୍ଦୋଳନରତ କର୍ମୀମାନେ ମୋଦି ଓ ଶାହା ବିରୋଧୀ ସ୍ଲୋଗାନ୍‌ମାନ ଦେଇଥିଲେ। ମାଷ୍ଟରକ୍ୟାଣ୍ଟିନ ଛକ ପରେ ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ କଂଗ୍ରେସ କର୍ମୀଙ୍କୁ ଅଟକାଇଥିଲା। ସେଠାରେ ପୋଲିସ ଓ କର୍ମୀଙ୍କ ମଧ୍ୟରେ କିଛି ସମୟ ପାଇଁ ବାକ୍‌ବିତଣ୍ଡା ଦେଖାଦେଇଥିଲା। ପରେ ପୋଲିସ ଆଇନଶୃଙ୍ଖଳା ରକ୍ଷା କରିବାକୁ ଯାଇ ଆନ୍ଦୋଳନରତ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା। ଏହି ଶୋଭାଯାତ୍ରାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଜଗନ୍ନାଥ ପଟ୍ଟନାୟକ, ସୁରେଶ ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଅରବିନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ଫଳେ ପେଣ୍ଡା ପେଣ୍ଡା,
କଇଁଆ ଫଳେ ବଙ୍କା,
ପୁଅ ଯାଇଥିଲା ପୁରସ୍ତମ
ଆଣିଛି ଅଣ୍ଟିଏ ଟଙ୍କା ।**

ପିଲା ଯେବେ ନିଜ ଗୋଡ଼ରେ ଛିଡ଼ାହୋଇଯାଏ ସେତେବେଳେ ବାପା ମା'ଙ୍କ ମନ ଖୁସିରେ ଦ୍ୱିଗୁଣିତ ହୋଇଯାଏ। ଭଲ ରୋଜଗାର କରି ଚଳୁଥିବାର ଦେଖିଲେ ମନ କୁଣ୍ଢେମୋଟ ହୋଇଯାଏ। ଏପରିସ୍ଥଳେ ବିଦେଶରେ ରହି ଧନ ଉପାର୍ଜନ କରୁଥିବା ପୁଅର ପାରିବା ପଣିଆକୁ ନେଇ ଅନ୍ୟ ଆଗରେ କହି ବୁଲି ଗର୍ବ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଜି କାଲି ହୋଇ ପୂରିଲା ମାସ
ଲେଉଟ ବୋଲୁଛି କାଲିକି ଆସ ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧକରି ପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୩ ବର୍ଷ ମଧ୍ୟରେ ...

ପାଠ୍ୟକ୍ରମ ଢାଞ୍ଚା ଆଧାରରେ ରାଜ୍ୟରେ ପାଠ୍ୟକ୍ରମ ଆରମ୍ଭ ହେବ। ପ୍ରାଥମିକ ସ୍ତରରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ପାଇଁ ଅନୁମୋଦନ ଦିଆଯାଇଛି । ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଢାଞ୍ଚାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ ବୋଲି ସେ କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ହେବ। ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିସହ ବ୍ରହ୍ମପୁର-ଜୟପୁର ୬ ଲେନ ବିଶିଷ୍ଟ ରାସ୍ତା ପାଇଁ ୬ ହଜାର କୋଟି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗ୍ରେଟର ବ୍ରହ୍ମପୁର ସିଟି ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବାପାଇଁ ସହରରେ ଟାଉନ ପ୍ଲାନିଂ ଲାଗୁ କରାଯିବ। ବର୍ତ୍ତମାନ ଦୁଇଟି ଟାଉନ ପ୍ଲାନିଙ୍ଗ ସ୍କିମ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହିତ ଜମି ମାଲିକମାନେ ମଧ୍ୟ ଉପକୃତ ହେବେ ବୋଲି ସେ କହିଛନ୍ତି। ବ୍ରହ୍ମପୁର ସହରର ଖାଦ୍ୟର ପ୍ରସିଦ୍ଧିକୁ ଦେଖି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ ଷ୍ଟ୍ରିଟ ନିର୍ମାଣ କରାଯିବ। ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲାର ଭୂମିକା ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସ୍କୁଲରେ ଅବହେଳା, ...

ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବିଦ୍ୟାଳୟକୁ ନିଆଯାଇଥିବା ଜଣାପଡ଼ିଛି। ୩ ଫୁଟ୍‌ର ନାମଫଳକ ପଡ଼ି ଛାତ୍ରଙ୍କ ମୃତ୍ୟୁ କିଭଳି ହେଲା ବୋଲି ପ୍ରଶ୍ନ କରିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ମିଛ କହୁଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ରଙ୍କ ପରିବାର ଲୋକେ ଓ ଗ୍ରାମବାସୀ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଜାତୀୟ ରାଜପଥ ଅପରାହ୍ନରୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ। ଛାତ୍ର ମୃତ୍ୟୁ ରହସ୍ୟଜନକ ବୋଲି ପରିବାର ଲୋକେ କୋଟପାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଖବର ପାଇ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି ଓ ସ୍ଥାନୀୟ ବିଡିଓ ମନୋଜ କୁମାର ନାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ପଦ୍ମିନୀ ଦିଆନ, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଜିଲା ପରିଷଦ ସଭ୍ୟ ଗୀତା ମାଝୀ ଓ ତ୍ରିପତି ଚାଲାଣ ପ୍ରମୁଖ ବିଜେଡି କର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରଶାସନର ଅବହେଳା ଯୋଗୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଟ୍ୱିଙ୍କଲ ସେଠୀ, ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ ଓ ବିଡିଓ ନାୟକ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଲୋକେ ଏହାକୁ ମାନି ନ ଥିଲେ। ଏହା ପରେ ପିଏ ଆଇଟିଡିଏ ତୃପ୍ତି ବରେଇ, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଓ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ ନଗଦ ୫୦ ହଜାର ଦେଇଥିଲେ। ବଳକା ଦେଢ଼ ଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଦୀର୍ଘ ୫ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ରାସ୍ତାର ୨ ପାର୍ଶ୍ୱରେ ଶତାଧିକ ଭାରିଯାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଘଟଣା ପରେ କେତେକ ଗଣମାଧ୍ୟମ ପ୍ରତିନିଧି ସ୍କୁଲ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ଗେଟ୍ ଖୋଲିବାକୁ ସ୍କୁଲ କର୍ମଚାରୀଙ୍କ କହିଥିଲେ। କିନ୍ତୁ କେହି ଗେଟ୍ ଖୋଲି ନ ଥିବାରୁ ଗଣମାଧ୍ୟମକୁ ଭିତରକୁ ନ ଛାଡ଼ିବା ନେଇ ପ୍ରଶ୍ନ ଉଠିଛି।

## ଅତିଥି ଅଧ୍ୟାପିକାଙ୍କୁ ...

ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ୧୦ ଟା ୫୫ ମିନିଟ୍‌ରେ ରୁଦ୍ର ମିଶ୍ର ନିଜକୁ ଅଧ୍ୟାପକ ପରିଚୟ ଦେଇ ଝିଅ ରୁମ୍‌ରେ ତାଲା ପକାଉଥିବା ବେଳେ ଟଳି ପଡ଼ିଲେ। ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କହିଥିଲେ। ଦାଦା ହେମେନ୍ଦ୍ର ଓ ଖୁଡ଼ୀ ପଦ୍ମଜା କେନ୍ଦୁଝର ମେଡିକାଲରେ ପହଞ୍ଚିବା ପରେ ଝିଅାରୀଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ବେକ୍‌ରେ ଏକ ଚିହ୍ନ ଥିବାରୁ ସନ୍ଦେହ ହୋଇଥିଲା ବୋଲି ପଦ୍ମଜା ଦାଶ କହିଛନ୍ତି। ଝିଅାରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏବଂ ଫୋନ୍ କରିଥିବା ରୁଦ୍ର ମିଶ୍ରଙ୍କୁ ଦାୟୀକରି ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତକରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ କରୁଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା(ନଂ.୯୭୪/୨୦୨୫) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣେ ଆଇନଜୀବୀ ହୋଇଥିବା ବେଳେ କେନ୍ଦୁଝରର ଜିଲା ଟ୍ରକ୍ ମାଲିକ ସଂଘର କୋଷାଧ୍ୟକ୍ଷ ଅଛନ୍ତି। ତାଙ୍କର ନିଜ ଘର ପୁରୁଣା ସହରରେ ଥିବାବେଳେ ସେ ଗତ କିଛି ବର୍ଷ ହେବ ନିର୍ମଳା କନ୍‌ଭେଣ୍ଟ ସ୍କୁଲଠାରେ ଥିବା ଅନ୍ୟ ଏକ ଘରେ ଏକୁଟିଆ ରହୁଥିଲେ। ଅତିଥି ଅଧ୍ୟାପିକା ମଙ୍ଗଳବାର ଛୁଟିରେ ଉକ୍ତ ଘରକୁ ଯାଇଥିଲେ। ବୁଧବାର ତାଙ୍କର ମୃତ୍ୟୁ ହେବା ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

## ଆଣବିକ ଶକ୍ତି କ୍ଷେତ୍ରରେ ...

ସଂସ୍ଥାକୁ ଉତ୍ତରଦାୟୀ କରାଯାଇଥାଏ। କିନ୍ତୁ ପ୍ରସ୍ତାବିତ ଆଇନରେ ଏଭଳି ଅଘଟଣ କ୍ଷେତ୍ରରେ ସମ୍ପୃକ୍ତ କମ୍ପାନୀକୁ କ୍ଷତିପୂରଣ ପ୍ରଦାନରୁ ଛାଡ଼ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ମାନସିକ ଅସ୍ଥିରତାରୁ ଆପଣ ସାଧାରଣ କଥାରେ ଉତ୍ତେଜିତ ହୋଇପାରନ୍ତି। ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କଳା, ସାହିତ୍ୟ, ସଂସ୍କୃତି ଓ ରଚନାତ୍ମକ କାମରେ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ବୃଷ**: ନିଜ କାମକୁ ପଛରେ ପକାଇ ବନ୍ଧୁ ଓ ପରିଜନମାନଙ୍କ କାର୍ଯ୍ୟରେ ସାମିଲ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**: ବିବାହଯୋଗ୍ୟା ସନ୍ତାନଙ୍କ ପ୍ରସ୍ତାବକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ। କୌଣସି ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅନ୍ୟମାନଙ୍କର କାନକୁହା କଥା ଶୁଣି ଉପର ଅଧିକାରୀ ଖପ୍ପା ହୋଇପାରନ୍ତି। ଭୁଲ୍‌ବୁଝାମଣାରୁ ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାମକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ**: କର୍ମକ୍ଷେତ୍ରରେ ପୂର୍ବ ବିବାଦୀୟ ପରିସ୍ଥିତିକୁ କେନ୍ଦ୍ରକରି କୌଣସି ଅଭିଯୋଗ ଆସିପାରେ। ଅନ୍ତରଙ୍ଗ ବନ୍ଧୁଟି ଅଭିଯୋଗର ବିଚାରରେ ସାମିଲ ଥିଲେ ମଧ୍ୟ ସାହାଯ୍ୟ କରି ନ ଥିବାର ଶୁଣି ଦୁଃଖ ପ୍ରକାଶ କରିବେ। ଆର୍ଥିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଯୋଗୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ**: ପିଲାଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇ ଗୁରୁତ୍ୱପୂର୍ଣ୍ଣ କାମକୁ ଅବହେଳା କରିବେ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ପାରିବାରିକ ମତାନ୍ତରକୁ କେନ୍ଦ୍ରକରି ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରି କାମଟିକୁ ବଢ଼ାଇ ନେଇ ପାରନ୍ତି।

**କନ୍ୟା**: କୌଣସି କଥାକୁ କେନ୍ଦ୍ରକରି ପରସ୍ପର ବାଦାନୁବାଦ ବକ୍ତବ୍ୟଜନିତ ପାରିବାରିକ ସମ୍ପର୍କ ବିବାଦୀୟ ହେବ। ସହକର୍ମୀଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଲୋଚନା ପରିସରରେ ସାଧାରଣ କଥା ଜଟିଳ ହୋଇପାରେ। ଆଜିର ଦୂରଯାତ୍ରା, ଉଚ୍ଚଶିକ୍ଷା, ବନ୍ଧୁସମ୍ପର୍କ ଓ ବ୍ୟବସାୟିକ ସ୍ଥିତି ପ୍ରାୟତଃ ମନ୍ଦ ହେବନାହିଁ।

**ତୁଳା**: ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାରୁ କର୍ମକ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମର ଆଶଙ୍କା ଦେଖାଦେବ। ସ୍ୱାତୀ ନକ୍ଷତ୍ର କିନ୍ତୁ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ଖୁସି ରହିବେ। କାବ୍ୟ, ସାହିତ୍ୟ, କଳା, କାରିଗରି କାମରେ ଅର୍ଥ ଓ ସମ୍ମାନ ଲାଭ କରିବାର ସୁଯୋଗ ଆସିପାରେ।

**ବିଛା**: ଶାରୀରିକ ସୁସ୍ଥତା, ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ପାରିବାରିକ ସୌହାର୍ଦ୍ଦ୍ୟଜନିତ ମାନସିକଶାନ୍ତି ଅନୁଭବ କରିବେ। ସଭାସମିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଲାଭବାନ ହେବା ସାଙ୍ଗକୁ ନୂତନ ଯୋଜନାରମ୍ଭ ଫଳପ୍ରଦ ହେବ।

**ଧନୁ**: ସମସ୍ତ ସୁବିଧା ଥାଇ ମଧ୍ୟ କର୍ମହାନି ଓ ଏକାଧିକ ସମସ୍ୟା ବିବ୍ରତ କରାଇପାରେ। ବନ୍ଧୁଙ୍କ ସହ ତିକ୍ତତା ଯୋଗୁ ମନସ୍ତାପ କରିପାରନ୍ତି। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ପାଇବେ। ପାରିବାରିକ ସୁସମ୍ପର୍କ, ବ୍ୟବସାୟିକ ଉନ୍ନତି ସହ ଆନୁଷ୍ଠାନିକ କାମରେ ସହଯୋଗଜନିତ ଦୁଃଖକୁ ସାମୟିକ ଭାବେ ଭୁଲିଯାଇପାରନ୍ତି।

**ମକର**: କୌଣସି ଦୂରାଗତ ବନ୍ଧୁଙ୍କ ଆଗମନୀ ବାର୍ତ୍ତାରେ ଖୁସି ହେବେ। ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତିଲାଭର ସୁଯୋଗ ଜୁଟିବ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହିବେ। ସଭାସମିତିରେ,ବନ୍ଧୁଗହଣରେ, ଆଲୋଚନା ପରିବେଶରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**: କାର୍ଯ୍ୟହାସଲର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ପୂରଣ ପାଇଁ ବନ୍ଧୁଙ୍କ କଥା ଓ କାମରେ ବିସ୍ମୟ ପ୍ରକାଶ କରିପାରନ୍ତି। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ କିନ୍ତୁ କିଛି କହିପାରିବେ ନାହିଁ। ବିବାଦୀୟ ସ୍ଥିତିର ସମାଧାନ ସକାଶେ ସମ୍ପର୍କୀୟ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ ପାଇପାରନ୍ତି।

**ମୀନ**: କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଶ୍ୱସ୍ତିଲାଭ କରିବେ। ପରିବାରର ମତାମତ ନ ନେଇ କୌଣସି କାମ କଲେ ଅସୁବିଧା ଭୋଗିବେ। ବନ୍ଧୁ ସମ୍ପର୍କ, ମକଦ୍ଦମା, କ୍ରୟବିକ୍ରୟ, ଯାତ୍ରା ଓ ବାଣିଜ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହେବ। ଦୂର ଭ୍ରମଣ ସାଙ୍ଗକୁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥାରେ ଆତ୍ମବିଭୋର ହୋଇପାରନ୍ତି।

ଆଜି ଡିସେମ୍ବର ୧୮ ତାରିଖ, ପୌଷ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର- ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୮ ଗତେ ଘ.୦୭.୪୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୦୪ ଗତେ ଘ.୦୨.୨୫ ମଧ୍ୟେ ରାହୁ କାଳ ।

# ମୋଦି, ଶାହାଙ୍କ ଇସ୍ତଫା ଦାବିକଲା କଂଗ୍ରେସ

## ନ୍ୟାଶନାଲ ହେରାଲ୍ଡ ମାମଲାରେ ଇଡିର ଦୁରୁପଯୋଗ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଭିଯୋଗକୁ ଦିଲ୍ଲୀର ଏକ କୋର୍ଟ ସଜ୍ଞାନକୁ ନେବା ପାଇଁ ମନା କରିଦେବା ପରେ ବିରୋଧୀ ଦଳ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ଏହାର ଶୀର୍ଷ ନେତୃତ୍ୱ ବିରୋଧରେ କେନ୍ଦ୍ରର 'ପ୍ରତିଶୋଧମୂଳକ ରାଜନୀତି'କୁ ପ୍ରଘଟ କରିବାକୁ ଦୃଢ଼ ପ୍ରତିବଦ୍ଧତା ଦେଖାଇଛି। ସରକାର ଇଡି ସମେତ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ କଂଗ୍ରେସ କର୍ମୀମାନେ ଦିଲ୍ଲୀ ସମେତ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦାଏର ଏକ ସାନି ଏତଲା ଉପରେ ଇଡିର ଚାର୍ଜଶିଟ୍‌କୁ ବିଚାର ପାଇଁ ଗ୍ରହଣ କରିବାକୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ମଙ୍ଗଳବାର ମନା କରିଦେଇଥିଲେ। ଏଥିରୁ ସୋନିଆ ଓ ରାହୁଲ ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି। ଇଡିର ତଦନ୍ତ ଏକ ଘରୋଇ ଅଭିଯୋଗ ଉପରେ। ଏହା କୌଣସି ଏଫ୍‌ଆଇଆର୍ ଆଧାରରେ ନୁହେଁ ବୋଲି ଅଦାଲତର ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍‌ନେ ରାୟ ପ୍ରକାଶ କରିଥିଲେ। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ସମନ ନିର୍ଦ୍ଦେଶ ଆଧାରରେ ଇଡି ଏହି ମାମଲାର ତଦନ୍ତ କରିଥିଲା। କୋର୍ଟ ରାୟର ଦିନକ ପରେ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମେ ଉଭୟ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଲଢ଼େଇ ଜାରି ରଖିବା ସହ ସେମାନଙ୍କୁ ଏକ ଶିକ୍ଷା ଦେବୁ। ଖାର୍ଗେ ଆହୁରି କହିଛନ୍ତି, ଏହି ରାୟ ପରେ ମୋଦି ଓ ଶାହା ସେମାନଙ୍କ ପଦରୁ ଇସ୍ତଫା ଦେବା ଉଚିତ। କାରଣ ସେମାନେ ଲୋକଙ୍କୁ ଆଉ ଏଭଳି ହଇରାଣ କରିବା କଥା ନୁହେଁ। ମୋଦି ଓ ଶାହା ବୁଝିବା ଦରକାର ଯେ, ସେମାନେ ଯଦି ଏପରି କାର୍ଯ୍ୟ କରିବେ ଲୋକେ ତାକୁ ବରଦାସ୍ତ କରିବେ ନାହିଁ। ଶୀର୍ଷ ନେତୃତ୍ୱଙ୍କୁ ତଦନ୍ତକାରୀ ଏଜେନ୍ସିପକ୍ଷରୁ ସମନ କରାଯିବା ପରଠୁ କଂଗ୍ରେସ ପାର୍ଟି ବିକ୍ଷୋଭ ଶୋଭାଯାତ୍ରା କରି ଏହାକୁ ବିରୋଧ କରିଆସୁଛି। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା କେ.ସି. ବେଣୁଗୋପାଳ, ଅଭିଷେକ ମନୁ ସିଂଘଭୀ, ଜୟରାମ ରମେଶ ଓ ପଓ୍ୱନ ଖେରା ଉପସ୍ଥିତ ଥିଲେ। ବେଣୁଗୋପାଳ କହିଥିଲେ, ମୋଦି ସରକାରଙ୍କ ପ୍ରତିଶୋଧମୂଳକ ରାଜନୀତିର ମୁଖା ଖୋଲିଦେବୁ। ସାରା ଦେଶରେ କିପରି ବିରୋଧୀଙ୍କ ବିପକ୍ଷରେ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରାଯାଉଛି, ତାହା ଦର୍ଶାଇବା ପାଇଁ କଂଗ୍ରେସ କର୍ମୀମାନେ ରାସ୍ତାକୁ ଓହ୍ଲାଇବେ। ସେହିପରି ସିଂଘଭୀ କହିଥିଲେ, ଆଇନକୁ କର୍କଶ ସ୍ୱରଠାରୁ ଆହୁରି ଉଚ୍ଚ ଶବ୍ଦରେ ପରିଭାଷିତ କରାଯାଇଥିଲା। କଂଗ୍ରେସ ନେତାମାନଙ୍କୁ ହଇରାଣ କରିବା ଏହାର ଉଦ୍ଦେଶ୍ୟ ଥିଲା।


ମଲ୍ଲିକାର୍ଜୁନ ଖାର୍ଗେ

ସେପଟେ କଂଗ୍ରେସ ଏମ୍‌ପିମାନେ ମଧ୍ୟ ସଂସଦ ପରିସରରେ ଇଡି କ୍ଷମତାର ଦୁରୁପଯୋଗ ପ୍ରସଙ୍ଗ ଉଠାଇ କେନ୍ଦ୍ର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମକରଦ୍ୱାର ସମ୍ମୁଖରେ ସେମାନେ ଧରିଥିବା ବ୍ୟାନରରେ ଲେଖାଥିଲା, 'ସତ୍ୟମେବ ଜୟତେ'। ବିରୋଧୀ ଏମ୍‌ପିମାନେ ମୋଦି ସରକାରଙ୍କଠାରୁ କ୍ଷମା ଦାବିକରି ସ୍ଲୋଗାନ ମଧ୍ୟ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନ ବେଳେ ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ ମୁକୁଲ ଓ୍ୱାସନିକ୍, ଏମ୍‌ପି ଶଶୀ ଥରୁର, ତାରିକ ଅନ୍‌ଓ୍ୱର, କୁମାରୀ ସେଲ୍‌ଜା, କେ. ସୁରେଶ, ମାନିକମ୍ ଟାଗୋର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ବିଫଳତାରୁ ଦିଲ୍ଲୀରେ ବିଷାକ୍ତ ବାୟୁ

### ଅସ୍ଥାୟୀ ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୧୭।୧୨

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ବାୟୁ ପ୍ରଦୂଷଣ ସଙ୍କଟକୁ ନେଇ ସୁପ୍ରିମକୋର୍ଟ ବୁଧବାର ଆହୁରି କଠୋର ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ଏଭଳି ସ୍ଥିତି ପାଇଁ ସରକାର ଓ ପ୍ରଶାସନର ଅସ୍ଥାୟୀ ପଦକ୍ଷେପକୁ ଶୀର୍ଷ ଅଦାଲତ ଭର୍ତ୍ସନା କରିଛନ୍ତି। ଏଥିସହ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଏବଂ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ପାଇଁ କେତେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏମ୍‌ସିଡି ଅଧୀନରେ ଆସୁଥିବା ୯ ଟୋଲ୍ ପ୍ଲାଜା ଯୋଗୁ ଜାତୀୟ ରାଜଧାନୀରେ ଅହେତୁକ ଟ୍ରାଫିକ୍ ଜାମ୍ ହେଉଛି। ସେଗୁଡ଼ିକୁ ସାମୟିକ ଭାବେ ବନ୍ଦ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଚାର କରନ୍ତୁ ବୋଲି ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ କହିଛନ୍ତି।

सेन्ट्रल बैंक ऑफ़ इंडिया | Central Bank of India
ମାନବ ପୁଞ୍ଜି ପରିଚାଳନା, କେନ୍ଦ୍ରୀୟ କାର୍ଯ୍ୟାଳୟ
**ଅର୍ଥ ଫେରସ୍ତ ବିଜ୍ଞପ୍ତି**
**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/ କିମ୍ବା ସବ୍-ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ପ୍ରାପ୍ତ ଇଣ୍ଟିମେସନ୍ ଚାର୍ଜ / ଦରଖାସ୍ତ ଫି ଫେରସ୍ତ**
**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍-ଷ୍ଟାଫ୍ ନିଯୁକ୍ତି (ନିଯୁକ୍ତି ବିଜ୍ଞପ୍ତି ତା.୧୯.୧୨.୨୦୨୩ରିଖ ଏବଂ ତା.୦୬.୦୬.୨୦୨୪ରିଖ) ନିମନ୍ତେ ଦରଖାସ୍ତ ଫି / ଇଣ୍ଟିମେସନ୍ ଚାର୍ଜ ଫେରସ୍ତ ବିଷୟରେ ଫେରସ୍ତ ବିଜ୍ଞପ୍ତି ତା.୦୧.୦୨.୨୦୨୫ରିଖ ଅନୁକ୍ରମେ ବ୍ୟାଙ୍କ ତରଫରୁ ତା.୦୭.୦୨.୨୦୨୫ରିଖରୁ ତା.୨୨.୦୨.୨୦୨୫ରିଖ ଅବଧି ସମୟ ମଧ୍ୟରେ ପ୍ରଥମ ପ୍ରାପ୍ତ ଆବେଦନର ଅର୍ଥ ଫେରସ୍ତ ଅନୁରୋଧର ଫେରସ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।
ଯେଉଁ ସମସ୍ତ ପ୍ରାର୍ଥୀମାନେ ପୂର୍ବରୁ ଏଥି ନିମନ୍ତେ ଆବେଦନ କରିପାରିନଥିଲେ ଏବଂ ଯେଉଁମାନଙ୍କର ଫେରସ୍ତ ଅନୁରୋଧ ବିଫଳ ହୋଇଥିଲା, ସେମାନଙ୍କୁ ବ୍ୟାଙ୍କ ତରଫରୁ ଦରଖାସ୍ତ ଫି ଫେରସ୍ତ ନିମନ୍ତେ ଆବେଦନ କରିବାର ଦ୍ୱିତୀୟ ସୁଯୋଗ ପ୍ରଦାନ କରାଯାଉଛି।
**ଫେରସ୍ତ ପ୍ରକ୍ରିୟା:**
**୧. ଦିଆଯାଇଥିବା ଲିଙ୍କ୍:** ବ୍ୟାଙ୍କର କାର୍ଯ୍ୟାଳୟ ୱେବ୍‌ସାଇଟ୍ ଅର୍ଥାତ୍ **https://www.centralbankofindia.bank.in** ରେ ତା.୧୬.୧୨.୨୦୨୫ରିଖରେ ପ୍ରକାଶିତ ଫେରସ୍ତ ବିଜ୍ଞପ୍ତି (**Refund Notification**)ରେ ପ୍ରାର୍ଥୀମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ଗ୍ରହଣ କରିବା ପାଇଁ ଲିଙ୍କ୍ ପ୍ରଦାନ କରାଯାଉଛି। ଏହି ଲିଙ୍କ୍ ମାଧ୍ୟମରେ ପ୍ରାର୍ଥୀମାନେ ସେମାନଙ୍କର ପଞ୍ଜିକରଣ ତଥ୍ୟାବଳୀ (ପଞ୍ଜିକରଣ ନମ୍ବର ଏବଂ ପାସୱାର୍ଡ / **DD-MM-YYYY** ଫର୍ମାଟରେ ଜନ୍ମ ତାରିଖ) ପ୍ରଦାନ କରି ସଂଯୋଗ (ଲଗଇନ୍) କରିବେ। ପ୍ରଦତ୍ତ ଲିଙ୍କ୍‌ରେ ସଂଯୋଗ (ଲଗଇନ୍) କରିବା ନିମନ୍ତେ ଏହି ଦୁଇ ତଥ୍ୟ ବାଧ୍ୟତାମୂଳକ ଅଟେ।
**୨. ଆବଶ୍ୟକୀୟ ବିବରଣୀ:** ପ୍ରାର୍ଥୀଙ୍କ ନାମ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, IFSC କୋଡ୍, ବ୍ୟାଙ୍କ ଓ ଶାଖାର ନାମ।
**୩. ଫେରସ୍ତ ୱିଣ୍ଡୋ ସମୟସୀମା:** ଆକାଉଣ୍ଟର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ନିମନ୍ତେ ସମୟସୀମା: **ତା.୧୬.୧୨.୨୦୨୫ରିଖରୁ ତା.୦୯.୦୧.୨୦୨୬ରିଖ।** ଫେରସ୍ତ ପ୍ରକ୍ରିୟା ପଞ୍ଜିକରଣ ସମୟରେ ବ୍ୟବହାର କରାଯାଇଥିବା ସମାନ ତଥ୍ୟାବଳୀର ସତ୍ୟତା ଦ୍ୱାରା ସହଜ ହେବ।
**ବ୍ୟାଙ୍କ ଦ୍ୱାରା ଆବେଦନକାରୀମାନଙ୍କୁ ଅର୍ଥ ଫେରସ୍ତ ପ୍ରକ୍ରିୟା ଏବଂ ପଞ୍ଜିକରଣ ନମ୍ବର ପୃଥକ୍ ଭାବେ ସେମାନଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏବଂ ଇମେଲ୍ ଆଇଡି ମାଧ୍ୟମରେ ଇମେଲ୍ ଦ୍ୱାରା ସୂଚିତ କରାଯାଇଛି।**
ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି କି, ସେମାନେ ଫେରସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସଠିକ୍ ଏବଂ ସମ୍ପୂର୍ଣ୍ଣ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଦାଖଲ କରନ୍ତୁ।
**ସ୍ଥାନ: ମୁମ୍ବାଇ**
**ତାରିଖ: ୧୬.୧୨.୨୦୨୫** ମହାପ୍ରବନ୍ଧକ-ଏଚ୍‌ସିଏମ୍

# ମୋଦିଙ୍କୁ ଇଥିଓପିଆର ସର୍ବୋଚ୍ଚ ସମ୍ମାନ

ଅଦିସି ଅବାବା, ୧୭।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ଇଥିଓପିଆର ସର୍ବୋଚ୍ଚ ସମ୍ମାନ 'ଦି ଗ୍ରେଟ୍ ଅନର ନିଶାନ ଅଫ୍ ଇଥିଓପିଆ'ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଗ୍ରହଣ କରିବାରେ ମୋଦି ବିଶ୍ୱର ପ୍ରଥମ ନେତା। ଆଦିସ୍ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ସେଣ୍ଟରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଇଥିଓପିଆ ପ୍ରଧାନମନ୍ତ୍ରୀ ଅବିୟ ଅହମଦ ଅଲି ତାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିଛନ୍ତି। ଭାରତ-ଇଥିଓପିଆ ସମ୍ପର୍କକୁ ମଜଭୁତ କରିବା ଦିଗରେ ମୋଦିଙ୍କ ଅସାଧାରଣ ଅବଦାନ ଏବଂ ଜଣେ ବିଶ୍ୱନେତା ଭାବେ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ପାଇଁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।


ଆଦିସ୍ ଅବାବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇଥିଓପିଆର ସର୍ବୋଚ୍ଚ ସମ୍ମାନ 'ଦି ଗ୍ରେଟ୍ ଅନର ନିଶାନ୍ ଅଫ୍ ଇଥିଓପିଆ' ପ୍ରଦାନ କରୁଛନ୍ତି ତାଙ୍କ ପ୍ରତିପକ୍ଷ ଆବି ଅହମେଦ ଅଲୀ।

# ବିବିସି ବିରୋଧରେ ୧୦ ବିଲିୟନ ଡଲାରର ମାମଲା କଲେ ଟ୍ରମ୍ପ

ୱାଶିଂଟନ,୧୭।୧୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦୨୧ ରାଲି ଭାଷଣକୁ ବଦଳାଇ ପ୍ରକାଶ କରିଥିବାରୁ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି) ବିରୋଧରେ ମାନହାନି ଏବଂ ଅସାଧୁ କାରବାର ନେଇ ସେ ସୋମବାର ଫ୍ଲୋରିଡାର ଏକ ଅଦାଲତରେ ୧୦ ବିଲିୟନ ଡଲାରର ମାମଲା ଦାଏର କରିଛନ୍ତି। ବିବିସି ତାଙ୍କ ଭାଷଣକୁ ମିଥ୍ୟା, ମାନହାନିକାରକ, ବିଭ୍ରାନ୍ତିକର ଏବଂ ଅପମାନଜନକ ଭାବେ ପ୍ରସାରିତ କରିଥିବା ଟ୍ରମ୍ପ ୩୩ ପୃଷ୍ଠାର ମୋକଦ୍ଦମାରେ ଅଭିଯୋଗ କରିଛନ୍ତି। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଏବଂ ପ୍ରଭାବିତ କରିବା ପାଇଁ ଏହା ଏକ ନିର୍ଲଜ ପ୍ରୟାସ ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ସେ ଯାହା କହିଥିଲେ, ତା'ର ଅର୍ଥକୁ ଭୁଲ୍ ଭାବେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ବିବିସି ଭାଷଣର ୨ଟି ସମ୍ପୂର୍ଣ୍ଣ ଭିନ୍ନ ଭାଗକୁ ଏକାଠି ଯୋଡ଼ିଥିଲା ବୋଲି ଟ୍ରମ୍ପ କହିଛନ୍ତି।

# ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା

କୋଲକାତା,୧୭।୧୨

ଫୁଟ୍‌ବଲ୍ ଷ୍ଟାର ଲିୟୋନେଲ ମେସିଙ୍କ କାର୍ଯ୍ୟକ୍ରମରେ ପରିଚାଳନାଗତ ତ୍ରୁଟିକୁ ନେଇ ସମାଲୋଚିତ ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ତେବେ କ୍ୟାବିନେଟ ମନ୍ତ୍ରୀ ଭାବେ ସେ ଶକ୍ତି ବିଭାଗ ଦାୟିତ୍ୱରେ ରହିବେ। କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗକୁ ମୁଖ୍ୟମନ୍ତ୍ରୀ ସାମୟିକ ଭାବେ ନିଜ ହାତରେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

# ପ୍ରଥମ ମିସ୍ ଇଣ୍ଡିଆ ମେହେର କାଷ୍ଟେଲିନୋଙ୍କ ପରଲୋକ

ମୁମ୍ବାଇ,୧୭।୧୨

ପ୍ରଥମ ମିସ୍ ଇଣ୍ଡିଆ ମେହେର କାଷ୍ଟେଲିନୋଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହେଉଥିଲା। ୧୯୬୪ରେ ଭାରତର ପ୍ରଥମ ଫେମିନା ମିସ୍ ଇଣ୍ଡିଆ ମୁକୁଟ ହାସଲ କରିଥିବା ମେହେର ଏକାଧାରରେ ଜଣେ ସୁପରମଡେଲ, ସାମ୍ବାଦିକା, ଲେଖିକା ଓ ମେଣ୍ଟର ଥିଲେ।

ଭାରତୀୟ ଫ୍ୟାଶନ ଜଗତକୁ ନୂଆ ଦିଗ୍‌ଦର୍ଶନ ଦେଇଥିବା ମେହେରଙ୍କ ଜନ୍ମ ମୁମ୍ବାଇରେ ହୋଇଥିଲା। ପ୍ରଥମ ଫେମିନା ମିସ୍ ଇଣ୍ଡିଆରେ ବିଜୟୀ ହେବା ପରେ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ସେ ବିଦେଶରେ ମଧ୍ୟ ମିସ୍ ୟୁନିଭର୍ସ ଓ ମିସ୍ ୟୁନାଇଟେଡ୍ ନେଶନ୍ସ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଏହା ପରେ ସେ ଫ୍ୟାଶନ ଜର୍ନାଲିଜମ୍‌ରେ ଏକ ଅସାଧାରଣ ଲିଗାସି ପ୍ରତିଷ୍ଠା କରିଥିଲେ, ଯାହାକି ତାଙ୍କୁ ଭିନ୍ନ ପରିଚୟର ଅଧିକାରିଣୀ କରିଥିଲା। ୧୯୭୩ ମସିହାରେ ସାମ୍ବାଦିକତା କ୍ଷେତ୍ରରେ ମେହେର ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଇଭ୍ସ ୱିକ୍‌ଲିରେ ତାଙ୍କ ପ୍ରଥମ ନିବନ୍ଧ ପ୍ରକାଶିତ ହୋଇଥିଲା। ସମୟକ୍ରମେ ସେ ପୂର୍ଣ୍ଣକାଳୀନ ଫ୍ୟାଶନ ଜର୍ନାଲିଷ୍ଟ ଓ ସ୍ତମ୍ଭକାର ରୂପେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଆଲେଖ୍ୟ ପ୍ରାୟ ୧୩୦ଟି ଜାତୀୟ ଓ ଅନ୍ତର୍ଜାତୀୟ ଖବରକାଗଜ ତଥା ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏଇଠୁ ସେ ଫ୍ୟାଶନ କମେଣ୍ଟ୍ରି ଏବଂ ଲାଇଫ୍‌ଷ୍ଟାଇଲ୍ ରିପୋର୍ଟିଂ କ୍ଷେତ୍ରରେ ଏକ ପ୍ରମୁଖ ସ୍ୱର ପାଲଟିଯାଇଥିଲେ। ଏତିକି ନୁହେଁ, ମେହେର 'ମ୍ୟାନ୍‌ଷ୍ଟାଇଲ', 'ଫ୍ୟାଶନ୍ କାଲେଇଡୋସ୍କୋପ୍' ଏବଂ 'ଫ୍ୟାଶନ ମ୍ୟୁଜିଙ୍ଗ୍ସ' ଭଳି ଅନେକ ଫ୍ୟାଶନ ପୁସ୍ତକର ରଚୟିତା ମଧ୍ୟ ଥିଲେ। ଏହି ଅଧ୍ୟବସାୟ ଓ ଲେଖିନୀ ଶୈଳୀରେ ମେହେରଙ୍କ ଧାରା ଅନ୍ୱେଷଣ, ଶିଳ୍ପର ବିବର୍ତ୍ତନ ତଥା ଅନ୍ତର୍ଦୃଷ୍ଟି ବାରିହୋଇ ପଡୁଥିଲା। ଲାକ୍‌ମେ ଫ୍ୟାଶନ୍ ୱିକ୍ ଭଳି ଅନେକ ବୃହତ୍ ଭାରତୀୟ ଫ୍ୟାଶନ ଇଭେଣ୍ଟରେ ଫ୍ୟାଶନ୍ ରାଇଟର ଭାବେ ସେ କାର୍ଯ୍ୟ କରିଥିଲେ। ଏହି ଅଭିଜ୍ଞତା ତାଙ୍କୁ ପରବର୍ତ୍ତୀ ସମୟରେ ଫ୍ୟାଶନ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଇଣ୍ଡଷ୍ଟ୍ରିରେ ଜଜ୍ ଭୂମିକା ତୁଲାଇବାରେ ସହାୟକ ହେବା ସହ ବହୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲା।



# ଉଚ୍ଚଶିକ୍ଷା ଆୟୋଗ ଗଠନ ବିଲ୍ ଯୁଗ୍ମ ସଂସଦୀୟ କମିଟିକୁ ଗଲା

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଏକ ୧୩ ଜଣିଆ ଆୟୋଗ ଗଠନ ନିମନ୍ତେ ଲୋକ ସଭାରେ ସରକାର ଆଣିଥିବା ବିଲ୍‌କୁ ମଙ୍ଗଳବାର ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ଆଣିଥିବା ପ୍ରସ୍ତାବ ଧ୍ୱନି ମତରେ ଗୃହୀତ ହୋଇଥିଲା। ସଂସଦୀୟ ଯୁଗ୍ମ କମିଟିରେ ଲୋକ ସଭାରୁ ୨୧ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ରହିବେ। ଆସନ୍ତାବର୍ଷ ବଜେଟ ଅଧିବେଶନ ପ୍ରଥମ ପର୍ଯ୍ୟାୟର ଶେଷଦିନ ସୁଦ୍ଧା କମିଟି ରିପୋର୍ଟ ପ୍ରଦାନ କରିବ।

# ଜୋର୍ଡାନ ରାଜାଙ୍କ ସହ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ

ଅମ୍ମାନ,୧୭।୧୨(ପି.ଟି.)

ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ଆଲୋଚନା ପୁନଃ ନବୀକରଣଯୋଗ୍ୟ ଶକ୍ତି, ଜଳ ପରିଚାଳନା, ଡିଜିଟାଲ ପରିବର୍ତ୍ତନ, ସାଂସ୍କୃତିକ ବିନିମୟ ଏବଂ ଐତିହ୍ୟ ସହଯୋଗ ଆଦି କ୍ଷେତ୍ରରେ ଭାରତ-ଜୋର୍ଡାନ ସହଭାଗିତାକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ଅସାଧାରଣ ବନ୍ଧୁତ୍ୱ ପାଇଁ ରାଜା ଅବଦୁଲ୍ଲା ଦ୍ୱିତୀୟ ଏବଂ ଜୋର୍ଡାନ ଜନସାଧାରଣଙ୍କୁ ମୋଦି ଧନ୍ୟବାଦ ଜଣାଇବା ସହ ତାଙ୍କ ଜୋର୍ଡାନ ଗସ୍ତ ସଫଳ ହୋଇଥିବା କହିଛନ୍ତି। ସୋମବାର ପ୍ରତିନିଧି ସ୍ତରୀୟ ଆଲୋଚନା ପୂର୍ବରୁ ହୁସେଇନିୟା ପ୍ୟାଲେସ୍‌ରେ ମୋଦି ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ୱାନ୍-ଅନ୍-ୱାନ୍ ବୈଠକରେ ସାମିଲ ହୋଇଥିଲେ। ଏକ ମିଳିତ ବିବୃତିରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପ୍ରଶଂସା କରିଛନ୍ତି।

# ବାପା ହେବେ ନାଗା ଚୈତନ୍ୟ



**ମୁମ୍ବାଇ:** ବାପା ହେବେ ସାଉଥ ସୁପରଷ୍ଟାର ନାଗା ଚୈତନ୍ୟ। ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଶୋଭିତା ଧୁଲିପାଲା ମା' ହେବାକୁ ଯାଉଛନ୍ତି। କିଛି ଏଭଳି ଚର୍ଚ୍ଚା ବୃଦ୍ଧି ପାଉଥିବା ବେଳେ ସତ ପଦାକୁ ଆସିଛି। ନିକଟରେ ଉଭୟଙ୍କ ବିବାହ ବାର୍ଷିକି ଯାଇଛି। ଏଣୁ ପ୍ରଶଂସକ ଖୁସିଖବରକୁ ଅପେକ୍ଷା କରିଥିବା ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ନାଗା ଚେତନ୍ୟଙ୍କ ବାପା ଚର୍ଚ୍ଚା ଉପରେ ପ୍ରତିକ୍ରିୟା ଦେଇଛନ୍ତି। ନାଗାର୍ଜୁନଙ୍କୁ ଏକ ସାକ୍ଷାତକାରରେ ପ୍ରଶ୍ନ କରାଯାଇଥିଲା ଯେ ବାପାରୁ ଜେଜେବାପା ହେବାକୁ ଯାଉଛନ୍ତି, କି ପ୍ରତିକ୍ରିୟା ଦେବେ। ଏଥିରେ ହସିଦେଇ ସେ କହିଥିଲେ ଯେ ଠିକ୍ ସମୟ ଆସିଲେ ଆପଣଙ୍କୁ ନିଶ୍ଚିତ ଜଣାଇବି। ତେବେ ଏହି କଥାକୁ ଲୋକେ ସବୁଜ ସଙ୍କେତ ବୋଲି କହୁଛନ୍ତି। ଶୋଭିତା ଏବେ ଗର୍ଭବତୀ। ଶୀଘ୍ର ଦୁହେଁ ଏନେଇ ଖୁଲାସା କରିବେ। କହିରଖୁଛୁ, ଦୀର୍ଘଦିନ ଧରି ପରସ୍ପରକୁ ଡେଟ୍ କରିବା ପରେ ନାଗା ଚେତନ୍ୟ ଏବଂ ଶୋଭିତା ୨୦୨୪ରେ ବିବାହ କରିଥିଲେ। ହାଇଦ୍ରାବାଦରେ ବେଶ ଧୁମ୍‌ଧାମରେ ଉଭୟଙ୍କ ବିବାହ ହୋଇଥିଲେ। ୨୦୨୫ରେ ଏହି ବିବାହକୁ ବର୍ଷେ ପୂରଣ ହୋଇଛି। ବିବାହ ବାର୍ଷିକିରେ ଦୁହେଁ ସୁନ୍ଦର ବିବାହର ଭିଡିଓ ଶେୟାର କରିଥିଲେ। ଏବେ ପ୍ରଶଂସକ କେବଳ ଖୁସିଖବରକୁ ଅପେକ୍ଷା କରିଛନ୍ତି।

DSPL-424


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**କଣ୍ଢେଇ ନାଟ: ଏକ ସଂସ୍କୃତି ଯାତ୍ରା**
ସର୍ବଭାରତୀୟ ଦୃଶ୍ୟପଟ୍ଟ
**ଜାତୀୟ କଣ୍ଢେଇ ନାଟ ଉତ୍ସବ**
**National Puppet Festival**
ଭଞ୍ଜକଳା ମଣ୍ଡପ, ଭୁବନେଶ୍ୱର
୧୮ରୁ ୧୯ ଡିସେମ୍ବର ୨୦୨୫ | ଦିବା ୧୦ ଘଟିକାରୁ ସନ୍ଧ୍ୟା ୫ ଘଟିକା

**୧୮ ଡିସେମ୍ବର**
ବନ୍ଦେ ମାତରମ୍ – ଛାୟା ନାଟକ, ଶ୍ରୀରାମ ଛାୟା ନାଟକ ଗବେଷଣା ପରିଷଦ, ଖମାର, ଅନୁଗୁଳ
ସଖୀ କଣ୍ଢେଇ ନାଟ – **ପରମେଶ୍ୱର ସିଂହ** ଓ ଦଳ, କେନ୍ଦ୍ରାପଡ଼ା
ସମକାଳୀନ କଣ୍ଢେଇ ନାଟ – **ଅମରେନ୍ଦ୍ରନାଥ ନସ୍କର,** କୁଲଟାଲି ଦେବେନ୍ଦ୍ର ଶାରଳା ପୁତୁଲ ନାଚ ଦଳ, ୨୪ ପର୍ଗଣା, ପଶ୍ଚିମବଙ୍ଗ
କାଠି କଣ୍ଢେଇ ନାଟ – **ଚକ୍ରଧର ପରିଡ଼ା,** ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ, ଜଡ଼ିପଦା, କେନ୍ଦୁଝର
ଗୋପଲୀଳା କଣ୍ଢେଇ ନାଟ – **ଜଗବନ୍ଧୁ ବେହେରା,** ମା ଜଗତଜନନୀ କଣ୍ଢେଇ ଥିଏଟର୍, ଭଞ୍ଜନଗର, ଗଞ୍ଜାମ
ଛାୟା ନାଟକ – **ଗୌରାଙ୍ଗ ଚରଣ ଦାଶ,** ଶ୍ରୀରାମ ଛାୟା ନାଟକ ଗବେଷଣା ପରିଷଦ, ଖମାର, ଅନୁଗୁଳ
ଛାୟା ନାଟକ – **ଗୁଣ୍ଡୁ ରାଜୁ,** ଶ୍ରୀ ରାଜାରାମ୍‌ଥୋଗାଲୁ ଗମ୍ବେମେଲା, ହାସନ୍, କର୍ଣ୍ଣାଟକ

**୧୯ ଡିସେମ୍ବର**
ସମକାଳୀନ କଣ୍ଢେଇ ନାଟ – **ସୁଦୀପ ଗୁପ୍ତ,** ଡଲ୍ସ ଥିଏଟର୍, ସେଲିମପୁର ରୋଡ, କୋଲକାତା
ସମକାଳୀନ କଣ୍ଢେଇ ନାଟ (ହାତ କଣ୍ଢେଇ ନାଟ) – **ଜୟଶ୍ରୀ ଦାସ,** କଣ୍ଢେଇ ଘର, ନୟାପଲ୍ଲୀ, ଭୁବନେଶ୍ୱର
ସୁତା କଣ୍ଢେଇ ନାଟ – **ସୁଶାନ୍ତ ଧଳ,** ଜୟ ଭାରତ କଣ୍ଢେଇ କଳା ପରିଷଦ, ଭାପୁର, ଢେଙ୍କାନାଳ
ଛାୟା ନାଟକ – **ଖଗେଶ୍ୱର ପ୍ରଧାନ,** ରାବଣ ଛାୟା ନାଟ୍ୟ ସଂସଦ, ଓଡ଼ଶ, ଖମରା, ଅନୁଗୁଳ
ଥୋଲପଭାକୁଥୁ (ଛାୟା ନାଟକ) – **ପଦ୍ମଶ୍ରୀ ରାମଚନ୍ଦ୍ର ପୁଲାଭାର,** ଥୋଲପଭାକୁଥୁ, କେରଳ
କାଠ୍ ପୁତଲୀ ନାଚ୍ – **ପୂରଣ ଭଟ୍ଟ,** ରାଜସ୍ଥାନ




ଓଡ଼ିଶା ସଂଗୀତ ନାଟକ ଏକାଡେମୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର
OIPR-03009/13/0008/2526

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ ଓ ଉପବାସ



# ପ୍ରକୃତି ଉପାସକ ଆଦିବାସୀ



ଦେବଦତ୍ତ ପଟ୍ଟନାୟକ

ପ୍ରାଚୀନ ଯୁଗରୁ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସ୍ୱାଧୀନ ଭାବେ ଜୀବନଯାପନକରି ଆସୁଛନ୍ତି। ସେମାନଙ୍କୁ ଜଙ୍ଗଲୀ ଓ ଆଦିମ କୁହାଯାଇ ଗାଁ, ରାଜ୍ୟ,ସାମ୍ରାଜ୍ୟରୁ ଦୂରେଇ ରଖାଯାଇଛି। ଫଳରେ ସେମାନେ ଜଙ୍ଗଲରେ ରହନ୍ତି ଓ ଖାଦ୍ୟ ପାଇଁ ଶିକାର କରିଥାନ୍ତି। କୃଷି ଓ ପଶୁପାଳନ ବି କରନ୍ତି। ବହୁ ସମୟରେ ଜଙ୍ଗଲଜାତ ଜିନିଷ ସଂଗ୍ରହକରି ବଜାରରେ ବିକ୍ରିକରନ୍ତି। ଅନେକ ସମୟରେ ଜଙ୍ଗଲରେ ବାଣିଜ୍ୟ ପଥ ନିର୍ମାଣ କରୁଥିବା ରାଜାଙ୍କୁ ଆଦିବାସୀମାନେ ପ୍ରତିରୋଧ କରୁଥିଲେ। ଉଦାହରଣ ସ୍ୱରୂପ, ଭୀଲ୍‌ମାନେ ମୋଗଲ ସେନାକୁ ପରାସ୍ତ କରିଥିଲେ ଏବଂ ବିର୍ସା ମୁଣ୍ଡା ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ କରିଥିଲେ। ସେମାନେ ନିଜକୁ ସ୍ୱାଧୀନ ମନେକରୁଥିବାରୁ ରାଜାଙ୍କ ଅଧୀନରେ ଥିବା ଆଦିବାସୀମାନେ ଟିକସ ଦେବାକୁ ମନାକରିବା ସହ ବିଭିନ୍ନ ଗୋଷ୍ଠୀ ସହିତ ବାଣିଜ୍ୟରେ ଲିପ୍ତ ରହୁଥିଲେ। ସେମାନଙ୍କୁ ବନବାସୀ, ଅଟବିକ (ଜଙ୍ଗଲୀ ଲୋକ) ଓ ଗିରିଜନ ଏବଂ କେତେକ ନିର୍ଦ୍ଦିଷ୍ଟ ଆଦିବାସୀଙ୍କୁ ନିଷାଧ କିମ୍ବା କିରାତ ଭାବେ ବିବେଚନା କରାଯାଏ। ମହାଭାରତରେ ଏକଲବ୍ୟ ଥିଲେ ଜଣେ ନିଷାଧ ଏବଂ ତାଙ୍କୁ ବିରୋଧ କରାଯାଇଛି। ଶିବ ମଧ୍ୟ କିରାତ ବେଶରେ ଅର୍ଜୁନଙ୍କ ସହ ଯୁଦ୍ଧ କରିଛନ୍ତି। ରାମାୟଣ ଅନୁଯାୟୀ, ବାନର ଏବଂ ଅସୁରମାନେ ଥିଲେ ଜଙ୍ଗଲୀ ଓ ପାହାଡ଼ୀ ମଣିଷ। କୃଷ୍ଣଙ୍କ ସ୍ତ୍ରୀ ଥିଲେ ଭାଲୁର ଝିଅ ଜାମ୍ବବତୀ। ତେବେ ଆଦିବାସୀଙ୍କ ପାଇଁ ଏହିସବୁ କାହାଣୀ ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ସେମାନେ ଯଜ୍ଞ ତଥା ରୀତିନୀତି ଆଧାରିତ ଆର୍ଯ୍ୟଙ୍କ ଜୀବନଶୈଳୀକୁ ଗ୍ରହଣ କରି ନ ଥିଲା। ଭାଗବତରେ କୁହାଯାଇଛି, ଯେତେବେଳେ ରାଜା ବେଣଙ୍କୁ ହତ୍ୟା କରାଯିବାବେଳେ ତାଙ୍କ ଶରୀରରୁ ନିଷାଧ ଓ ପୃଥୁ ସୃଷ୍ଟି ହୋଇଥିଲେ। ନିଷାଧ ଜଙ୍ଗଲରେ ରହିବାକୁ ଏବଂ ପୃଥୁ ଚାଷ କରିବାକୁ ପସନ୍ଦ କରିଥିଲେ।

ଭାରତରେ ବିଭିନ୍ନ ଅଞ୍ଚଳରେ ପ୍ରାୟ ୭୦୦ ସମ୍ପ୍ରଦାୟର ଆଦିବାସୀ ରହୁଛନ୍ତି। ଆରାବଳି, ନୀଳଗିରି, ହିମାଚଳ, ଉତ୍ତରାଞ୍ଚଳ, ପୂର୍ବାଞ୍ଚଳ ପର୍ବତ ତଥା ତରାଇ ଜଙ୍ଗଲ ଏବଂ କେନ୍ଦ୍ର ଭାରତର ସମତଳ ଅଞ୍ଚଳରେ ଏମାନେ ଦେଖିବାକୁ ମିଳନ୍ତି। ଏମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପାଖାପାଖି ୧୦ ପ୍ରତିଶତ। ବଞ୍ଜାରା ଆଦିବାସୀ ଯାଯାବର ଗୋଷ୍ଠୀର। ଭୀଲ ଓ ଗୋଣ୍ଡ ବିନ୍ଧ୍ୟର ସବୁଆଡ଼େ ଅଛନ୍ତି। ହିମାଚଳ ପର୍ବତାଞ୍ଚଳରେ ରୁହନ୍ତି କିନ୍ନାଉରମାନେ। ଉତ୍ତର ଭାରତରେ ଖାସି ଓ ଗାରୋ ଆଦିବାସୀ ଅଛନ୍ତି। ବିଭିନ୍ନ ଗୋଷ୍ଠୀର ନାଗା ଆଦିବାସୀ କାନ ଫୋଡ଼ନ୍ତି ଓ ସ୍ୱଳ୍ପ ବସ୍ତ୍ର ପିନ୍ଧନ୍ତି। ଯାଯାବର ଗୋଷ୍ଠୀର ଅନେକ ଆଦିବାସୀ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେମାନଙ୍କ ମଧ୍ୟରୁ ପାଖାପାଖି ୧୦ ପ୍ରତିଶତଙ୍କ ଜୀବନଜୀବିକା ଓ ସଂସ୍କୃତି ପ୍ରତି ବିପଦ ଦେଖାଯାଇଛି। ସେମାନଙ୍କ ଠାରେ ଆଫ୍ରିକାରୁ ଆସିଥିବା ଆଦିମାନବଙ୍କ ଜିନ୍ ଅଛି ବୋଲି ଆନୁବଂଶିକ



ପରୀକ୍ଷଣରୁ ସ୍ପଷ୍ଟ ହୋଇଛି। କେବଳ ଭାରତରେ ଦକ୍ଷିଣରେ ରହୁଥିବା ଆଦିବାସୀଙ୍କଠାରେ ହରପ୍ପା ସଭ୍ୟତାର ଲୋକଙ୍କ ଜିନ୍ ଦେଖିବାକୁ ମିଳେ। ଉତ୍ତରରେ ରହୁଥିବା ଆଦିବାସୀଙ୍କଠାରେ ଆର୍ଯ୍ୟଙ୍କ ଜିନ୍ ଏବଂ କେନ୍ଦ୍ର ଏସିଆର ଆଦିବାସୀଙ୍କଠାରେ ଦକ୍ଷିଣ-ପୂର୍ବ ଏସିଆ ଲୋକଙ୍କ ଜିନ୍ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ଉତ୍ତର-ପୂର୍ବରେ ଥିବା ଆଦିବାସୀଙ୍କଠାରେ ତିବ୍ବତ-ବର୍ମିଜ୍ ଜିନ୍ ମିଳେ।

ଆଦିବାସୀଙ୍କ ଅସ୍ତିତ୍ୱର ଛାପ ବିଭିନ୍ନ ଭୀମ୍‌ବେଟକା ଗୁମ୍ଫାର କାନ୍ଥ ଚିତ୍ର ଓ ଭାରତର ପଶ୍ଚିମ ଉପକୂଳରେ ଥିବା ପ୍ରସ୍ତର କଳାରୁ ମିଳିଥାଏ, ଯାହା ୧୨,୦୦୦ ବର୍ଷ ପୂର୍ବର। ୪୫୦୦ ବର୍ଷ ପୂର୍ବର ହରପ୍ପା ସଭ୍ୟତାର ମୋହରରେ ପୁରୁଷ ଓ ମହିଳାମାନେ ମୁଣ୍ଡରେ ଜଙ୍ଗଲୀ ପଶୁଙ୍କ ଶିଙ୍ଗ ବାନ୍ଧିଥିବା ଦେଖିବାକୁ ମିଳେ। କେନ୍ଦ୍ର ଭାରତର ମାରିଆ ଆଦିବାସୀମାନେ ମଧ୍ୟ ଏହିଭଳି ଶିଙ୍ଗ ପିନ୍ଧିଥାନ୍ତି। ୩୫୦୦ ବର୍ଷ ପୁରୁଣା ଋଗ୍‌ବେଦରେ ମୁଣ୍ଡା ଜନଜାତିଙ୍କ ବିଷୟରେ ଉଲ୍ଲେଖ ରହିଛି, ଯାହା ପ୍ରାରମ୍ଭିକ ପ୍ରତିରୋଧକୁ ସୂଚିତକରେ। ବିଶେଷଜ୍ଞଙ୍କ ମତରେ, ଆଦିବସୀଙ୍କ ନିଜସ୍ୱ ପୁରାଣ ଓ ରାଶି ନକ୍ଷତ୍ର ଅଛି। ଏହା ଦର୍ଶାଏ ଯେ, ସେମାନେ ମୁଖ୍ୟଧାରାର ଭାରତୀୟଙ୍କ ତୁଳନାରେ ଏକ ଭିନ୍ନ ଜୀବନ ବଞ୍ଚନ୍ତି। ଉଦାହରଣ ସ୍ୱରୂପ, ହିନ୍ଦୁମାନେ କୃତ୍ତିକା ନକ୍ଷତ୍ର ମଣ୍ଡଳକୁ ଦେବୀଙ୍କ ଗୋଷ୍ଠୀ ଭାବେ ବିଚାର କରୁଥିବାବେଳେ ବଞ୍ଜାରାମାନେ ଏହାକୁ ରତ୍ନଗୁଚ୍ଛ ମନେକରନ୍ତି। ନିକୋବରୀମାନେ ଏହାକୁ ପୂର୍ବପୁରୁଷ ଏବଂ ଗୋଣ୍ଡମାନେ ପକ୍ଷୀଦଳଙ୍କୁ ପଥର ଫିଙ୍ଗାଯାଉଥିବା ଦୃଶ୍ୟ ମନେକରନ୍ତି।

ଭାରତରେ ଅନେକ ମନ୍ଦିର ଅଛି ଯାହା ସ୍ୱାଧୀନଚେତା ଆଦିବାସୀ ଓ ମନ୍ଦିର ପ୍ରତିଷ୍ଠା କରିଥିବା ରାଜାମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶକରେ। ଓଡ଼ିଶାର ଜଗନ୍ନାଥ ମନ୍ଦିରର ସମ୍ପର୍କ ପ୍ରକୃତ ନୀଳମାଧବ ମୂର୍ତ୍ତି ପୂଜା କରୁଥିବା ଆଦିବାସୀଙ୍କ ସହ ରହିଛି। ଆନ୍ଧ୍ରପ୍ରଦେଶର ନରସିଂହାଙ୍କୁ ଚେଞ୍ଚୁ ଆଦିବାସୀ ଝିଅ ବିବାହ କରିଛନ୍ତି। ତାମିଲନାଡୁର ମୁରୁଗାନଙ୍କ ବଧୂମାନଙ୍କ ମଧ୍ୟରେ ଜଣେ ଆଦିବାସୀ ଝିଅ ଭାଲି ଅଛନ୍ତି।

ଆଦିବାସୀମାନେ ଅଲଗା ହୋଇ ରହିଥିବାରୁ ସେମାନେ ସେମାନଙ୍କ ବିଶ୍ୱାସ ଓ ପରମ୍ପରାଗୁଡ଼ିକୁ ଧରି ରଖିପାରିଛନ୍ତି। ଏହା ବିବାହ ପରମ୍ପରାରେ ଜଣାପଡ଼େ। ବଣ୍ଡା ମହିଳାମାନେ କମ୍ ବୟସର ଯୁବକଙ୍କୁ ବିବାହ କରନ୍ତି, ଯିଏକି ବୃଦ୍ଧାବସ୍ଥାରେ ମହିଳାଙ୍କ ଯତ୍ନ ନେଇପାରିବ। ନୀଳଗିରିର ତୋଡା ଏବଂ ହିମାଚଳର କିନ୍ନାଉର ପରମ୍ପରାରେ ଜଣେ ମହିଳା ଏକାଧିକ ପୁରୁଷଙ୍କୁ ବିବାହକରନ୍ତି। ସମ୍ପତ୍ତି ଭାଗ ନ ହେବା ପାଇଁ ସେମାନେ ଏଭଳି କରିଥାନ୍ତି। କେନ୍ଦ୍ର ଭାରତର ଭିଲମାନେ କନ୍ୟା ପାଇଁ ବରକୁ ମୂଲ୍ୟ ଦେବାକୁ ହୋଇଥାଏ। ବାଇଗା ସମ୍ପ୍ରଦାୟର ପରମ୍ପରାରେ ରହିଛି ଯେ, କନ୍ୟାର ମୂଲ୍ୟ ନ ଦେବା ଯାଏ ତାଙ୍କ ଘରେ ବର ବା ଜ୍ୱାଇଁ ରହିବେ। ମେଘାଳୟର ଗାରୋ ଆଦିବାସୀ ବରଙ୍କୁ ଅପହରଣ କରିନେବା ସମୟରେ ଯଦି ସେ ଖସି ଦୌଡ଼ି ପଳାଏ ତେବେ ତାଙ୍କୁ ଝିଅକୁ ବିବାହ କରିବା ଲାଗି ଅନୁମତି ମିଳେ। ପୁରୁଷ ଓ ମହିଳାମାନେ କାହାକୁ ନ ଜଣାଇ ଗୁପ୍ତରେ ବିବାହ କରିବାକୁ ଗୋଣ୍ଡମାନେ ଉତ୍ସାହିତ କରନ୍ତି। କେନ୍ଦ୍ର ଭାରତର ଆଦିବାସୀମାନେ ପ୍ରଥମେ ଲୁହା ଯନ୍ତ୍ରପାତି ତିଆରି କରିଥିଲେ। ରାଜସ୍ଥାନର ଆଦିବାସୀମାନେ ରୁପା ଓ ତମ୍ବା ଗହଣା ତିଆରିରେ ଦକ୍ଷ। ବଞ୍ଜାରା ସାମଗ୍ରୀ ପରିବହନ କରୁଥିଲେ। ମହାଭାରତରେ ଉଲ୍ଲେଖ ଥିବା ୱର୍ଲି ଏବଂ କେନ୍ଦ୍ର ଭାରତର ଗୋଣ୍ଡମାନେ ଚିତ୍ରକଳାରେ ସିଦ୍ଧହସ୍ତ। ଗୁଜରାଟର ଡାଙ୍ଗ୍‌ମାନେ ବାଉଁଶ ଜିନିଷ ତିଆରି କରିବାରେ ପାରଙ୍ଗମ ଏବଂ ନାଗାମାନେ ଟାଟୁରେ ନିପୁଣ। ଉତ୍ତର-ପୂର୍ବାଞ୍ଚଳ ଆଦିବାସୀମାନେ ସୂତା, ଉଲ୍ ଓ ସିଲ୍କରେ ପୋଷାକ ବୁଣନ୍ତି। ଦେଖିବାକୁ ଗଲେ ସବୁ ଗୋଷ୍ଠୀର ଆଦିବାସୀ ଜଙ୍ଗଲ ସଂରକ୍ଷଣ ଏବଂ ଜୈବବିବିଧତାର ସୁରକ୍ଷା କରିଥାନ୍ତି।

ଆଦିବାସୀମାନଙ୍କ ଭାଷା ମଧ୍ୟ ଭିନ୍ନ। ସେମାନଙ୍କୁ ସେମାନଙ୍କ ମୂଳ ଭାଷାରେ ପଢ଼ାଯିବା ଦରକାର। କିନ୍ତୁ ହିନ୍ଦୀ ଓ ଇଂଲିଶରେ ପଢ଼ାଯାଉଥିବା ସ୍କୁଲଗୁଡ଼ିକରେ ସେମାନଙ୍କୁ ପଢ଼ାଯାଉଛି। ଏଣୁ ସେମାନେ ଆଧୁନିକତାର ମୁଖ୍ୟ ଧାରାକୁ ଗ୍ରହଣ କରିନେଉଛନ୍ତି ଏବଂ ସେମାନଙ୍କ ପାରମ୍ପରିକ ସଂସ୍କୃତିଠାରୁ ଧୀରେ ଧୀରେ ଦୂରେଇଯାଉଛନ୍ତି। ଅନେକେ ଖ୍ରୀଷ୍ଟ କିମ୍ବା ଇସ୍‌ଲାମ ଧର୍ମ ଗ୍ରହଣ କରୁଛନ୍ତି। ଆଦିବାସୀ ଦେବଦେବୀଙ୍କୁ ପୂଜା କରିବାରୁ ଦୂରେଇଯାଉଛନ୍ତି। ଅନେକେ ଦାବି କରନ୍ତି ଆଦିବାସୀମାନେ ସନାତନ ଧର୍ମର। ଅନେକେ ମଧ୍ୟ ଏହି ଯୁକ୍ତିକୁ ଗ୍ରହଣ କରନ୍ତି ନାହିଁ। ସେମାନଙ୍କ ମତରେ ଆଦିବାସୀଙ୍କର ନିଜସ୍ୱ ଦେବତା, ରୀତିନୀତି ଓ ପରମ୍ପରା ଅଛି। ସେମାନେ ବିଭିନ୍ନ ପ୍ରକାର ମାଛ, ମାଂସ, କୀଟ ଖାଇଥାନ୍ତି ,ଯାହାକୁ ଅନେକ ଜାତିର ହିନ୍ଦୁ ଗ୍ରହଣ କରନ୍ତି ନାହିଁ। ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଅନେକେ ଯୁକ୍ତି କରନ୍ତି,ଆଦିବାସୀଙ୍କ ଧର୍ମ ବନ ଉପବନ ଓ ପବିତ୍ର ଜଳାଶୟ ଆଦି ପ୍ରକୃତି ଉପାସନା ଉପରେ ଆଧାରିତ। ସେମାନଙ୍କ ଅସ୍ତିତ୍ୱକୁ ନିଶ୍ଚିତ କରିବା ସକାଶେ ଏହାକୁ ଏକ ଭିନ୍ନ ଧର୍ମ ଭାବେ ଦେଖିବା ଉଚିତ। ମନେରଖିବାକୁ ହେବ ଯେ, ଆଦିବାସୀମାନେ ଯଦି ସେମାନଙ୍କ ରୀତିନୀତି, ବିବାହ ଏବଂ ଖାଦ୍ୟାଭ୍ୟାସଠାରୁ ଦୂରେଇଯିବେ, ତେବେ ସେମାନଙ୍କ ସଂସ୍କୃତିର ବିଲୋପହେବା ଥୟ।

-devduttofficial@gmail.com

# ବୟସର ଅପରାହ୍ନରେ



ଗାୟତ୍ରୀ ସିଂହ

କୁହାଯାଏ ମାତାପିତାଙ୍କ ସେବା, ଭକ୍ତି, ଶ୍ରଦ୍ଧା, ସମ୍ମାନ ଦେବତା ପୂଜା ସମ। ମାତ୍ର ବିଡମ୍ବନା ଯେ ଆଉ ସେ ଆଦର ନାହିଁ, ଶ୍ରଦ୍ଧା ନାହିଁ, ସମ୍ମାନ ନାହିଁ। ପରିବାର କହିଲେ ଆମର ଏକ କି ଦୁଇ ଆଉ ଅଧିକ ନାହିଁ। ଆଉ ପୁଅ ବୋହୂଙ୍କ ଏହି ଛୋଟ ସଂସାରରେ ମା'ବାପାଙ୍କ ସ୍ଥାନ ନାହିଁ। ମା' ବାପା ଆଉ ହିସାବରେ ଯାଆନ୍ତି ନାହିଁ। ପୁଅ ବୋହୂଙ୍କ କହିବା ଅନୁଯାୟୀ, ସେମାନେ ତାଙ୍କ ଜୀବନ ବଞ୍ଚି ସାରିଛନ୍ତି ଏବେ ଆମେ ଆମ ଶୈଳୀରେ ଜୀବନ ବଞ୍ଚିବୁ। ସେମାନଙ୍କ ପାଇଁ ଆମ ପାଖରେ ସମୟ ନାହିଁ। ପରିବାରର ବୋଝ ବୋହୁଥିବା ମଣିଷଟା କେମିତି ଆଉ କେବେଠାରୁ ପରିବାର ପାଇଁ ବୋଝ ହୋଇଗଲା ?

ପିଲାଟିଏ ଘରେ ଜନ୍ମ ନେଲେ ମା'ବାପା ଖୁସିରେ ଆତ୍ମହରା ହୋଇଯାଆନ୍ତି। ସେମାନେ ଭାବନ୍ତି ବଡ ହେଲେ ମୋ ଦୁଃଖ ହରିବ। ଅତୀତରେ ଯୌଥ ପରିବାରରେ ପରସ୍ପର ମଧ୍ୟରେ ସ୍ନେହ ସହାନୁଭୂତି ଥିଲା। ଗୁରୁଜନଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଥିଲା। ବୟୋଜ୍ୟେଷ୍ଠଙ୍କ ପ୍ରତି ଘରର ବାକି ସଦସ୍ୟ ଯତ୍ନଶୀଳ ରହୁଥିଲେ। ପୁଅ ବାହାରେ ରହି ଚାକିରି କଲେ ମଧ୍ୟ ସପ୍ତାହକୁ ଥରେ ହେଉ ଅବା ମାସକୁ ଦୁଇଥର ଘରକୁ ଆସି ଘର କଥା ବୁଝି ଯାଉଥିଲା। ଏବେ ସମସ୍ତଙ୍କ ମାନସିକତା ବଦଳିଛି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ପିଲାମାନେ କର୍ମ ଅନ୍ୱେଷଣରେ ବାହାରକୁ ଚାଲି ଯାଉଛନ୍ତି। ଦିନକୁ ଦିନ କାର୍ଯ୍ୟଚାପରେ ଏତେ ବ୍ୟସ୍ତ ରହୁଛନ୍ତି ଯେ ସେମାନଙ୍କର ଘର ପ୍ରତି, ପରିବାର ପ୍ରତି ଦାୟିତ୍ୱ, କର୍ତ୍ତବ୍ୟ ଥିବା କଥା ଭୁଲି ଯାଉଛନ୍ତି। ଯେଉଁ ପୁଅକୁ ନେଇ ଦିନେ ମା' ବାପା ଗର୍ବ କରୁଥିଲେ ପାଞ୍ଚ ଲୋକଙ୍କ ଆଗରେ ନିଜ ପୁଅର ଗରିମା ବଖାଣୁ ଥିଲେ ଧୀରେ ଧୀରେ ସେମାନେ ନୀରବି ଯାଆନ୍ତି। ଯୋଉ ଅଦେଖା ଯନ୍ତ୍ରଣା ଓ ଅବ୍ୟକ୍ତ ବେଦନା ଭୋଗନ୍ତି ତାହା ସତରେ ଅକୁହା ଅଲିଖିତ। ଆମେ ମନ୍ଦିର ଯାଉ ଭଗବାନଙ୍କୁ ବିଭିନ୍ନ ପ୍ରକାର ଭୋଗ ଲାଗି କରିଥାଉ। ହେଲେ ଘରେ ଥିବା ଜୀବନ୍ତ ଭଗବାନଙ୍କୁ ଗଣ୍ଡେ ଖାଇବାକୁ ଦେବା ପାଇଁ ତାଙ୍କର ଯତ୍ନ ନେବା ପାଇଁ କୁଣ୍ଠା ପ୍ରକାଶ କରିଥାଉ। ବର୍ତ୍ତମାନ ନୈତିକ ଶିକ୍ଷାର ଅଭାବ ଯୋଗୁ ସମାଜରେ, ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଆଜିର ଯୁବ ପସନ୍ଦ ହେଉଛି- ଏକକ ପରିବାର। ଯୌଥ ପରିବାରରୁ ସେମାନେ ମୁହଁ ଫେରାଇ ନେଉଛନ୍ତି।

ଆମେ ଟିକେ ଅତୀତକୁ ଯିବା। ଯୌଥ ପରିବାରର ବୟସ୍କ ସଦସ୍ୟଙ୍କ କଥାକୁ କେହି ଅବମାନନା କରୁ ନ ଥିଲେ, କାରଣ ବୟସ୍କଙ୍କ ଅନୁଭୂତି ଅଭିଜ୍ଞତା ଅଧିକ। କାହାର ପକ୍ଷ ନ ନେଇ ଯାହା କହିବେ ସମସ୍ତଙ୍କ ହିତ ପାଇଁ କହିବେ। ହେଲେ ଦିନକୁ ଦିନ ସଂସାର ଭ୍ରଷ୍ଟ ହୋଇ ଚାଲିଛି। ପୁଅ ବୋହୂଙ୍କ ଅବହେଳା ଯୋଗୁ ଅନେକ ମାତାପିତା ଜରାଶ୍ରମରେ ଦିନ କାଟୁଛନ୍ତି। ପେନ୍‌ସନଭୁକ୍ତ ବୟୋଜ୍ୟେଷ୍ଠମାନେ ବି ନିର୍ଯାତନା ଓ ଅବହେଳିତ ହେବାରୁ ତ୍ରାହି ପାଉନାହାନ୍ତି। ନିଜେ ପାଉଥିବା ପେନ୍‌ସନ ଅର୍ଥରେ ତାଙ୍କର ଅଧିକାର ନ ଥାଏ। ବାର୍ଦ୍ଧକ୍ୟରେ ଘରର ବୟୋଜ୍ୟେଷ୍ଠଙ୍କର ଜରାଶ୍ରମର ଆବଶ୍ୟକତା ପଡୁଛି ବୋଲି ଦିନକୁ ଦିନ ବୃଦ୍ଧାଶ୍ରମ ସଂଖ୍ୟା ବଢିବାରେ ଲାଗିଛି। କିଛି ଜରାଶ୍ରମ ଦାତବ୍ୟ ସଂସ୍ଥାରେ ପରିଚାଳିତ ହେଉଥିବା ବେଳେ ଆଉ କିଛି ଜରାଶ୍ରମ ସମର୍ଥ ବୃଦ୍ଧାବୃଦ୍ଧ ଅର୍ଥ ପୈଠ କରି ଅବଶିଷ୍ଟ ଜୀବନ ଅତିବାହିତ କରୁଛନ୍ତି। କାହିଁକି ଦିନକୁ ଦିନ ବୟୋଜ୍ୟେଷ୍ଠମାନଙ୍କ ପ୍ରତି ଏ ଅବିଚାର, ଏ ଅବ୍ୟବସ୍ଥା। ପିଲାଟିଏ ଯେପରି ମୁହଁ ଖୋଲି କିଛି କହିପାରେ ନାହିଁ ବାର୍ଦ୍ଧକ୍ୟରେ ମନୁଷ୍ୟର ସେହି ସମାନ ଅବସ୍ଥା। ପରିତାପର ବିଷୟ ବର୍ତ୍ତମାନ ସମାଜର ସ୍ଥିତି ଏପରି ହୋଇଯାଇଛି କାହା ପାଖରେ ସମୟ ନାହିଁ।

ବରିଷ୍ଠ ନାଗରିକଙ୍କ ପାଇଁ ହୋଇଥିବା ସରକାରଙ୍କ ଯୋଜନା ବିଷୟରେ ସେମାନେ ପ୍ରାୟ ଅଜ୍ଞ। ସମାଜରେ ବୟୋଜ୍ୟେଷ୍ଠମାନେ କିପରି ସମ୍ମାନର ସହ ସୁସ୍ଥ ଜୀବନଯାପନ କରିପାରିବେ ସେଥିପ୍ରତି ସମସ୍ତେ ଯତ୍ନବାନ ହେବା ଦରକାର। ବୃଦ୍ଧ ମାତାପିତାଙ୍କୁ ଭକ୍ତି ସମ୍ମାନ ଦେଇ ରଖିଲେ ତା'ର ସୁପ୍ରଭାବ ପିଲାଙ୍କ ଉପରେ ପଡ଼ିବ। ମାତାପିତାଙ୍କୁ ତୁମେ ଯେପରି ବ୍ୟବହାର କରିଥିବ ନିଜ ପିଲାଙ୍କଠାରୁ ଦିନେ ସେହିପରି ବ୍ୟବହାର ପାଇବ। ମନୁଷ୍ୟ ପରିବାରରୁ, ସମାଜରୁ ହିଁ ଆଚରଣ, ଉଚ୍ଚାରଣ ଶିକ୍ଷା କରିଥାଏ। ଜେଜେବାପା ଜେଜେମା ପାଖରେ ରହିଲେ ପିଲାମାନେ ନମ୍ର, ବିଚାରବନ୍ତ, ସଂସ୍କାରୀ ହୋଇ ବାହାରିଥାନ୍ତି। ସେମାନଙ୍କ ଆଶୀର୍ବାଦ ପିଲାଙ୍କ ଉପରେ ରହିଥାଏ। ଗୁରୁଜନଙ୍କ ଆଶୀର୍ବାଦ ରହିଲେ ଘରେ ସର୍ବଦା ସୁଖ ସମୃଦ୍ଧି ମିଳିଥାଏ।

**ଆଠମଲ୍ଲିକ, ଅନୁଗୁଳ**
**ମୋ: ୭୬୦୬୯୫୭୪୪୫**

## ଏଇ ଭାରତରେ

କୃଷିକ୍ଷେତ୍ରରେ କୃଷକମାନେ ପାରମ୍ପରିକ ପଦ୍ଧତିରେ କୀଟନାଶକ ସିଞ୍ଚନ କରିବା ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଏଥିରେ ଅଧିକ କୀଟନାଶକ ବ୍ୟହାର ହେଉଛି ଏବଂ ଖର୍ଚ୍ଚ ମଧ୍ୟ ବଢୁଛି। ଏହାର ସରଳ ସମାଧାନ ପାଇଁ ମହାରାଷ୍ଟ୍ରର ଆଦିତ୍ୟ ପିଙ୍ଗ୍‌ଲେ ଏକ ରୋବୋ ନିର୍ମାଣ କରିଛନ୍ତି। ନାସିକ୍ ଜିଲା ଅଓାନଖେଦ ଗାଁର ୧୭ ବର୍ଷୀୟ ଆଦିତ୍ୟ। ବଡ଼କଥା ହେଉଛି ଏହି ରୋବୋ ସ୍କ୍ରାପ୍ ବା ଅଦରକାରୀ ଜିନିଷରୁ ତିଆରି ହୋଥଛି। ଏହି ରୋବୋ ୧୨ ଭୋଲ୍ଟ ବ୍ୟାଟେରିରେ ଚାଲୁଛି, ଯାହା ରିଚାର୍ଜ କରାଯାଇପାରୁଛି। ଏହା ଏକାଥରକେ ୧୬ ଲିଟର କୀଟନାଶକ ନେଇପାରୁଛି। ଏହା ହାଲୁକା ଓ ଶସ୍ତା ଏବଂ ମୋବାଇଲ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଉଛି। ଏଭଳି ଏକ ରୋବୋ ନିର୍ମାଣ କରିବା ପୂର୍ବରୁ ସେ ସାଲାମ ମୁମ୍ବାଇ ଫାଉଣ୍ଡେଶନ ଦ୍ୱାରା ଦିଆଯାଉଥିବା ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଥିଲେ। ସେଠାରେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଜାଣିବାକୁ ପାଇଲେ। ପରେ ନିଜେ ଏକ ରୋବୋ ନିର୍ମାଣ କରିବାକୁ ଆଗେଇ ଆସିଥିଲେ। ତାଙ୍କ ସାଙ୍ଗ ପରାଶରାମ ଓ ଅଭିଜିତ୍‌ଙ୍କ ସହଯୋଗରେ ଏବେ ସଫଳତା ପାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୭୬

- ମୁଖ୍ୟମନ୍ତ୍ରୀ ପଦରୁ ନନ୍ଦିନୀ ଶତପଥୀ ଇସ୍ତଫା ପ୍ରଦାନ ପରେ ରାଜ୍ୟରେ ଚତୁର୍ଥ ଥର ଲାଗି ରାଷ୍ଟ୍ରପତି ଶାସନ ଜାରି।
- ହିମାଚଳ ପ୍ରଦେଶ ବିଧାନସଭା ସଦସ୍ୟ ତଥା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲକା ଠାକୁରଙ୍କ ଦୁର୍ଘଟଣାରେ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 1 | | | 9 |
| | | | | 7 | 5 | 4 | | |
| 8 | | 4 | | | | | 2 | |
| | | 9 | | | 4 | | | |
| | 5 | | 7 | 6 | | 1 | | 4 |
| | | | 5 | 1 | | 3 | 9 | |
| | | | | | 2 | | 6 | |
| 3 | 2 | 1 | | | | | | |
| | | | 9 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 3 | 9 | 8 | 7 | 2 | 5 |
| 7 | 5 | 9 | 2 | 1 | 4 | 8 | 3 | 6 |
| 2 | 3 | 8 | 7 | 6 | 5 | 4 | 9 | 1 |
| 9 | 7 | 6 | 5 | 2 | 1 | 3 | 8 | 4 |
| 3 | 1 | 4 | 8 | 7 | 9 | 6 | 5 | 2 |
| 5 | 8 | 2 | 4 | 3 | 6 | 1 | 7 | 9 |
| 8 | 2 | 5 | 6 | 4 | 7 | 9 | 1 | 3 |
| 1 | 4 | 7 | 9 | 5 | 3 | 2 | 6 | 8 |
| 6 | 9 | 3 | 1 | 8 | 2 | 5 | 4 | 7 |

ଗତକାଲିର ଉତ୍ତର

# ବନ୍ଦେ ମାତରମ୍‌କୁ ବାରଣ କାହିଁକି



ବିଚିତ୍ର ବିଶ୍ୱାଳ

କିଛିଦିନ ପୂର୍ବରୁ ରାଜ୍ୟ ସଭାର ଏକ ନୋଟିସ ମାଧ୍ୟମରେ ରାଜ୍ୟ ସଭାରେ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ସ୍ଲୋଗାନ ଦେବା ଉପରେ ନିଷେଧାଦେଶ ଲାଗିଛି। ଏହା ସରକାରଙ୍କ ବନ୍ଦେ ମାତରମ୍ ପ୍ରେମ ଉପରେ ସନ୍ଦେହ ସୃଷ୍ଟି କରୁନାହିଁ କି? ଗୋଟିଏ ପଟେ ସରକାର ନିଜେ ପ୍ରସ୍ତାବ ଦେଇ ଲୋକ ସଭା ଓ ରାଜ୍ୟ ସଭାର ଶୀତ ଅଧିବେଶନରେ ବନ୍ଦେ ମାତରମ୍ ଉପରେ ବିତର୍କ କରାଇ ନିଜକୁ ରାଷ୍ଟ୍ରବାଦୀ ବୋଲି ପ୍ରମାଣ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ରାଜ୍ୟ ସଭାରେ ଏହାର ସ୍ଲୋଗାନକୁ ବାରଣକରିବା ତାଙ୍କର ଦ୍ୱୈତ ଚରିତ୍ରକୁ ସୂଚାଉଛି।

ଏହା କେମିତିକା ନିଷ୍ପତ୍ତି, ଯେଉଁଠି ଲୋକ ସଭାର ଏକ ମହତ୍ତ୍ୱପୂର୍ଣ୍ଣ ସଦନରେ ବିରୋଧୀମାନଙ୍କୁ ବନ୍ଦେ ମାତରମ୍ କିମ୍ବା ଜୟ ହିନ୍ଦ୍ ପରି ସ୍ଲୋଗାନ ଉଚ୍ଚାରଣ କରିବାକୁ ବାରଣ କରାଯାଉଛି! ଏହା କ'ଣ ଆମ ଗଣତନ୍ତ୍ରର ପରିଚୟ? ଗଣତନ୍ତ୍ରରେ ବିରୋଧୀ ଦଳଙ୍କ ଭୂମିକା ଶାସକ ଦଳଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଶାସକ ଦଳର କୌଣସି ନିଷ୍ପତ୍ତି ଲୋକ ବିରୋଧୀ ହେଲେ ବିରୋଧୀମାନେ ବିରୋଧ କରିବା ସ୍ୱାଭାବିକ। ସ୍ଲୋଗାନ ଦେବା ବା ପ୍ଲାକାର୍ଡ ଦେଖାଇବା ବିରୋଧ କରିବାର ଏକ ସ୍ୱାଭାବିକ ପ୍ରକ୍ରିୟା । ଏପରି ସ୍ଥଳେ ବନ୍ଦେ ମାତରମ୍ କିମ୍ବା ଜୟ ହିନ୍ଦ୍ ପରି ରାଷ୍ଟ୍ରବାଦୀ ସ୍ଲୋଗାନକୁ ବାରଣ କରିବା ସରକାରଙ୍କ ବିରୋଧୀଙ୍କ ପ୍ରତି ଅସହନଶୀଳତାକୁ ପ୍ରଦର୍ଶିତ କରୁଛି। ଏହା ଆମ ଗଣତନ୍ତ୍ରର ଗରିମାକୁ ନଷ୍ଟକରୁଛି। ଦେଶପ୍ରେମ ବା ରାଷ୍ଟ୍ରବାଦ କ'ଣ କେବଳ ସରକାରୀ ଦଳର ଏକଚାଟିଆ ଅଧିକାର। ସେ ଯାହା କହିବେ ବା ଯାହା କରିବେ ତାହା ଦେଶପ୍ରେମ ଓ ବିରୋଧୀ ଦଳ ଯାହା କହିବେ ତାହା ଦେଶ ବିରୋଧୀ! ଅନେକ କ୍ଷେତ୍ରରେ ବିରୋଧୀ ଦଳଙ୍କ ବିରୋଧ ସରକାରଙ୍କଠାରୁ ଅଧିକ ଦେଶପ୍ରେମ ଓ ଜନମଙ୍ଗଳ ଭାବନା ବହନ କରିଥାଏ। ତେଣୁ ରାଜ୍ୟ ସଭାରେ ସରକାରଙ୍କ କୌଣସି ନିଷ୍ପତ୍ତିକୁ ବିରୋଧୀମାନେ ବିରୋଧକରି ଯଦି ବନ୍ଦେ ମାତରମ୍ କିମ୍ବା ଜୟ ହିନ୍ଦ୍ ପରି ସ୍ଲୋଗାନ ଦିଅନ୍ତି, ଏଥିରେ ଅସଙ୍ଗତି କେଉଁଠି ? ଏହାକୁ ନେଇ ସରକାର ଏତେ ବ୍ୟତିବ୍ୟସ୍ତ କାହିଁକି ? ଏହା ତ ପରାଧୀନ ଭାରତର ସମୟକୁ ମନେ ପକାଇ ଦେଉଛି। ବ୍ରିଟିଶ ରାଜୁତି ସମୟରେ ଭିନ୍ନ ଭିନ୍ନ ଜନସଭାରେ ସେମାନେ ବନ୍ଦେ ମାତରମ୍‌ର ଗାନକୁ ନିଷେଧ କରିଥିଲେ। ସଂଗ୍ରାମୀମାନଙ୍କୁ ବନ୍ଦେ ମାତରମ୍ ଗୀତ ଗାଇବା ଯୋଗୁ ତାଙ୍କୁ ଜେଲରେ ଭର୍ତ୍ତି କରୁଥିଲେ। କିନ୍ତୁ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେ ମାତରମ୍ କେବଳ ଏକ ଗୀତ ନ ଥିଲା, ତାହା ବହୁ କୋଟି ଭାରତୀୟଙ୍କ ରକ୍ତରେ ପ୍ରବାହିତ ହେଉଥିଲା। ତେଣୁ ବ୍ରିଟିଶର ନିଷେଧ ସତ୍ତ୍ୱେ ବି ତାହା ବନ୍ଦ ହୋଇ ନ ଥିଲା କି ତା'ର ଗାନ କମ୍ ହୋଇ ନ ଥିଲା । ବରଂ ବହୁ କୋଟି ଭାରତୀୟଙ୍କ ମଧ୍ୟରେ ଗୁଞ୍ଜରିତ ହେଉଥିଲା ଓ ଆଜି ବି ହେଉଛି। ସେହି ବନ୍ଦେ ମାତରମ୍ ପଦକୁ ଆଜି ଯେତେବେଳେ ରାଜ୍ୟ ସଭାରେ ସ୍ଲୋଗାନ ଦେବା ପାଇଁ ସରକାର ନିଷେଧ କରୁଛନ୍ତି, ପୁଣି ଥରେ ବ୍ରିଟିଶ ରାଜ୍ କଥା ମନେପକାଇ ଦେଇଛି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ବାରମ୍ବାର ଔପନିବେଶିକ ମାନସିକତାରୁ ମୁକ୍ତହେବା କଥା କହୁଛନ୍ତି ଓ ଇଂରେଜ ସମୟର ଭିନ୍ନ ଭିନ୍ନ ଅନୁଷ୍ଠାନର



ନାମଠାରୁ ଆରମ୍ଭକରି ଇତିହାସକୁ ବଦଳେଇବାର କାମ କରୁଛନ୍ତି। କିନ୍ତୁ ତାଙ୍କ ସରକାର ନିଜେ କିପରି ସେହି ବ୍ରିଟିଶ ମାନସିକତାକୁ ବହନ କରି ବନ୍ଦେ ମାତରମ୍ ସ୍ଲୋଗାନ ଉପରେ ରାଜ୍ୟ ସଭାରେ ଅଙ୍କୁଶ ଲଗାଉଛନ୍ତି। କେବଳ ବନ୍ଦେ ମାତରମ୍ ନୁହେଁ, ସୁଭାଷ ବୋଷଙ୍କ ଜୟ ହିନ୍ଦ୍ ବି ବହୁ କୋଟିଙ୍କ ଛାତିରେ ସ୍ପନ୍ଦନ ସୃଷ୍ଟି କରୁଥିବା ଏକ ସ୍ଲୋଗାନ। ଦୁର୍ଭାଗ୍ୟଜନକ ଭାବେ ତାହା ବି ସରକାରଙ୍କ ଗଳାରେ କଣ୍ଟା ପରି ଲାଗୁଛି

ଦୁର୍ଭାଗ୍ୟର ବିଷୟ, ମୁଖ୍ୟ ସ୍ରୋତର ଗଣମାଧ୍ୟମର ଚର୍ଚ୍ଚାରୁ ଏସବୁ ବାଦ୍ ପଡ଼ିଯାଉଛି। ଗଣମାଧ୍ୟମମାନେ କ'ଣ କେବଳ ସରକାରଙ୍କ ସ୍ତୁତିଗାନରେ ନିଜର ମୁକ୍ତି ଦେଖୁଛନ୍ତି। ଦେଶର ଅସଲ ସ୍ୱାର୍ଥ, ଅସଲ ଦେଶପ୍ରେମ ଓ ଜନଗଣଙ୍କ ମଙ୍ଗଳ ଆଉ ତାଙ୍କ ପ୍ରାଥମିକତାରେ ନାହିଁ। ତା'ର ପ୍ରମାଣ ହେଉଛି, ରାଜ୍ୟ ସଭାରେ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ସ୍ଲୋଗାନ ଉଚ୍ଚାରଣକୁ ନେଇ ଏହି ନୋଟିସ ବିଷୟରେ ଅତ୍ୟନ୍ତ କ୍ଷୀଣ ଚର୍ଚ୍ଚା ବା ଜମା ବି ଚର୍ଚ୍ଚା ନାହିଁ। ଦେଶର ପ୍ରାୟ ପ୍ରତ୍ୟେକ ଗଣମାଧ୍ୟମ ଲୋକ ସଭା ଓ ରାଜ୍ୟ ସଭାରେ ବନ୍ଦେ ମାତରମ୍‌ର ବିତର୍କକୁ ନେଇ ପ୍ରବଳ ମୁଖର ହୋଇଥିବା ବେଳେ ଏପରି ଏକ ଗଣତନ୍ତ୍ର ବିରୋଧୀ ନୋଟିସକୁ କିପରି ଆଖି ବୁଜିଦେଇପାରିଲେ!

ସରକାର ଯେପରି ଭାବେ ଏହି ସ୍ଲୋଗାନ ଦ୍ୱୟର ଉଚ୍ଚାରଣକୁ ରାଜ୍ୟ ସଭାରେ ନିଷେଧ କରିଛନ୍ତି, ସତେ ଯେମିତି ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ଉପରେ ତାଙ୍କର ଏକଚାଟିଆ ଅଧିକାର। ବିରୋଧୀମାନେ ଯଦି ଏପରି ସ୍ଲୋଗାନ ଉଚ୍ଚାରଣ କରିବେ, ତେବେ ତାଙ୍କର ଦେଶପ୍ରେମୀ ମୁଖା ଖସିଯିବାର ଭୟ ବୋଧେ ତାଙ୍କୁ ଏପରି ହୀନ କାମ କରିବାକୁ ପ୍ରେରିତ କରିଥାଇପାରେ। କିନ୍ତୁ ସୂଚନାଯୋଗ୍ୟ ଯେ, ସରକାରରେ ଥିବା ଦଳର ପୃଷ୍ଠପୋଷକ ସଂଗଠନ ଅନେକ ଦିନ ଯାଏ ନା ଜାତୀୟ ସଙ୍ଗୀତ, ଜାତୀୟ ପତାକା ନା ବନ୍ଦେ ମାତରମ୍‌କୁ ଗ୍ରହଣ କରିଥିଲେ। ଆଜି ଯଦିଓ ସେଇମାନେ ହିଁ ବନ୍ଦେ ମାତରମ୍ ଉପରେ ଭାଷଣ ଦେଉଛନ୍ତି, କିନ୍ତୁ ସେମାନଙ୍କର ଇତିହାସ ଠିକ୍ ଏହାର ବିପରୀତ ଥିଲା।

ବନ୍ଦେ ମାତରମ୍‌ର ଉଚ୍ଚାରଣ ହେଉଛି, ଭାରତ ମାତା ପ୍ରତି ପ୍ରେମର ଏକ ଭାବପୂର୍ଣ୍ଣ ପ୍ରଦର୍ଶନ। ସେହିପରି ଜୟ ହିନ୍ଦ୍ ହେଉଛି, ଭାରତର ବିଜୟକୁ ମନ ପ୍ରାଣ ଦେଇ ଚାହିଁବା ଓ ଆଗକୁ ମାଡ଼ି ଚାଲିବା ପାଇଁ ଏକ ଆହ୍ୱାନ। ବ୍ରିଟିଶମାନଙ୍କୁ ଏହା ଭଲ ନ ଲାଗିବା ସ୍ୱାଭାବିକ, କିନ୍ତୁ ଆମ ଦେଶୀୟ ସରକାର ଏହାକୁ ନିଷେଧ କରିବେ ଏହା ହଜମର ବାହାରେ। ବ୍ରିଟିଶମାନେ ଯେପରି ବନ୍ଦେ ମାତରମ୍‌କୁ ନିଷେଧ କରିବା ସମୟରେ ତାହା ବହୁ କୋଟି ଭାରତୀୟଙ୍କ ପ୍ରାଣରେ ବଞ୍ଚିକରି ଥିଲା, ଠିକ୍ ସେହିପରି ସରକାର ବର୍ତ୍ତମାନ ରାଜ୍ୟ ସଭାରେ ଯେତେ ବନ୍ଦେ ମାତରମ୍ ସ୍ଲୋଗାନକୁ ନିଷେଧ କଲେ ବି ତାହା ଭାରତର ଜନତା ଓ ତାଙ୍କ ପ୍ରତିନିଧିଙ୍କ ଓଠରେ ଉଚ୍ଚାରିତ ହେବ ହିଁ ହେବ । ବ୍ରିଟିଶମାନେ ଏହାକୁ ନିଷେଧକରି ଯେମିତି ନୀରବ କରିପାରି ନ ଥିଲେ, ସେମିତି ଏବେର ସରକାର ବି ଏହାର ସ୍ଲୋଗାନ ଉଚ୍ଚାରଣକୁ ନିଷେଧକରି ଏହାକୁ ମଜଭୁତ ସିନା କରିବେ, କିନ୍ତୁ ଦୁର୍ବଳ କରିପାରିବେ ନାହିଁ।

ବିରୋଧ ଗଣତନ୍ତ୍ରର ମୂଳ ଭିତ୍ତି। ଯଦି ବିରୋଧ ପ୍ରତି ଅସହନଶୀଳତା ପ୍ରଦର୍ଶନ କରାଯିବ, ତେବେ ଏହା ଗଣତନ୍ତ୍ର ଉପରେ ଅବିଶ୍ୱାସକୁ ଦର୍ଶାଇବ; ଯାହା ଆଜିର ସମୟରେ ଅତ୍ୟଧିକ ଦେଖାଯାଉଛି। ବିରୋଧୀଙ୍କୁ ଦେଶଦ୍ରୋହୀ ଭାବେ ଚିତ୍ରଣକରି ନିଜକୁ ତଥା ସରକାରଙ୍କୁ ଦେଶପ୍ରେମୀ ଦେଖାଇବାର ହୀନ ଓ ନିଷ୍ଫଳ ପ୍ରୟାସ କରାଯାଉଛି। ଏହା ନିଶ୍ଚିତ ଭାବେ ବେଶିଦିନ ତିଷ୍ଠିବ ନାହିଁ। ରାଜ୍ୟ ସଭାରେ ବନ୍ଦେ ମାତରମ୍ ଓ ଜୟ ହିନ୍ଦ୍ ସ୍ଲୋଗାନକୁ ନିଷେଧକରିବା କେବଳ ସରକାରଙ୍କ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପାଳନର ଛଳନାତ୍ମକ ଆଭିମୁଖ୍ୟକୁ ଦର୍ଶାଉନାହିଁ, ବରଂ ତାଙ୍କର ଭୀରୁତାକୁ ବି ସୂଚାଉଛି ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ପୁରସ୍କାର ଚୟନ ଉପରେ ପ୍ରଶ୍ନବାଚୀ

ମହାଶୟ,

ଦାଦା ସାହେବ ଫାଲ୍‌କେ ପୁରସ୍କାର ଧର୍ମେନ୍ଦ୍ରଙ୍କୁ ପ୍ରଦାନ କରା ନ ଯିବା ଦୁର୍ଭାଗ୍ୟଜନକ। ଦୀର୍ଘ ୬୦ ବର୍ଷର ସିନେ ଅଭିନୟ ଜୀବନରେ ୩୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କରିଥିବା ପଦ୍ମଭୂଷଣ ଧର୍ମେନ୍ଦ୍ରଙ୍କ ଭାରତୀୟ ସିନେମାକୁ ଅବଦାନ ଅତୁଳନୀୟ। ତେବେ ତାଙ୍କୁ ଏହି ପୁରସ୍କାର ପାଇଁ ଚୟନ କରା ନ ଯିବା ଦୁର୍ଭାଗ୍ୟଜନକ। ସେହିପରି ପ୍ରଥମ ସୁପରଷ୍ଟାର୍ ରାଜେଶ ଖାନ୍ନାଙ୍କୁ ଅଣଦେଖା କରି ବହୁ ବିଳମ୍ବରେ ତାଙ୍କ ମୃତ୍ୟୁ ପରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥିଲା। ଧର୍ମେନ୍ଦ୍ରଙ୍କ ମୃତ୍ୟୁ ହିନ୍ଦୀ ସିନେମାର ସୁବର୍ଣ୍ଣ ଯୁଗରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦେଖାଯାଉଛି, ପ୍ରସିଦ୍ଧ କଳାକାରଙ୍କୁ ଶ୍ମଶାନ ଭୂମିରେ ରାଜ୍ୟ ତଥା ଜିଲା ପ୍ରଶାସନ ପକ୍ଷରୁ ଶେଷ ମର୍ଯ୍ୟାଦା ସଲାମି ଦେବାରେ କୌଣସି ଇଚ୍ଛା ରଖାଯାଉନାହିଁ। ତେବେ ଧର୍ମେନ୍ଦ୍ରଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦେବା ଲାଗି ପନର୍ବିଚାର କରାଯାଉ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ-ମରୁରେ ନୟନେ ନ ଜାଗେ ନୀର !
ତିକ୍ତ ହିୟା ମୋ କଳୁଷ ବିଷରେ
ଝରିପଡୁ ଧୀରେ ସକଳ ଦିଶରେ
ଅମୃତ ତବ ବହି ଆଣୁ ନବ
ସାନ୍ତ୍ୱନା ହୃଦଗତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମେଗା ପାନୀୟ ଜଳ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଘେରରେ

ଭଞ୍ଜନଗର,୧୭।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ପକ୍ଷରୁ ଚାଲିଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। ବିଭାଗୀୟ ମନ୍ତ୍ରୀ, ବିଧାନସଭାର ବିଭିନ୍ନ କମିଟି, ପ୍ରଶାସନିକ ଅଧିକାରୀ ପ୍ରକଳ୍ପ ଅଞ୍ଚଳ ଗସ୍ତ କରି କାର୍ଯ୍ୟ ତରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ମାତ୍ର ପ୍ରକଳ୍ପ ବିଶେଷ ଅଗ୍ରଗତି ହୋଇ ପାରୁନାହିଁ। ଗତ ୬ ମାସ ମଧ୍ୟରେ ଏହି ପ୍ରକଳ୍ପର ଅଗ୍ରଗତି ମାତ୍ର ୨ ପ୍ରତିଶତ ହୋଇଛି। ଗତ ମେ ୩୦ରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଉକ୍ତ ପ୍ରକଳ୍ପ ପରିଦର୍ଶନରେ ଆସି କାର୍ଯ୍ୟ ବିଳମ୍ବ ହେଉଥିବା ଜାଣି ଅସନ୍ତୋଷ ବ୍ୟକ୍ତ କରିଥିଲେ। କାମ ତରାନ୍ୱିତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ସମୟରେ କାମ ୩୪ ପ୍ରତିଶତ ସରିଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ବର୍ତ୍ତମାନ ସୁଧା ୩୬ ପ୍ରତିଶତ କାମ ସରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଯଦି କାମ ଏତେ ମନ୍ଥର ଗତିରେ ଚାଲିବ ତେବେ ପ୍ରକଳ୍ପ କାମ ସରିବାକୁ ୧୦ ବର୍ଷ ଲାଗିଯିବ। ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବାରୁ ଗତ ଜୁନ ମାସରେ ସରିଯାଉଥିବା ଚୁକ୍ତି ଅବଧି ବୃଦ୍ଧି ଲାଗି ଆଉ ଏକ ଚୁକ୍ତି କରାଯାଇଥିଲା । ଏଥିରେ ୨୦୨୬ ଶେଷ ସୁଧା କାମ ସାରିବାକୁ କମ୍ପାନୀକୁ ସମୟ ଧାର୍ଯ୍ୟ କରାଯାଇଛି। କାମ ବିଳମ୍ବ ହେବାର ମୁଖ୍ୟ କାରଣ ଜମି ଅଧିଗ୍ରହଣ ବିଳମ୍ବ ବୋଲି କୁହାଯାଉଛି। ଜଙ୍ଗଲ ବିଭାଗର ଅନୁମତି ମିଳିବାରେ ବିଳମ୍ବ ହେଉଥିବାରୁ ବର୍ତ୍ତମାନ ସୁଧା ଉକ୍ତ ପ୍ରକଳ୍ପ ପାଇଁ କେଉଁଠାରୁ ପାଣି ଅଣାଯିବ ତାହା ସ୍ଥିର ହୋଇନାହିଁ। ବନ ବିଭାଗ, ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ, ରାଜସ୍ୱ, ବିଦ୍ୟୁତ୍ ସମେତ ଆଉ କେତେକ ବିଭାଗ ମଧ୍ୟରେ ସମନ୍ୱୟ ନ ରହିବା ପ୍ରକଳ୍ପ ବିଳମ୍ବର ଅନ୍ୟଏକ କାରଣ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମୁନା କୁଲାଣ୍ଡିଆଙ୍କୁ ପଚାରିବାରୁ ସେ କହିଲେ, ଜମି ଅଧିଗ୍ରହଣ ସମେତ ଅନ୍ୟାନ୍ୟ କାରଣ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତିରେ ବିଳମ୍ବ ହେଉଛି। ବର୍ତ୍ତମାନ ୩୬ ପ୍ରତିଶତ କାମ ସରିଛି। ୨୦୨୬ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି।



ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ପାଇଁ ୧୫୦୯ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଇତିମଧ୍ୟରେ ୩୪ ପ୍ରତିଶତ ଅର୍ଥ ଠିକାଦାର ଉଠାଇ ସାରିଲେଣି। ମାତ୍ର ୩୬ ପ୍ରତିଶତ କାମ ହୋଇଛି। ୨ ବର୍ଷରୁ ହେଲା ଚାଲିଥିବା ଏହି ପ୍ରକଳ୍ପ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିକାଶ ପ୍ରତି ଦାୟିତ୍ୱ ନେଇଥିବା କମ୍ପାନୀ ଯେପରି ଗୁରୁତ୍ୱ ଦେବାକଥା ସେପରି କରୁ ନ ଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପ କାର୍ଯକ୍ଷମ ହେଲେ ଗଞ୍ଜାମ ଜିଲାର ୧୨ଟି ବ୍ଲକ ବ୍ଲକର ୨୨୮ଟି ପଞ୍ଚାୟତର ୭୭୦ ଗ୍ରାମର ୧ଲକ୍ଷ ୬୬ ହଜାର ୯୩୭ ପରିବାର ଉପକୃତ ହେବେ।

# ବନ୍ଧା ହେଲେ ପୂର୍ବତନ ଆର୍‌ଆଇ

ଜଗନ୍ନାଥ ପ୍ରସାଦ,୧୭।୧୨(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ସର୍କଲରେ ପୂର୍ବତନ ଆର୍‌ଆଇ ବସନ୍ତ ମଲ୍ଲିକ (୪୨) ଜମି ମାପଚୁପ ନାମରେ ଜଣେ ଜମି କ୍ରେତାଙ୍କଠାରୁ ଲାଞ୍ଚ ନେଇ ଫେରାଉ ନ ଥିଲେ। ଆଉଜଣଙ୍କଠାରୁ ମଧ୍ୟ ସେ ସରକାରୀ ଜାଗାର ପଟ୍ଟା କରାଇଦେବି କହି ଟଙ୍କା ନେଇଥିଲେ। ସେ ଟଙ୍କା ନ ଫେରାଇବାରୁ ଉଭୟଙ୍କ ଅଭିଯୋଗ ପରେ ଜଗନ୍ନାଥ ପ୍ରସାଦ ପୋଲିସ ସମ୍ପୃକ୍ତ ପୂର୍ବତନ ଆରଆଇ ମଲ୍ଲିକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ହାଟପଦା ଲକ୍ଷ୍ମୀ ବଜାରର ଲୁଗା ବ୍ୟବସାୟୀ ଏ.ବିରୂପାକ୍ଷ ପାତ୍ର ଏକ ଜମି କ୍ରୟ କରିବା ପାଇଁ ଜମି ମାଲିକଙ୍କୁ ଅଗ୍ରିମ ଟଙ୍କା ଦେଇଥିଲେ। ଏହାର ରେଜିଷ୍ଟ୍ରେଶନ ପୂର୍ବରୁ ସ୍ଥାନୀୟ ଆରଆଇଙ୍କ ଦ୍ୱାରା ଜାଗା ମାପଚୁପର କପି ବାହାର କରିବା ପାଇଁ ବିରୂପାକ୍ଷ ପୂର୍ବତନ ଆରଆଇଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ମଲ୍ଲିକ ଏହାର ମାପଚୁପ ଦାୟିତ୍ୱ ନିଜେ ନେବେ କହି ୩ ଲକ୍ଷ ୫୦ହଜାର ଦାବି କରିଥିଲେ। ବିରୂପାକ୍ଷ ତାଙ୍କୁ ୩ ଲକ୍ଷ ୫୦ ହଜାର ଫୋନ ପେ ଆଉ ଚେକ ମାଧ୍ୟମରେ ୬।୧୧।୨୦୨୪ରେ ଦେଇଥିଲେ। ସରକାରୀ ଜାଗାକୁ ନିଜ ନାମରେ କରାଇ ଦେବାକୁ କହି ଜଗନ୍ନାଥ ପ୍ରସାଦ ପାଇକ ସାହିର ସୁବାସ ଚନ୍ଦ୍ର ସେଠୀଙ୍କଠାରୁ ସେ ୧ଲକ୍ଷ ୪୦ ହଜାର ନେଇଥିବା ସେଠୀ ମଧ୍ୟ ଅଭିଯୋଗ ଆଣିଥିଲେ। ଟଙ୍କା ପାଇଲା ପରେ ମଲ୍ଲିକ ଆଉ ଧରାଛୁଆଁ ଦେଇ ନ ଥିଲେ। ପରେ ମଲ୍ଲିକ କୌଣସି କାରଣରୁ ଆରଆଇ ସର୍କଲରୁ ବିଦା ହୋଇ ତହସିଲ କାର୍ଯ୍ୟାଳୟରେ ଅବସ୍ଥାପିତ ହୋଇଥିଲେ। ଆଡ୍‌ଭାନ୍ସ ନେଇଥିବା ଜମି ମାଲିକ ସମ୍ପୂର୍ଣ୍ଣ ଟଙ୍କା ଦେଇ ତୁରନ୍ତ ଜମି ରେଜିଷ୍ଟ୍ରେଶନ ନ କଲେ ଉକ୍ତ ଜମି ଅନ୍ୟକୁ ବିକିଦେବାକୁ ବିରୂପାକ୍ଷଙ୍କୁ ଜଣାଇଥିଲେ। ପୂର୍ବତନ ଆର୍‌ଆଇ ମଲ୍ଲିକ ଉଭୟଙ୍କୁ ଟଙ୍କା ଫେରାଇବାକୁ ଧରାଛୁଆଁ ନ ଦେବାରୁ ମଙ୍ଗଳବାର ଦେଇଥିବା ଟଙ୍କାର ସମସ୍ତ ପ୍ରମାଣ ସହ ବିରୂପାକ୍ଷ ଓ ସୁବାସ ପୂର୍ବତନ ଆର୍‌ଆଇ ମଲ୍ଲିକଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇଆଇସି ପ୍ରମୋଦ ଲେଙ୍କା ମଲ୍ଲିକଙ୍କୁ ଉଠାଇ ଆଣି ଜେରା କରିବା ବେଳେ ସେ ଟଙ୍କା ନେଇଥିବା ସ୍ୱୀକାର କରିଥିଲେ। ନଂ. ୫୨୪, ୫୨୫/୨୫ରେ ମାମଲା ରୁଜୁକରି ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଆଇ ଜ୍ୟୋତିରଞ୍ଜନ ସାହୁ କହିଛନ୍ତି।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ BUFFER COUPLER/416, ତା.12.12.2025

ଟେଣ୍ଡର ସଂ. 92256017

ବିବରଣୀ : ଇମ୍ପ୍ରୁଭଡ୍ (Improved) ହାଇ ଟେନ୍‌ସାଇଲ୍ (Tensile) ଟାଇଟ୍ ଲକ୍ (Lock) ସେଣ୍ଟର ବଫର (Buffer) କପଲର ଇତ୍ୟାଦି, ପରିମାଣ : 37 ସଂଖ୍ୟକ, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖର ପର ଠାରୁ 84 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.01.2026ରିଖ, 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-910/Q/25-26



**ଭାରତୀୟ ରିଜର୍ଭ ବ୍ୟାଙ୍କ**

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹40,87,367/- ଟଙ୍କା ଆନୁମାନିକ ମୂଲ୍ୟ ରେ ଏହାର **"ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର ସ୍ଥିତ ଷ୍ଟାଫ୍ କ୍ୱାର୍ଟର୍ସରେ ପାଇପଲାଇନ ବଦଳାଇବା ସହିତ ଫ୍ଲାଟକୁ ସଂଯୋଗ କରୁଥିବା ପାଣି ଲାଇନ ବଦଳାଇବା ପାଇଁ ସିଭିଲ କାର୍ଯ୍ୟ"** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 31, 2025 ଅପରାହ୍ନ 02:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


## ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଜି.ଉଦୟଗିରି,୧୭।୧୨(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ କଳିଙ୍ଗାଠାରୁ ଫୁଲବାଣୀ ଯାଉଥିବା ଜାତୀୟ ରାଜପଥ ଜବେଡ଼ି ଶଙ୍ଖ ନିକଟରେ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୌରାଙ୍ଗ ଚରଣ ବାଘ (୪୦)। ଗୌରାଙ୍ଗ ଜବେଡ଼ି ଠାରୁ ଚାଲି ଚାଲି ଯାଉଥିବା ବେଳେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜି.ଉଦୟଗିରି ଏସ୍‌ଆଇ ରୂପକ ଦଳେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଛନ୍ତି।

# ପଟ୍ଟା ଦେବା ବଦଳରେ ଉଚ୍ଛେଦ ନୋଟିସ

ଧରାକୋଟ,୧୭।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ତହସିଲ ଅଧୀନରେ ରହିଥିବା ବହୁ ବାସହୀନ ପରିବାର ରାଜସ୍ୱ ବିଭାଗ କର୍ମଚାରୀଙ୍କ ଅସହଯୋଗରୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଫଳରେ ଧରାକୋଟ ତହସିଲର ଜାରଡା ଗାଁର ଚନ୍ଦ୍ର ଶେଖର ସାହିରେ ୧୯୮୨ରୁ ଦୀର୍ଘ ୪୩ ବର୍ଷ ଧରି ବସବାସ କରି ଆସୁଥିବା ପରିବାରକୁ ସେମାନେ ରହୁଥିବା ଜାଗାର ପଟ୍ଟା ମିଳିପାରିନାହିଁ। ତେବେ କେତେଜଣ ବ୍ୟକ୍ତିଙ୍କ ତହସିଲରେ ଅଭିଯୋଗ ପରେ ଏବେ ଏହି ପରିବାରଗୁଡିକୁ ଉଚ୍ଛେଦ କରିବାକୁ ନୋଟିସ ଆସିଛି।

ଏହିସାହିରେ ଚନ୍ଦ୍ରମା ସ୍ୱାଇଁ,ସନ୍ତୋଷ ରାଉତ, ଜମ୍ବୁ ଜେନା, ପୀତାମ୍ବର ଦାସ, ଚୁନା ପାଣିଗ୍ରାହୀ, ମିଥୁନ ନାହାକ, ସୁଶାନ୍ତ ସ୍ୱାଇଁ, ନିବସିନୀ ସାମଲ ଓ କୃଷ୍ଣ ପ୍ରଧାନ ପରିବାର ସହ ବସବାସ କରୁଛନ୍ତି । ସେମାନଙ୍କ ପରିବାରର ସଦସ୍ୟଙ୍କ ନାମରେ ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ରାଶନ କାର୍ଡ ରହିଛି। ଘରକୁ ବିଦ୍ୟୁତ୍ ଓ ପାଣି ସଂଯୋଗ ହୋଇଛି। ଦୀର୍ଘ ବର୍ଷ ଧରି ସେମାନେ ଏଠାରେ ସ୍ଥାୟୀ ଭାବରେ ରହୁଥିଲେ ମଧ୍ୟ ସେମାନଙ୍କର ସ୍ଥାୟୀ ଘର ପଟ୍ଟା ଖଣ୍ଡେ ନାହିଁ। ଯାହାଦ୍ୱାରା ଆବଶ୍ୟକ ବେଳେ ବିଭିନ୍ନ ପ୍ରମାଣପତ୍ର ପ୍ରଶାସନରୁ ମିଳିପାରୁ ନାହିଁ। ନିକଟରେ ଗ୍ରାମର କେତେଜଣ ବାସିନ୍ଦା ସ୍ଥାନୀୟ ତହସିଲଦାର ଓ ଭଞ୍ଜନଗର ଉପଜିଲାପାଳଙ୍କ ନିକଟରେ ସଂପୃକ୍ତ ୯ଟି ପରିବାର ସରକାରୀ ଜାଗାକୁ ଜବରଦଖଲ କରି ଘର କରିଥିବାରୁ ସେମାନଙ୍କୁ ଉଚ୍ଛେଦ କରିବା ଓ ସେହି ଜାଗାକୁ କାଳୀ ମନ୍ଦିରର ପୂଜା ପାର୍ବଣ ପାଇଁ ବ୍ୟବହାର କରିବାକୁ ଲିଖିତ ଭାବରେ ଜଣାଇଥିଲେ। ପରେ ସେହି ପରିବାରଗୁଡ଼ିକୁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ମଙ୍ଗଳବାର ସମସ୍ତେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କୁ ସ୍ଥାୟୀ ଘର ପଟ୍ଟା ଦେବାପାଇଁ ତହସିଲଦାର ଲମ୍ବୋଦର ମାର୍ଣ୍ଡିଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ତହସିଲଦାର ମାର୍ଣ୍ଡିଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ପରିବାରଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉତ୍ତର ମିଳିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଖଲ୍ଲିକୋଟ,୧୭।୧୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ ସମ୍ମିଳନୀ କକ୍ଷରେ ବୁଧବାର ପ୍ରକଳ୍ପସ୍ତରୀୟ କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଡିପିଓ ବିଜୟଲକ୍ଷ୍ମୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଡ଼ିଓ ଦେବାଶିଷ ସାମଲ, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡଙ୍ଗା, ଏସ୍‌ଆଇ ମାନସୀ ସାହୁ ଯୋଗ ଦେଇଥିଲେ। ପିଲାଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ନୃତ୍ୟ, କୁଇଜ୍ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କାଳିଗାଡୁରେ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷା ବଳୟ ନିର୍ମାଣ



ଜି.ଉଦୟଗିରି, ୧୭।୧୨
(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଅଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସବୁଜ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ରହିଥିବା ବେଳେ ଜିଲା ଓ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ମୁକୁଲିଙ୍ଗିଆ କାଳିଗାଡୁ ହିଲ୍‌ଟପରୁ ତଳକୁ ଦେଖିଲେ ଗଭୀରତା ଆକଳନ କରିହୁଏନି ଯାହା ସାଧାରଣରେ ବିପଦ ପୂର୍ଣ୍ଣ ରହିଥିଲା। ଏହାକୁ ନେଇ ସେଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ 'ଧରିତ୍ରୀ' ଖବରକାଗଜରେ ସୁରକ୍ଷା ବଳୟ ନିର୍ମାଣ କରିବା ପାଇଁ ଏକ ଖବର ପ୍ରକାଶ ପାଇବା ପରେ ନିର୍ମାଣ କାମ ଚାଲିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ଭିଡ଼କୁ ଦେଖି ସେଠାରେ ବିରାଟ ପଥର ଚଟାଣରେ ହୋଲ କରି କଂକ୍ରିଟ ପିଲର ସହ ଲୁହାର ସୁରକ୍ଷା ବଳୟ ନିର୍ମାଣ କାମ ଚାଲିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ପାହାଡ଼ ଉପରକୁ ଚଢ଼ିବା ଯେତିକି କଷ୍ଟ ତାଠାରୁ ଅତି ଆନନ୍ଦ ଲାଗୁଛି ସେଇଠି ପହଞ୍ଚି ତାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିର୍ଭୟରେ ପର୍ଯ୍ୟଟକ ଦେଖି ପାରିବେ। କିନ୍ତୁ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେବା ସହ ଏହି ସ୍ଥାନକୁ ଯାତାୟତ ନିମନ୍ତେ ଜି.ଉଦୟଗିରି ଠାରୁ ପକ୍କା ସଡ଼କ ନିର୍ମାଣ ନିତାନ୍ତ ଆବଶ୍ୟକ ରହିଛି। ଜିଲା ପ୍ରଶାସନ ତଥା ପର୍ଯ୍ୟଟନ ବିଭାଗ ଏହି ହିଲଟପ ଓ ସିର୍କି ଇକୋ ପାର୍କକୁ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରି ଏହାର ଉନ୍ନତି କଲେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିବ ସାଧାରଣରେ ଆଲୋଚନା ହେଉଛି।

# କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆସିକା ୧୭।୧୨ (ସୁରେନ୍ଦ୍ର ନାଥ ସାହୁ):

ଆସିକାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବଳରାମ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଙ୍ଗୀତା ସେନ ମୁଖ୍ୟ ଅତିଥି ଓ ବଡଆଗୁଲସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ସ୍ୱାଗତ ଭାଷଣରେ ପାଠ୍ୟ, କ୍ରୀଡା ଓ ସହପାଠ୍ୟ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ସେନ ଛାତ୍ରୀଛାତ୍ର ଶିଷ୍ଟାଚାର, ଆତ୍ମବିଶ୍ୱାସ ଓ ସାମାଜିକ ଦାୟିତ୍ୱବୋଧ ଆଧାରରେ ଜୀବନକୁ ଗଢି ତୋଳିବା ଲାଗି ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ପାଣିଗ୍ରାହୀ ଉତ୍ତମ ନାଗରିକ ଗଠନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ । ଏହି ଅବସରରେ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ଲାଗି ଶିକ୍ଷୟିତ୍ରୀ ପୂଜା, ହେନା କାରିନ ଏବଂ ଶିକ୍ଷକ ଶଶିଭୂଷଣ ରଥ, ସୁବ୍ରତ କୁମାର ସେଠୀ ଓ ସିମାଞ୍ଚଳ ବିଷୋୟୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିଭଳି ଶିକ୍ଷା କ୍ଷେତ୍ରରେ ଚିରସ୍ମିତା କାମ୍ପ, ମନସ୍ୱିନୀ କର, ପୂର୍ଣ୍ଣିମା ଆଚାର୍ଯ୍ୟ, ଆଶୁତୋଷ ଆଚାର୍ଯ୍ୟ, ଅଂଶୁମାନ ମହାନ୍ତି, ଅନିରୁଦ୍ଧ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ଚେସ ପ୍ରତିଯୋଗିତାର ପ୍ରତିଯୋଗୀ ଖୁସବୁ ସ୍ୱାଇଁ, ଜାତୀୟ ଯୋଗ ପ୍ରତିଯୋଗିତାର ପ୍ରତିଯୋଗି ଶାଶ୍ୱତ ଚିନ୍ମୟ ସ୍ୱାଇଁ, ଯୁଭିକା-ଇସ୍ରୋ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ଲାଗି ଅଂଶୁମାନ ସାହୁ ଓ ଆନ୍ତର୍ଜାତିକ ଭାଲ୍ୟୁ ଅଲମ୍ପିଆଡରେ ସୌମ୍ୟଶ୍ରୀ ନାୟକଙ୍କୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଆଧାର କାର୍ଡରେ ତ୍ରୁଟି, ମିଳୁନି ଭତ୍ତା

ବାଲିଗୁଡା,୧୭।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ଆଧାରକାର୍ଡରେ ନାମ ତ୍ରୁଟି ଯୋଗୁ ଜଣେ ଅସହାୟ ବିଧବା ମହିଳା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ସେ ହେଲେ ବାଲିଗୁଡା ବ୍ଲକ ଅନ୍ତର୍ଗତ ମିଡିଆକିଆ ପଞ୍ଚାୟତର ପୁରୁଣା ସାହିର ଫିମ୍ପା ବିନ୍ଧାଣୀ(୪୧)। ତାଙ୍କ ଭୋଟ ପରିଚୟପତ୍ର, ରାଶନକାର୍ଡ, ବ୍ୟାଙ୍କ ଖାତାରେ ଫିମ୍ପା ବିନ୍ଧାଣିଙ୍କ ପ୍ରକୃତ ନାମ ରହିଛି। କିନ୍ତୁ ଆଧାର କାର୍ଡରେ ବୈଦିଆ ବିନ୍ଧାଣି ହୋଇଯାଇଛି। ଫଳରେ ସେ ଭତ୍ତା ପାଇପାରୁନାହାନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।


**Department of Mines & Geology**
**Directorate of Geology,Government of Jharkhand**
**Notice Inviting Quotations (NIQ)**

**Reference No. 08/2025-26** **Date: 17.12.2025**

| S. No. | Particulars | Information |
|---|---|---|
| 1. | Name of work | Supply of Press Palette Machine. |
| 2. | Contact Person and Address for Communication | Director, Geology; Directorate of Geology, Department of Mines & Geology, Government of Jharkhand; Engineers' Hostel No -2, 2nd Floor, Dhurwa, Ranchi -834004; E -mail ID: dir-geology@jharkhandmail.gov.in |
| 3. | Cost of NIQ | NIL |
| 4. | Validity of the Rate/P rice Offered by the Bidders | 90 days |
| 5. | Tender publication date | 17.12.2025 |
| 6. | Last date of submission of Bids/NIQ | 31.12.2025 till 01:00 PM |
| 7. | Bid/NIQ opening date | 31.12.2025 up to 03:30 PM. |
| 8. | Period of issue of NIQ | 17.12.2025 to 31.12.2025 |
| 9. | Mode of Bid submission | The bid must be submitted through the Speed post/Registered post in a sealed envelope clearly mentioning the NIQ reference number and the subject matter on the sealed envelope. |
| 10. | Address of Bid submission | Directorate of Geology, Engineers' Hostel No -2, 2nd Floor, Dhurwa, Ranchi, Jharkhand, PIN-834004 |
| 11. | Helpline No. | 8987424878 |

Sd/-
Director, Geology Directorate of Geology,
Department of Mines & Geology,
Government of Jharkhand

PR 368771 Mines and Geology(25-26)D



**PUBLIC NOTICE**

**CAUTION AGAINST FRAUDULENT LETTER ISSUED IN THE NAME OF BISLD**

It has come to our notice that a fake letter is being circulated fraudulently, offering selection for the post of "Panchayat Maitri Sathi" bearing reference No. 9682/BISLD/ 25-26/6351 dated 01.12.2025.

All concerned and the general public are hereby informed that BAIF Institute for Sustainable Livelihoods and Development (BISLD) – Odisha has not issued any such order, and BISLD is not implementing any programme titled "Panchayat Maitri Sathi." The public is therefore cautioned against such fraudulent communications issued by unauthorized persons or entities. Any individual dealing with such unscrupulous elements shall do so entirely at his or her own risk and cost. BAIF / BISLD shall not be responsible for any consequences arising from such dealings.

Sd/-
State Head
BAIF Institute for Sustainable Livelihoods and Development – Odisha



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2025-26/408, ତା.12.12.2025

ଟେଣ୍ଡର ସଂ. 40256500

ସାମଗ୍ରୀଗୁଡ଼ିକର ବିବରଣୀ : ଡେଲିଭରୀ ତାରିଖ ଠାରୁ 12 ମାସର ୱାରେଣ୍ଟି ଅବଧି ଇତ୍ୟାଦି ସହିତ ସମ୍ବଲପୁର ମଣ୍ଡଳର ବାଣିଜ୍ୟ ବିଭାଗ ନିମନ୍ତେ ସର୍ବନିମ୍ନ ଟନେଲ୍ ସାଇଜ 1500 MM (ଚଉଡ଼ା) X 1800 MM (ଉଚ୍ଚତା)ର କାର୍ଗୋ ଏକ୍ସ-ରେ ବ୍ୟାଗେଜ୍ ସ୍କାନର ମେସିନ୍‌ର ଯୋଗାଣ ଏବଂ ସଂସ୍ଥାପନ।

ଟେଣ୍ଡର ମୂଲ୍ୟ : ₹ 4,68,34,206/-, EMD @ 2% : ₹ 9,36,680/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.01.2026ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

PR-911/Q/25-26



**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**E- Procurement Notice, Tender Notice**

NIT No- JNAC/28/2025-26 Date-17.12.2025

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (4th Call) |
| 2. | Estimated Cost (rs.) | Construction cost :- **₹ 6,81,74,316.00** Operation & Maintenance cost :- **₹ 50,35,648.00** Total cost :- **₹ 7,32,09,964.00** |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5 (a). | Time of Completion | 1 year including one month of trial run. |
| (b) | Defect Liability Period | Defect liability period 1 years after satisfactory completion of project. |
| (c) | O&M Period | 1 year after satisfactory completion of project. |
| 6. | Date/Time of publication of tender on website | 22.12.2025 at 05:00 PM |
| 7. | Document downloading Start date | 22.12.2025 at 05:00 PM |
| 8. | Pre bid meeting date, Time & venue | 26.12.2025 at 03:00 PM, JNAC Conference Hall |
| 9. | Bid Submission Start date | 27.12.2025 at 05:00 PM |
| 10. | Bid Submission end date | 19.01.2026 at 05:00 PM |
| 11. | Bid Opening date | 20.01.2026 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | Mr. Ajay Kumar Yadav, A.E, J.N.A.C |
| 15. | Helpline No. of E-procurement cell | 9572649415 |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

PR 368817 Urban Development(25-26)#D

**Deputy Municipal Commissioner,**
**Jamshedpur Notified Area Committee,**
**Jamshedpur.**


See Career Appointment on every Wednesday & Saturday


**कार्यपालक अभियन्ता का कार्यालय लघु सिंचाई प्रमंडल, राँची**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

पत्रांक................../ राँची, दिनांक ........./........./2025

**शुद्धि–पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 838 दिनांक–01.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR No.367551 Minor Irrigation (25-26)#D दिनांक 03.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 17.12.2025 Time: 2:00 PM | 24.12.2025 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 23.12.2025 Time: 2:00PM | 30.12.2025 up to 2:00 pm |
| 3 | Submission of Tender Fee and EMD | Start Date:-17.12.2025 Time:- 2:00 PM Last Date:- 23.12.2025 Time:- 2:00 PM | Start Date:- 24.12.2025 up to 2:00 pm Last Date:- 30.12.2025 Time:- 2:00 PM |
| 4 | Technical Bid Opening Date | Date: 24.12.2025 Time: 5:00 PM | 31.12.2025 at 5:00 pm |

निविदा की शेष सभी शर्ते पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची

PR 368836 (Minor Irrigation)25-26*D



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. GM-EHT(P)CIRCLE-BBSR-05/2025-26:** Loading, Unloading and transportation of surplus materials received from M/s. Gupta Power Store, Jagatpur, Cuttack to EHT (Store) S/D, Choudwar and 132/33kV Grid S/S,Chandikhole for construction of balance portion work for power supply connectivity from 132/33kV Grid S/S, Chandikhole to RTSS, Dhanmandal under EHT (Projects) Division, Cuttack under EHT (Projects) Circle, Bhubaneswar.

**2)E-Tender Call Notice No. 11 of 25-26:** Bids are invited from eligible bidders for sl no"01 to 03" under Civil Works Circle, Bhubaneswar.

**3)E-Tender Call Notice No. SGM-SZ-BAM-16/2025-26:** Construction of fencing around the periphery of 220kV, 132kV & 33kV S/Ys at 220/132/33kV grid S/S, Therubali under EHT (O&M) Division, Rayagada under Southern (O&M) Zone, Berhampur.

**4)Tender Call Notice No. 11/BBSR-DIV/2025-26:** Extension of concrete for protection of tower legs at different locations of 132kV Chandaka- Rnasinghpur-Nimapara DC line (Upto Loc. No. 114) under EHT (O&M) Division, Bhubaneswar.

**5)Tender Call Notice No. 06/2025-26:** Construction of slabs for replacement of damaged slabs inside S/Y at GSS, Bhograi under EHT (O&M) Division, Balasore.

**6)Tender Call Notice No. 06/2025-26:** Construction of brick masonary retaining wall for left over area of 132kV & 33kV S/Y of GSS, Ganjam under EHT (O&M) Division, Chatrapur.

**7)Tender Call Notice No. 18/2025-26:** Concrete grading of office building and construction of rest shed in front of office building at EHT (O&M) Circle, Jajpur Road under EHT (O&M) Circle, Jajpur Road.

**8)Tender Call Notice No. 19/2025-26:** Repairing of damaged couping at different locations of 132kV Rairangpur- Polasponga SC line (from loc. no. 336 to 111) under EHT (O&M) Division, Baripada Under EHT (O&M) Circle, Jajpur Road.

**9)Tender Call Notice No. OTCN-19/BAM/2025-26:** Supply of 150Watt LED based flood light (Make-Philips/Crompton/ Havells) with complete fittings for different Grid S/Ss under EHT (O&M) Circle, Berhampur.

**10)Tender Call Notice No. BRL-51/2025-26:** Procurement of new 645AH float and float-cum-boost battery charger at 400/220/132/33kV Grid S/S, Lapanga under EHT (O&M) Division, Lapanga under EHT (O&M) Circle, Burla.

**11)Tender Call Notice No. OT-08/2025-26/RGD:** Casting of RCC slabs for cable trenches for replacement against damaged slabs at 220/33kV Grid S/S, Kasipur under EHT (O&M) Division, Rayagada.

**12)Tender Call Notice No. OT-09/2025-26/RGD:** Switchyard hydrant system for water treatment to earth pits at 220/33kV Grid S/S, Laxmipur under EHT (O&M) Division, Rayagada.

For more details please visit OPTCL's website: **www.optcl.co.in.** FIPR-68/2025-26

/optcl.odisha /optcl_odisha

**ସଂକ୍ଷେପରେ**

## ପିକ୍‌ଅପ୍ ଭ୍ୟାନ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୧୭।୧୨(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମ ଛକ ଠାରେ ବୁଧବାର ସକାଳୁ ଏକ ମାକ୍ସ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ରାଣୀପେଣ୍ଠ ଗ୍ରାମର କେ.ଲକ୍ଷ୍ମୀ (୭୫)। ତେବେ ଦୁର୍ଘଟଣା ଘଟାଇ ଗାଡିଚାଳକ ଗାଡି ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କେ.ଲକ୍ଷ୍ମୀ କୌଣସି କାମରେ ରାଣୀପେଣ୍ଠ ଛକ ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡିର ସନ୍ଧାନ ମିଳିଛି, ଶୀଘ୍ର ଗାଡି ସହ ଚାଳକଙ୍କୁ ଧରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି । ତେବେ ଦୁର୍ଘଟଣା ଘଟାଇଥିବା ଭ୍ୟାନର ନଂ. ଏପି ୩୯ବିଡି-୭୭୩୬ ବୋଲି ଗ୍ରାମବାସୀ କହିଛନ୍ତି ।

## ୮ ଦିନ ପରେ ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ଖଲ୍ଲିକୋଟ,୧୭।୧୨(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମ ବଡଦାଣ୍ଡ ସାହିର ଧନେଶ୍ୱର ସେଠୀ (୪୪)ଙ୍କ ଦୁବାଇରେ ମୃତ୍ୟୁ ଘଟିବାର ୮ ଦିନ ପରେ ମଙ୍ଗଳବାର ବିଳମ୍ବିତ ରାତିରେ ମୃତଦେହ ଗାଁରେ ପହଞ୍ଚିଛି। ମଙ୍ଗଳବାର ରାତି ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ସେଠାରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଖୋଜାପଲି ସରପଞ୍ଚ ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ଧନେଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିମାନ ବନ୍ଦରରୁ ବାହାରି ରାତି ପ୍ରାୟ ୨ଟାରେ ଖୋଜାପଲ୍ଲି ଗ୍ରାମରେ ମୃତଦେହ ପହଞ୍ଚିଥିଲା। ପରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସ୍ତ୍ରୀ କଲ୍ୟାଣୀ ସେଠୀ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଧନେଶ୍ୱରଙ୍କ ମୃତ୍ୟୁ ପରେ କଲ୍ୟାଣୀଙ୍କ ଚିକିତ୍ସା, ପିଲାଙ୍କ ପାଠପଢ଼ା, ପରିବାର ଚଳାଇବା ଖର୍ଚ୍ଚ ସବୁ କେମିତି ତୁଲାଇବେ ସେନେଇ ଚିନ୍ତାରେ ପଡିଛନ୍ତି।

## ଶେରଗଡ଼ରେ ୨୩ରୁ ଧାନ ମଣ୍ଡି

ଶେରଗଡ଼,୧୭।୧୨(ସୂର୍ଯ୍ୟ ନାରାୟଣ ଦାଶ) ଗଞ୍ଜାମ ଜିଲା ଶେରଗଡ ବ୍ଲକରେ ଧାନ ମଣ୍ଡି ଡିସେମ୍ବର ୨୩ରୁ ଖୋଲିବ। ଏନେଇ ବ୍ଲକ ସଭାଗୃହରେ ମିଲର ଓ ଚାଷୀମାନଙ୍କ ବୈଠକରେ ନିଷ୍ପତ୍ତି ହୋଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବିଡ଼ିଓ ତୃପ୍ତିମୟୀ ଜେନା, ସହକାରୀ ଯୋଗାଣ ନିରୀକ୍ଷକ ବିଭୁପ୍ରସାଦ ସାହୁଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ହୋଇଥିଲା। ବ୍ଲକର ୨୨ ପଞ୍ଚାୟତର ଯେଉଁଚାଷୀମାନେ ପଞ୍ଜୀକରଣ କରିଛନ୍ତି ସେମାନଙ୍କ ଧାନ ୧୯ଟି ମଣ୍ଡି ଜରିଆରେ କିଣାଯିବ। ସେହି ୧୯ଟି ମଣ୍ଡି ମଧ୍ୟରେ ୧୫ଟି ସେବା ସମବାୟ ସମିତି ମଣ୍ଡି ଦାୟିତ୍ୱ ନେଇଛି। ଏଥିସହ ଏହି ସେବା ସମବାୟ ସମିତିଗୁଡିକ ବ୍ଲକର ଠରୁରାଇ, ଅଲାରିଗଡ, ଗୋଠଗାଁ ଓ କୁମାର ପାଣି ପଞ୍ଚାୟତରେ ଧାନ ମଣ୍ଡି ପରିଚାଳନା ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ଏନେଇ ବିଡ଼ିଓ ଜେନା କହିଛନ୍ତି, ଧାନ ମଣ୍ଡିରେ କିଣା ବିକା ସମୟରେ ମିଲରମାନେ ସ୍ୱଚ୍ଛତା ଅବଲମ୍ବନ କରିବେ। ଚାଷୀ ମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ଏଥିପ୍ରତି ସତନ୍ତ୍ର ଦୃଷ୍ଟି ଦେବାକୁ ବୈଠକରେ ଉପସ୍ଥିତ ମିଲର ଓ ଯୋଗାଣ ବିଭାଗକୁ କୁହାଯାଇଥିଲା। ହିଞ୍ଜିଳିକାଟୁ ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ତହସିଲଦାର ତ୍ରିଦେବ ରଥ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ସମସ୍ତ ଜିଲା ପରିଷଦ ସଭ୍ୟ, ସମବାୟ ସମିତି କର୍ମକର୍ତ୍ତା, ଆରଆଇ, ମିଲରମାନେ ଉପସ୍ଥିତ ଥିଲେ।

## ଗାଁ ମଝିରେ ଛିଣ୍ଡିଲା ବିଦ୍ୟୁତ୍ ତାର

ଗଞ୍ଜାମ,୧୭।୧୨(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ଲକ୍ଷ୍ମୀପୁର ଗାଁ ମଝିରେ ବୁଧବାର ସକାଳେ ହଠାତ୍ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏହି ସମୟରେ ନିଜ ଘର ଆଗରେ ଠିଆ ହୋଇଥିବା ଲକ୍ଷ୍ମୀ ରେଡ୍ଡୀ ଓ ତାଙ୍କ ନାତି ସୌଭାଗ୍ୟବଶତଃ ବିଦ୍ୟୁତ୍ ଆଘାତରୁ ବର୍ତ୍ତି ଯାଇଛନ୍ତି। ତାର ଛିଣ୍ଡିଲା ବେଳେ ଗ୍ରାମର ଏସ. ଲଛମୀ ରେଡ୍ଡୀ, ଜି. ରାଜିଆମା ରେଡ୍ଡୀ ମଧ୍ୟ ସେଠାରେ ଥିଲେ। ସେମାନେ ମଧ୍ୟ ବର୍ତ୍ତି ଯାଇଛନ୍ତି। ଗାଁରେ ଦୀର୍ଘ ବର୍ଷ ହେବ ବିଦ୍ୟୁତ୍ ତାରଗୁଡିକ ବଦଳା ଯାଇନାହିଁ। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଗଞ୍ଜାମ ଥାନାରେ ମଧ୍ୟ ଅଭିଯୋଗ କରାଯାଇଥିବା ଗ୍ରାମର ଏନ ଗଙ୍ଗାଧର ରେଡ୍ଡୀ କହିଛନ୍ତି।

# ପକଡ଼ାଝରର ଜଳପ୍ରପାତ ଉନ୍ନତିରେ ଜଙ୍ଗଲ ବିଭାଗ ବାଧକ

ଖଜୁରିପଡ଼ା,୧୭।୧୨( ବିଦୁର ବେହେରା)

କନ୍ଧମାଳ ଜିଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି। ସେସବୁ ବିକାଶ ହେଉ ନ ଥିବାରୁ ପର୍ଯ୍ୟଟକମାନଙ୍କ ଅଗ୍ରାହ୍ୟ ଜିଲା ପ୍ରତି କମିବାରେ ଲାଗିଛି। ପର୍ଯ୍ୟଟନ ବିଭାଗର ଆନ୍ତରିକତା ଅଭାବରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବିକାଶ ନ ହୋଇ ଅବହେଳିତ ହୋଇପଡିଛି। ସେପରି ଏକ ପର୍ଯ୍ୟଟନ ସ୍ଥଳୀ ହେଉଛି ଖଜୁରୀପଡ଼ା ବ୍ଲକର ପକଡ଼ାଝର ଜଳ ପ୍ରପାତ। ଏହି ଜଳ ପ୍ରପାତର ପରିବେଶ ବେଶ ମନୋରମ। ଝରଣାର କୁଳୁକୁଳୁ ସ୍ୱର,ପକ୍ଷୀମାନଙ୍କ କିଚିରିମିଚିରି ଶୁଣିଲେ ମନ ପ୍ରଫୁଲ୍ଲିତ ହୋଇ ଯାଏ। ଏଠାରେ ଭୋଜି କରି ପିକ୍‌ନିକ୍ କରିବା ପାଇଁ ସମସ୍ତ ପରିବେଶ ରହିଛି। ମାତ୍ର ପ୍ରଶାସନର ଆଢୁଆଳରେ ଏଯାଏ ରହିଛି ଏହି ପକଡ଼ାଝର ଜଳପ୍ରପାତ। କିଛି ଉନ୍ନତିକରଣ କାର୍ଯ୍ୟ କରିବାକୁ ବ୍ଲକ ପ୍ରଶାସନ ଉଦ୍ୟମ କଲେ ବନ ବିଭାଗ ଅଙ୍କୁଶ ଲଗାଉଛି।



ପକଡ଼ାଝର ଜଳପ୍ରପାତ।

ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ କହନ୍ତି, ଆର୍ଥିକ ବର୍ଷ ୨୦୨୨-୨୩ରେ ପକଡ଼ାଝର ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ ୭୭ ଲକ୍ଷ ଟଙ୍କା ସରକାର ଅନୁଦାନ ଦେଇଥିଲେ। ସେହି ଟଙ୍କାରେ ପକଡ଼ା ଝରଠାରେ ସ୍ୱାଗତ ଗେଟ, ପାହାଚ ମରାମତି ଓ ନିର୍ମାଣ, ପାର୍କିଂ ବ୍ୟବସ୍ଥା, ଟିକେଟ କାଉଣ୍ଟର, ପାର୍କ, ପିଣ୍ଡି,ରାସ୍ତା ନିର୍ମାଣ ଭଳି ଅନେକ କାମ ହେବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହିସବୁ କାମ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଠିକାଦାର ପ୍ରସନ୍ନ ସାହୁ ଟେଣ୍ଡର ନେଇଥିଲେ। ସେ କାମ ଆରମ୍ଭ କରିବା ବେଳେ ବନ ବିଭାଗ ଉନ୍ନତିକରଣ କାର୍ଯ୍ୟରେ ବାଧା ଦେଇ କାମ ବନ୍ଦ କରି ଦେଇଛି । ଫଳରେ ପକଡ଼ାଝର ଜଳପ୍ରପାତର ଉନ୍ନତିକରଣ କାର୍ଯ୍ୟ ହୋଇପାରି ନାହିଁ ବୋଲି ସେ କହିଛନ୍ତି। ଏ ନେଇ ସୁଦ୍ରୁକୁମ୍ପା ରେଞ୍ଜର ମାନସ ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଜଳପ୍ରପାତରେ କ'ଣ ସବୁ କାର୍ଯ୍ୟ କରାଯିବ ସେ ନେଇ ବ୍ଲକ ପ୍ରଶାସନ ପ୍ରପୋଜାଲ ଦେଇନାହିଁ। ପକଡ଼ାଝର ଜଳପ୍ରପାତ ସଂରକ୍ଷଣ ଜଙ୍ଗଲ ଭିତରେ ରହିଛି। ସେଠାରେ ଉନ୍ନତିକରଣ କାର୍ଯ୍ୟ ପାଇଁ ଡିଏଫଓଙ୍କ ଅନୁମତି ଆଣିବା ଆବଶ୍ୟକ। ଡିଏଫଓ ଅନୁମତି ଦେଲେ ଉନ୍ନତିକରଣ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ ବୋଲି ରେଞ୍ଜର ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ଜଳପ୍ରପାତର ଉନ୍ନତି କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ଡିଫେଓଙ୍କ ଅନୁମତି ପାଇଁ ଚିଠି କରିଥିଲେ ମଧ୍ୟ ଅନୁମତି ମିଳି ନ ଥିବା ଜଣାପଡିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗୁଗୁଲ୍ ମ୍ୟାପ୍ ଦେଖି ଦୁର୍ଘଟଣାଗ୍ରସ୍ତ ହେଲା ଟ୍ରକ୍



ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରକ।

■ଗାଜଲବାଡ଼ିଗରେ ଘଟୁଛି ବାରମ୍ବାର ଦୁର୍ଘଟଣା
■ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ ଘାଟି

ଦାରିଙ୍ଗବାଡ଼ି, ୧୭।୧୨ (ଅରୁଣ ସାହୁ ):

ଗୋପାଳପୁର-ରାଇପୁରକୁ ସଂଯୋଗ କରୁଥିବା ୫୯ ନଂ. ଜାତୀୟ ରାଜପଥର ଗାଜଲବାଡ଼ି ଘାଟି ଏବେ ଦୁର୍ଘଟଣାର ମୁଖ୍ୟ ସ୍ଥଳ ପାଲଟିଛି। ଦୈନିକ ଶହଶହ ଛୋଟ ବଡ଼ ଗାଡି ମୋଟର ଯାତାୟତ କରୁଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଉଛି। ଗୋଟିଏ ମାସରେ ୨ଟି ଟ୍ରକ୍ ଗୁଗୁଲି ମ୍ୟାପ୍ ଦେଖି ଦୁର୍ଘଟଣାର ଶୀକାର ହୋଇଛନ୍ତି। ସୋମବାର ଉକ୍ତ ଘାଟିରେ ପ୍ଲାଇ ବୋର୍ଡ ବୋଝେଇ ଟ୍ରକ୍ ଛତିଶଗଡ଼ରୁ ବାହାରି ବ୍ରହ୍ମପୁର ଅଭିମୁଖେ ଯାତ୍ରା କରୁଥିଲା। ମ୍ୟାପ୍ ସାହାଯ୍ୟରେ ବ୍ରହ୍ମପୁର ଯାଉଥିବା ବେଳେ ଏହି ଗାଜଲବାଡ଼ି ଘାଟି ରାସ୍ତାଟି ଦେଖିଆଇଥିଲା। ଚାଳକ ଜଣକ ସେହି ରାସ୍ତାରେ ଆସୁଥିବା ବେଳେ ଘାଟିର ବୁଲାଣି ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାର ଶୀକାର ହୋଇଛି।

# ଗାଜଲବାଡ଼ି ଘାଟି ସମ୍ପ୍ରସାରଣ ପାଇଁ ରାଜପଥ ଅବରୋଧ

ଦାରିଙ୍ଗବାଡ଼ି,୧୭।୧୨ (ଅରୁଣ ସାହୁ)

ଗୋପାଳପୁର-ରାଇପୁରକୁ ସଂଯୋଗ କରୁଥିବା ୫୯ ନଂ. ଜାତୀୟ ରାଜପଥ ର ଗାଜଲବାଡ଼ି ଘାଟି ସମ୍ପ୍ରସାରଣରେ ବିଳମ୍ବକୁ ନେଇ ଅସନ୍ତୋଷ ବଢ଼ିଛି। ଏନେଇ ବୁଧବାର ଗଞ୍ଜାମ-କନ୍ଧମାଳ ସୀମାବର୍ତ୍ତୀ ବାଇମାଲା ଚେକ୍‌ଗେଟ୍‌ଠାରେ ଶତାଧିକ ଲୋକ ରାଜପଥକୁ ଅବରୋଧ କରି ବିକ୍ଷୋଭ କରିଥିଲେ। ପରେ ପୋଲିସ ପ୍ରଶାସନ ଏବଂ ଜାତୀୟ ରାଜପଥ ବିଭାଗ ଓ ତହସିଲଦାର ପ୍ରମୁଖ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ୭ ଦିନରୁ ୧୫ ଦିନ ମଧ୍ୟରେ ଘାଟି ରାସ୍ତାକୁ ମରାମତି କରିବାକୁ ରାଜପଥ ବିଭାଗର ବ୍ରହ୍ମପୁର ଡିଭିଜନର ସୁପେରଟେଣ୍ଡେଣ୍ଟ ଇଞ୍ଜିନିୟର ସୌମ୍ୟ ରଞ୍ଜନ ମଲ୍ଲିକ ପ୍ରତିଶ୍ରୁତି ଦେବାପରେ ପ୍ରାୟ ୬ ଘଣ୍ଟା ପରେ ଅବରୋଧ ହଟିଥିଲା। ବିଧାନସଭାର ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ, ଗଞ୍ଜାମ ସୋରଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ ଆନ୍ଦୋଳନରେ ସାମିଲ ଥିଲେ। ସେମନଙ୍କ ଦାବି ଓ ଅଭିଯୋଗ ଯେ, ଉକ୍ତ ରାଜପଥକୁ ସରକାର



**୧୫ ଦିନରେ ମରାମତି ପାଇଁ ପ୍ରତିଶ୍ରୁତି ପରେ ରାସ୍ତାରୁ ଉଠିଲେ**

ସମ୍ପ୍ରସାରଣ କରିଥିଲେ ସୁଦ୍ଧା ଦାରିଙ୍ଗବାଡି ଠାରୁ ସୋରଡ଼ାକୁ ସଂଯୋଗ କରୁଥିବା ଉକ୍ତ ରାଜପଥର ଗାଜଲବାଡ଼ି ଘାଟି ରାସ୍ତାର ପ୍ରାୟ ୨୪ କି.ମି. ରାସ୍ତା ସମ୍ପ୍ରସାରଣ ହୋଇପାରିନାହିଁ। ଅଣଓସାରିଆ ରାସ୍ତାରେ ଭାରିଯାନ ସମେତ ଅନ୍ୟାନ୍ୟ ଗାଡ଼ି ମୋଟର ଦୁର୍ଘଟଣା ଘାଟି ବହୁ ଧନଜୀବନ ନଷ୍ଟ ହେଉଛି। ଘାଟି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୭ ସହ ୨୦ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଥିଲେ ସୁଦ୍ଧା ସମ୍ପ୍ରସାରଣ କରାଯିବରେ ଅବହେଳା କରାଯାଉଥିବା ଅଭିଯୋଗରେ ବିକ୍ଷୋଭ କରାଯାଇଥିବା ି ସାଲୁଗା ପ୍ରଧାନ କହିଛନ୍ତି। ଏବେ ପ୍ରତିଶ୍ରୁତି ଅନୁସାରେ ଯଦି କାର୍ଯ୍ୟ କରା ନ ଯାଏ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ ପାଇଁ ବାଲିଗୁଡ଼ା ଏସଡିପିଓ ଶୁଭମ ଭୋସଲେ, ଦାରିଙ୍ଗବାଡି ଥାନା ଅଧିକାରୀ କନକ ମାଝୀ ସଦଳବଳେ ଉପସ୍ଥିତ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାରିଙ୍ଗବାଡ଼ି ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ସମେତ ଜିଲାପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ଛତ୍ରପୁର, ୧୭।୧୨(ଦିଲୀପ ସାମଲ) ଛତ୍ରପୁରସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନସ୍ଲୋ ମିନି ଷ୍ଟାଡିୟମଠାରେ ଅନୁଷ୍ଠାନର ଚେୟାରମ୍ୟାନ ସୁଧୀର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ଅରୁଣ ଶତପଥୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ କ୍ରୀଡା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ କେ. ସୁନୀଲ ରାଓ ଏବଂ ପ୍ରିୟ ରଞ୍ଜନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଭାଇସ ଚେୟାରମାନ ସୁନିତା ସାହୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୃଜନ-୨୦୨୫

ବେଲଗୁଣ୍ଠା,୧୭।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୃଜନ-୨୦୨୫ ଅଧ୍ୟକ୍ଷ ମାନସରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ମୁଖ୍ୟବକ୍ତା ରୂପେ ବେଲଗୁଣ୍ଠା ବିଇଓ ଲୋପାମୁଦ୍ରା ରଥ, ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ, ସରପଞ୍ଚ କମଳ କୁମାରୀ ପ୍ରଧାନ, ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଗିରିଧାରୀ ନାୟକ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ମହନ୍ତ ମହାରାଜ ରାମକୃଷ୍ଣ ଦାଶ, ନେଟଙ୍ଗା ସିଆରସିସି ସୁଧୀରକାନ୍ତ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ସନାତନ ନାୟକ, ବଡପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଡ.ଦୁର୍ଗା ପ୍ରସାଦ ମିଶ୍ର ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସନ୍ତୋଷ ଗୌଡ଼ ଧନ୍ୟବାଦ ଦେଇଥିଲେ।

# ଏସ୍‌ଆଇଆର୍ ସମ୍ପର୍କିତ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ରାଇକିଆ,୧୭।୧୨(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ଜିଲାସ୍ତରୀୟ ଏସ୍‌ଆଇଆର ସମ୍ପର୍କିତ ଆଲୋଚନାଚକ୍ର ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପଣ୍ଡିତ ବିଶି ମାଝୀ , ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କ ନିର୍ବାଚନ ସଂସ୍କାର ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସଞ୍ଜିତ ମଣ୍ଡଳ, ମାନଗୋବିନ୍ଦ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ଜିଲା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କା, ସମସ୍ତ ମଣ୍ଡଳ ସଭାପତି ଓ ଅନ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଛତ୍ରପୁର,୧୭।୧୨(ଦିଲୀପ ସାମଲ): ଛତ୍ରପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସସ୍ମିତା ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷା ସହ କ୍ରୀଡାକୁ ବି ଗୁରୁତ୍ୱ ଦେବାକୁ କହିଥିଲେ । ଏଥିସହିତ ଅନୁଷ୍ଠାନର ଭିତ୍ତିଭୂମିର ଉନ୍ନତୀ ପାଇଁ ଆର୍ଥିକ ଅନୁଦାନ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ବେହେରା ସାଂସ୍କୃତିକ ଓ ଅଧ୍ୟାପିକା ପ୍ରିୟମ୍ବଦା ମହାରଣା କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ । ବରିଷ୍ଠ ଅଧ୍ୟାପିକା କ୍ରିଷ୍ଣା ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା କିରଣବାଳା ରଥଙ୍କ ପରିଚାଳନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପାରଳାଖେମୁଣ୍ଡି,୧୭।୧୨(ଗିରିଧାରୀ ପରିଚ୍ଛା)

**ଲୁହାସିଂକୁ ନୂତନ ପଞ୍ଚାୟତ କରିବାକୁ ଦାବି**

ଗଜପତି ଜିଲା ନୂଆଗଡ ବ୍ଲକର ଲୁହଙ୍ଗର ପଞ୍ଚାୟତରୁଅଲଗା ହୋଇ ଲୁହା ସିଂଠାରେ ୭ଟି ଗ୍ରାମ ତୁଣ୍ଡରି, ସୌରି, ତାକାବୁଲ, ପେଲାର, ଲୁହାସିଂ, କୁମଜାଙ୍ଗ, କିତିଙ୍ଗୁଲକୁ ନେଇ ଲୁହା ସିଂ ପଞ୍ଚାୟତ ଗଠନ କରିବାକୁ ଉପରୋକ୍ତ ଗ୍ରାମର ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ମଙ୍ଗଳବାର ଦାବି ରଖିଛନ୍ତି। ସେମାନେ ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହନେଗାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ୭ ଗ୍ରାମର ଗ୍ରାମବାସୀ ବିଭିନ୍ନ ସମସ୍ୟା ହେତୁ ଲୁହଙ୍ଗର ପଞ୍ଚାୟତରୁ ଅଲଗା ହେବାକୁ ଚାହୁଁଛନ୍ତି। ଏବେ ଉକ୍ତ ୭ ଗ୍ରାମର ୧୬୯୫ ଜନସଂଖ୍ୟା ରହିଛି। ସେଥି ମଧ୍ୟରେ ୧୨୮୭ ଜଣ ଭୋଟର ରହିଛନ୍ତି। ନୂତନ ଭାବେ ୭୦ଜଣ ଭୋଟର ତାଲିକାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି। ଏହି ଗ୍ରାମଗୁଡିକର ଗ୍ରାମବାସୀଙ୍କୁ ଲୁହଙ୍ଗର ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତ ଓ ଯୋଗାଯୋଗ କରିବାକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ଏହି ୭ ଗ୍ରାମକୁ ବନ ପାହାଡ ପର୍ବତ ଘେରି ରହିଛି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ମିଳୁଥିବା ଅନେକ ସୁବିଧା ଗ୍ରାମବାସୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଅନେକ ଗ୍ରାମବାସୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଲୁହା ସିଂ ନୂତନ ପଞ୍ଚାୟତ ହେଲେ ରାଜସ୍ୱ ବିଭାଗ କାର୍ଯ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ନିମନ୍ତେ ଲୁହାସିଂଠାରେ ଜମି ଛାଡ଼ିବା ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ଗ୍ରାମବାସୀ ପୂର୍ବତନ ଉପାଧ୍ୟକ୍ଷ ରବି ନାରାୟଣ ସୁବୁଦ୍ଧି, ୱାର୍ଡ ମେମ୍ବର ଗୀତା ମଣ୍ଡଳ, ଆୟୁବ ଗମାଙ୍ଗ ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।

# ୨ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କଲେ ମନ୍ତ୍ରୀ




ବୁଗୁଡ଼ା,୧୭।୧୨(କାଳିଚରଣ ଦାଶ)

ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ଗମନାଗମନର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆନୁକୂଲ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ୨ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ମୁକୁନ୍ଦପୁର ଶିବମନ୍ଦିର ଠାରୁ ମହୁଲପଲୀ ଦେଇ ପାଣିକେଶ୍ୱର ପର୍ଯ୍ୟନ୍ତ ୩ କି.ମି. ଏବଂ କାନକୁରୁଠାରୁ ଗେଣ୍ଡୁଳି ଯାଏ ୬ କି.ମି. ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ବିଭାଗୀୟ ଏସ୍‌ଡିଓ ସଞ୍ଜୀବ ପାତ୍ର, କନିଷ୍ଠ ଯନ୍ତ୍ରୀ ଭୁବନ ମୋହନ ନାୟକ ଓ ପପୁ ସାହୁ ଉପସ୍ଥିତ ଥିଲେ। ଏହାଦ୍ୱାରା ଗ୍ରାମ୍ୟ ଅର୍ଥନୀତି ସୁଦୃଢ ହେବାସହ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ପ୍ରତିନିଧ କେ.ନୀଳମାଧବ ଆଚାରୀ, ବ୍ଲକ୍ ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଏବଂ ମାଛର ଆବଶ୍ୟକତା ପୂରଣ ପାଇଁ ବାଘୁଆ ଜଳଭଣ୍ଡାରଠାରେ ୩ ଲକ୍ଷ ଆଙ୍ଗୁଳି ଯାଆଁଳ ଛାଡିଥିଲେ। ମତ୍ସ୍ୟ ବିଭାଗ ଅଧିକାରୀ ଏବଂ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟମାନେ ଉପସ୍ଥିତ ଥିଲେ।

## କିଶୋରୀ କିଶୋର ପ୍ରତିଭା ଅନ୍ୱେଷଣ

ଗୋପାଳପୁର,୧୭।୧୨(ନବୀନ ରାଜ ଆଚାରୀ) ପ୍ରକଳ୍ପସ୍ତରୀୟ କିଶୋରୀ କିଶୋରମାନଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି। ବ୍ଲକ ପରିସସ୍ଥ ମିଶନ ଶକ୍ତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରରଙ୍ଗେଇଲୁଣ୍ଡା ସିଡିପିଓ ସଂଘମିତ୍ରା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ଭୂଇଁଆ, ସ୍ନେହମାଇ ପାଢ଼ୀ, ବବିତା ମହାରଣା, ଅଳକା ସାହୁ, ସୁପରଭାଇଜର ରଚନା ପ୍ରଧାନ ଯୋଗ ଦେଇଥିଲେ। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, ନୃତ୍ୟ, କିଶୋରମାନଙ୍କ ମଧ୍ୟରେ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି, ରଚନା ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରାଜେଶ୍ୱରୀ ରେଡ୍ଡୀ, ସରସ୍ୱତୀ ବେହେରା, ବବିତା ବେହେରା, ସତ୍ୟଭାମା ପାଢ଼ୀ, ତପସ୍ୱିନୀ ଶତପଥୀ, ମଞ୍ଜୁ କୁମାରୀ ପଟ୍ଟନାୟକଙ୍କ ସହ ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ନିର୍ମାଣ ସରି ତାଲାପଡ଼ିଛି ଗୋଷ୍ଠୀ ଶୌଚାଳୟ

ତୁମୁଡିବନ୍ଧ,୧୭।୧୨(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଆମ୍ବେଡକର ଛକସ୍ଥିତ ଗୋଷ୍ଠୀ ଶୌଚାଳୟ ନିର୍ମାଣ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ନ ହୋଇ ୮ମାସ ହେଲା ତାଲା ପଡିରହିଛି। ଏ ଦିଗରେ ବ୍ଲକ ପ୍ରଶାସନ ନୀରବ ରହିଥିବା ବେଳେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ଖବରରୁ ଜଣାପଡିଛି, ଆମ୍ବେଡକର ଛକର ବିଶ୍ରାମ ଗୃହ ନିକଟରେ ଯାତ୍ରୀମାନଙ୍କ ପାଇଁ ଶୁଳକ୍ ଦେଇ ବ୍ୟବହାରକରିବା ଲାଗି ପ୍ରଶାସନ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଶୌଚାଳୟ ନିର୍ମାଣ କରିଥିଲା। ତେବେ ଉକ୍ତ ଶୌଚାଳୟ ନିର୍ମାଣର ୮ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ନ ହୋଇ ଏଯାଏ ତାଲା ଝୁଲୁଛି। ଆମ୍ବେଡ଼କର ଛକ ହେଉଛି ତିନିଆଡକୁ ଯିବାକୁ ଏକ ତିନି ଛକ। ଫୁଲବାଣୀ, ଭୁବନେଶ୍ୱର ଓ ବ୍ରହ୍ମପୁର ଅନ୍ୟ ପାର୍ଶ୍ୱ କୋଟଗଡ ଦେଇ ରାୟଗଡା ଜିଲା ଏବଂ




ତାଲା ପଡି ରହିଥିବା ଗୋଷ୍ଠୀ ଶୌଚାଳୟ।

**୮ ମାସ ବିତିଲାଣି, କାର୍ଯ୍ୟକ୍ଷମ କରିବାକୁ ନାଁ ଧରୁନି ପ୍ରଶାସନ**

କଳାହାଣ୍ଡି, ବଲାଙ୍ଗୀର ଜିଲାକୁ ଏଠାରୁ ରାସ୍ତା ସଂଯୋଗ ହୋଇଛି। ଏହି ଛକ ଦେଇ ଦିବାରାତ୍ର ବସ୍ ସହ ଅନ୍ୟାନ୍ୟ ଗାଡିମୋଟର ଯାତାୟାତ କରଛି। ବ୍ଲକ ମୁଖ୍ୟାଳୟରୁ ଗ୍ରାମାଞ୍ଚଳକୁ ସଂଯୋଗ କରିବା ପାଇଁ ମଧ୍ୟ ୫ରୁ ଉର୍ଦ୍ଧ୍ୱ ବସ୍ ଚଳାଚଳ କରୁଛି। କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଜିଲାକୁ ଯିବା ପାଇଁ ଏହି ଛକରେ ଯାତ୍ରୀ ଅପେକ୍ଷା କରିଥାନ୍ତି। ଛକରେ ଯାତ୍ରୀଙ୍କ ସୁବିଧା ଲାଗି ବିଶ୍ରାମ ଗୃହ, ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ହେଲେ ନିର୍ମିତ ଗୋଷ୍ଠୀ ଶୌଚାଳୟ ତାଲାପଡି ରହିଥିବାରୁ ଯାତ୍ରୀଙ୍କ କାମରେ ଆସୁନି। ବିଶେଷକରି ଛାତ୍ରୀ ଓ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଗୋଷ୍ଠୀ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ସମୁଦ୍ର ଆଁରେ ଶିଆଳି



ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଶିଆଳି ସମୁଦ୍ର ବେଳାଭୂମି ଗତ ୨୦୧୬ରେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲା। ଏହାର ଗୋଟିଏ ପଟେ ବଙ୍ଗୋପସାଗରର ଦିଗନ୍ତ ବିସ୍ତାରୀ ନୀଳ ଉତ୍ତାଳ ତରଙ୍ଗ, ଅପରପଟେ ଝାଉଁ ଜଙ୍ଗଲ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ମାତ୍ର ପରିତାପର ବିଷୟ, ସମୁଦ୍ରର ଲୁଣା ଜୁଆର ଗତ ୫ ବର୍ଷ ହେଲା ଆଶାତୀତ ବୃଦ୍ଧି ପାଇଛି । ପୂର୍ଣ୍ଣିମା ଓ ଅମାବାସ୍ୟାରେ ଜୁଆର କୂଳ ଲଙ୍ଘି ଝାଉଁବଣକୁ ଗର୍ଭକୁ ନେଇଛି । ଏପରିକି ଅକ୍ଟୋବରରେ ରାମତରା ଗ୍ରାମ ନିକଟରେ ଲୁଣା ଜୁଆର ମାଡ଼ରେ ଏକ ନୂତନ ମୁହାଣ ସୃଷ୍ଟି ହୋଇଛି।

ଶେଷ ହେବାକୁ ବସିଥିବା ବର୍ଷ '୨୦୨୫' ଉପକୂଳ ଓଡ଼ିଶାର ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଛାଡ଼ିଯାଇଛି ଅନେକ ସ୍ମୃତି। ଜଳବାୟୁ ପରିବର୍ତ୍ତନଜନିତ ପ୍ରକୃତିର କୋପକୁ ଲୋକେ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି ଏହି ଆଲୋଚ୍ୟ ବର୍ଷରେ। ସମୁଦ୍ରର ଉତ୍ତାଳ ଢେଉ ଜଗତ୍‌ସିଂହପୁର ଜିଲାର ଶିଆଳି କୂଳକୁ ଗିଳିବାକୁ ଲାଗିଛି, ଯାହାର ଛାତିଥରା ଦୃଶ୍ୟ ସେହି ଅଞ୍ଚଳର ବାସିନ୍ଦାଙ୍କୁ ଚିନ୍ତିତ କରିଦେଇଛି। ଭିଟାମାଟି ହରାଇବା ଆଶଙ୍କା ସେମାନଙ୍କୁ ଘାରିଛି। ଏଭଳି ପ୍ରକୃତି ଦତ୍ତ ସଙ୍କଟ ଭିତରେ କେନ୍ଦ୍ରାପଡ଼ା ଜିଲାର ଭିତରକନିକାରେ ପକ୍ଷୀ, କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପ୍ରାଣୀପ୍ରେମୀଙ୍କୁ ଖୁସି ଦେଇଛି। ହେଲେ ରୋଗ, ଦୁର୍ଘଟଣା, ଅପରାଧ ଆଦି କେତେକ ଘଟଣାରେ ଧନଜୀବନ ହାନି ଅନେକଙ୍କ ପାଇଁ ଅପୂରଣୀୟ କ୍ଷତି ସାବ୍ୟସ୍ତ ହୋଇଛି।

## ଅନ୍‌ଲାଇନ ଗେମ୍ ନିଶା
## ପରିବାରର ୩ ଜଣଙ୍କୁ ହତ୍ୟା

ମାର୍ଚ୍ଚ ୩ ବିଳମ୍ବିତ ରାତିରେ ଜଗତ୍‌ସିଂହପୁର ସହର ଅନ୍ତର୍ଗତ ଚାଟରା ଧୋବା ସାହିରେ ଏକ ହୃଦୟବିଦାରକ ଘଟଣା ଘଟିଥିଲା। ମୋବାଇଲ ଫୋନରେ ଅନ୍‌ଲାଇନ ଗେମ ଖେଳିବାକୁ ବିରୋଧ କରିବାରୁ ଯୁବକ ସୂର୍ଯ୍ୟକାନ୍ତ ସେଠୀ ମା', ବାପା ଓ ଭଉଣୀଙ୍କୁ ହତ୍ୟା କରିଥିଲେ। ସେ ଯୁକ୍ତ ୩ କଳାରେ ପାସ କରିଥିବାବେଳେ କୌଣସି କାମ ନ କରି ଅନେକ ସମୟରେ ମୋବାଇଲ୍ ଫୋନ୍‌ରେ ଗେମ ଖେଳୁଥିଲେ। ଏପରି କି କେତେଜଣ ସାଙ୍ଗଙ୍କ ସହ ମିଶି ଭୂତ ଭିଡିଓ କରି ସାମାଜିକ ଗଣମାଧମରେ ଛାଡୁଥିଲେ। ମଝିଆଁ ଭାଇ ଗେମ୍ ଖେଳିବାକୁ ବାରଣ କରିବା ସହ ଫୋନ ନେବା ପରେ ସେ ମାନସିକ ଭାରସାମ୍ୟ ହରାଇଥିଲେ। ଘଟଣା ଦିନ ଖଟ ତଳେ ଥିବା ଏକ ପଥର ଚକିରେ ସେ ମା'ବାପା ଓ ସାନ ଭଉଣୀଙ୍କୁ ଛେଚି ହତ୍ୟା କରିଥିଲେ।

**ଉତ୍ତର ସିକିମରେ ଦୁର୍ଘଟଣା**

## ଭାଜପା ନେତ୍ରୀ ନିଖୋଜ



ଯାଜପୁର ରୋଡ୍ ଉମାପଦା ୧୬ ନଂ. ୱାର୍ଡ ବାସିନ୍ଦା ତଥା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ସଦସ୍ୟ ସିକିମ ଅଞ୍ଚଳରେ ମେ' ୨୯ ରାତିରେ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହେବାପରେ ନିଖୋଜ ହୋଇଯାଇଥିଲେ। ନିଖୋଜମାନେ ହେଲେ ଇତିଶ୍ରୀ ଓ ତାଙ୍କ ବଡ଼ପୁଅ ସାହିଲ, ଭାଇ ଅଜିତ ନାଏକ ଓ ଭାଉଜ ସୁନିତା। ସଙ୍କଟାପନ୍ନ ଅବସ୍ଥାରେ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଓ ଭାଇଙ୍କ ପୁଅ ଅଂଶୁମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ଚିକିତ୍ସା ଏବଂ ଫେରିବା ବ୍ୟବସ୍ଥା କରିବାକୁ ସିକିମ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡିରେ ବୁଲିବାକୁ ଯାଇ ଫେରୁଥିବା ସମୟରେ ଇତିଶ୍ରୀ ବସିଥିବା କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ତିସ୍ତା ନଦୀରେ ଖସି ପଡ଼ିଥିଲା। ଆଜି ଯାଏ ନିଖୋଜଙ୍କ ପତା ମିଳିନାହିଁ।

## ପୂର୍ବତନ ବିଧାୟକ ଦେବେନ୍ଦ୍ର, ଅଳିଆ ଗୋଟାଳି କମଳାଙ୍କ ପରଲୋକ





ମାର୍ଚ୍ଚ ୨୧ରେ ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ରନାଥ ଶର୍ମା (୭୬)ଙ୍କ ପରଲୋକ ହୋଇଯାଇଛି। ଏହି ନିର୍ବାଚନମଣ୍ଡଳୀର ୧୫ତମ ବିଧାୟକ ଭାବେ ଶର୍ମା ୨୦୧୪ରେ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲା। ରାଜ୍ୟ କଂଗ୍ରେସର ଜଣେ ଦୃଢ଼ମନା ବିଧାୟକ ଭାବେ ପରିଚିତି ପାଇଥିଲେ। ସେ ରାଜ୍ୟ କ୍ରିକେଟ ଆସୋସିଏଶନର ସଭ୍ୟ ଓ ଜିଲା କ୍ରିକେଟ ଆସୋସିଏଶନର ସଭାପତି ଥିଲେ। ଏଥିସହ ଆଳି ଅଞ୍ଚଳର ଫୁଟ୍‌ବଲ ଖେଳାଳିଙ୍କୁ ଜାତୀୟସ୍ତରରେ ପହଞ୍ଚାଇବା ତାଙ୍କର ବିଶେଷ ଅବଦାନ ରହିଥିଲା। ସେହିପରି ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ନିର୍ମାଣ କରି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କମଳା ମହାରଣାଙ୍କ ମୃତ୍ୟୁ ମେ ୨୮ରେ ହୋଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା ଓ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସ୍ୱାବଲମ୍ବୀ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସମ୍ପର୍କରେ ରେଡିଓ କାର୍ଯ୍ୟକ୍ରମ ମନ କି ବାତରେ ପ୍ରଶଂସା କରିଥିଲେ। ଏଥିସହ ଗତ ୨୦୨୪ ସାଧାରଣ ନିର୍ବାଚନ ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦି କମଳାଙ୍କ ପାଦ ଛୁଇଁ ନମସ୍କାର କରିଥିବାରୁ ସେ ବହୁ ଚର୍ଚ୍ଚିତ ଥିଲେ।

## ମାଟିରେ ମିଶିଲା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘର

ଜଗତ୍‌ସିଂହପୁର ଥାନା ବେହେରାମପୁରଠାରେ ବେଆଇନ ଭାବେ ଗଢ଼ିଉଠିଥିବା ବସ୍ତିକୁ ପୋଲିସ ଓ ପ୍ରଶାସନ ମାଟିରେ ମିଶାଇଛି। ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଥିବା ଖବରପାଇ ନଭେମ୍ବର ୧୬ରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ସନ୍ଦିଗ୍ଧଙ୍କ ଆକ୍ରମଣରେ ଅତିରିକ୍ତ ଏସ୍‌ପିଙ୍କ ସହ ଏକାଧିକ ପୋଲିସ ଆହତ ହୋଇଥିଲେ। ପରେ ସଦଳବଳ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚି ବସ୍ତିରେ ବାଂଲାଦେଶୀ ସନ୍ଦିଗ୍ଧଙ୍କୁ ଆଶ୍ରୟ ଦେଇଥିବା ମୁଖ୍ୟ ଅଭିଯୁକ୍ତ ଖସି ଯାଇଥିବାବେଳେ ୭ ଦିନ ପରେ ସିକନ୍ଦର ଆଲାମ ଓ ତାଙ୍କ ଭାଇ ଅମଦୁଲ ମୋତାଲିଫଙ୍କୁ ଯାଜପୁର ଜିଲାରୁ ଗିରଫ କରିଥିଲା। ସେମାନେ ଯାଜପୁର, ଭଦ୍ରକର ଧାମରା ଦେଇ ଜଳପଥରେ ବାଂଲାଦେଶ ପଳାଇବାକୁ ଚେଷ୍ଟା କରୁଥିଲେ।




## ଭିତରକନିକାରେ ବଢ଼ିଲା ପକ୍ଷୀ, କୁମ୍ଭୀର ସଂଖ୍ୟା

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ଚଳିତବର୍ଷ ଜାନୁଆରୀରେ ଗଣନା ସମୟରେ ମୋଟ ୧୨୨ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥଲା। ଗତବର୍ଷ ପକ୍ଷୀ ସଂଖ୍ୟା ୧,୫୧,୪୨୧ ଥିବାବେଳେ ଚଳିତ ବର୍ଷ ୧,୫୧,୬୧୪ରେ ପହଞ୍ଚି ଥିଲା। ସେହିପରି ଗତ ୨୦୨୪ରେ କୁମ୍ଭୀର ସଂଖ୍ୟା ୧୮୧୧ ଥିବା ବେଳେ ଚଳିତବର୍ଷ ଗଣନାରେ ୧୮୨୬କୁ ବୃଦ୍ଧି ପାଇଛି।

## ପ୍ରତାରଣା ନିଆଁରେ ଜଳିଗଲେ ଛାତ୍ରୀ



ଅଗଷ୍ଟ ୬ରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ାରେ ଯୁକ୍ତ ୩ କଲେଜ ଛାତ୍ରୀ ସଙ୍ଗୀତା ପରିଡ଼ା ଦେହରେ ନିଆଁ ଲଗାଇବାରୁ ମୃତ୍ୟୁ ଘଟିଥିଲା। ପ୍ରେମିକଙ୍କ ପ୍ରତାରଣାରୁ ଏହି ଘଟଣା ଘଟିଥିଲା ବୋଲି ପରିବାର ସଦସ୍ୟ ଅଭିଯୋଗ କରିଥିଲେ। ଏହି ଘଟଣାରେ ୨ ପୋଲିସ ଅବହେଳା କରିଥିବା ଅଭିଯୋଗରେ ଜିଲା ପୋଲିସର କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ।

## ଅଳଙ୍କାର ଦୋକାନ ଗୁଳିକାଣ୍ଡରେ ୨ ମୃତ

ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନରେ ଜାନୁଆରୀ ୪ରେ ଲୁଟ୍ ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ କୋରେଇ ବ୍ଲକ ଭୁବନେଶ୍ୱର ଗାଁର ସୁନୀଲ ରାୟ ଓ ସୋତି ଗାଁର ନୀଳମାଧବ ପଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ୩ ଯୁବକ ଅଳଙ୍କାର ଦୋକାନ ସମ୍ମୁଖ ରାସ୍ତାରେ ଛିଡ଼ାହୋଇ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ କାବୁ କରିଥିଲେ। ସେମାନେ ଆସାମ ଅଞ୍ଚଳର ବୋଲି ସୂଚନା ମିଳିଥିଲା। ସେମାନେ ଗିରଫ ହେବାର କିଛିଦିନ ପରେ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିଲେ। ନଭେମ୍ବର ୨୨ରେ ଏହି ଘଟଣାର ମାଷ୍ଟର ମାଇଣ୍ଡକୁ ପୋଲିସ ଗିରଫ କରିଥିଲା।

## ଡାଇରିଆ ନେଲା ୨୨ ଜୀବନ

ଯାଜପୁର ଜିଲାରେ ଜୁନ୍ ଓ ଜୁଲାଇରେ ଡାଇରିଆ ସଂକ୍ରମଣରେ ବେସରକାରୀ ଭାବେ ୨୨ଜଣଙ୍କ ଜୀବନ ନେଇଥିଲା। ଏଥିରେ ୨ ହଜାର ରୋଗୀ ଆକ୍ରାନ୍ତ ହୋଇଥିଲେ। ଏକ ବାହାଘର ଭୋଜିରୁ ଜୁନ ୧୨ରେ ପ୍ରଥମେ ଡାଇରିଆ ବ୍ୟାପିଥିଲା। ଆକ୍ରାନ୍ତଙ୍କୁ ଯାଜପୁର ରୋଡ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଜିଲାର ପ୍ରତ୍ୟେକ ଡାକ୍ତରଖାନାରେ ଡାଇରିଆ ରୋଗୀ ଭର୍ତ୍ତି ହୋଇଥିଲେ।

## ପାଣିରେ ବୁଡ଼ି ୭୩ ମଇଁଷି ମୃତ

ପାଣିରେ ବୁଡ଼ି ଏକକାଳୀନ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟଣା କେନ୍ଦ୍ରାପଡ଼ା ଜିଲାରେ ଅଗଷ୍ଟ ୧୭ରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲା। ଆଳି ବ୍ଲକ ଅଧୀନ ଏକମାଣିଆ ଗ୍ରାମର ୪ଜଣ ଗୋପାଳକଙ୍କ ଏହି ମଇଁଷିଗୁଡ଼ିକ ବ୍ରାହ୍ମଣୀ ନଦୀ ଶାଖା ଦକ୍ଷିଣଡିହା ଗଳିଆ ପାଣି ନାଳ ଦେଇ ଚରିବାକୁ ଯାଉଥିଲେ। ଏହି ସମୟରେ ଗୋଟିଏ ପରେ ଗୋଟିଏ ମଇଁଷଙ୍କ ମୃତ୍ୟୁ ହୋଇଥିଲା। ଅପରାହ୍ନରେ ୪୪ଟି ମଇଁଷିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରଦିନ ଅବଶିଷ୍ଟ ମଇଁଷିଙ୍କ ମୃତଦେହ ସେହି ନାଳରୁ ମିଳିଥିଲା। ଜିଲା ପ୍ରାଣୀ ଚିକିତ୍ସାଳୟର ଡାକ୍ତରମାନେ ଏହାର କାରଣ ସମ୍ପର୍କରେ ତଦନ୍ତ କରିଥିଲେ। ହେଲେ ଏଯାବତ ମଇଁଷ ମୃତ୍ୟୁ ଘଟଣାର କାରଣ ଅସ୍ପଷ୍ଟ ରହିଛି।



## ପାଟ୍ରୋଲିଂ ଜାହାଜ ଅଦମ୍ୟର ଶୁଭାରମ୍ଭ



ଉପକୂଳ ସୁରକ୍ଷା ବ୍ୟବସ୍ଥା ଅଧିକ ସକ୍ରିୟ କରିବା ପାଇଁ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସରକାର ପାରାଦୀପରେ ଆଉ ଏକ ନୂଆ ପାଟ୍ରୋଲିଂ ଜାହାଜ ଅଦମ୍ୟ ଲୋକାର୍ପଣ କରିଥିଲେ। ୨୧ ମିଟର ଲମ୍ବ ଓ ୩୪୨୦ ଟନ ବିଶିଷ୍ଟ ଉକ୍ତ ଜାହାଜରେ ୩୪ ଜଣ ଯବାନଙ୍କୁ ମୁତୟନ କରାଯାଇଛି।



## ମାଛଧରା ବନ୍ଦରରେ ଜଳିଲା ଡଙ୍ଗା, ବୋଟ୍

ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରେ ମାର୍ଚ୍ଚ ୫ ତାରିଖରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୧୦ରୁ ଅଧିକ ଡଙ୍ଗା ଓ ବୋଟ ପୋଡ଼ି ଯାଇଥିଲା ବେଳେ ଏଥିରେ କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ



ବ୍ରହ୍ମପୁର,୧୭।୧୨(ସ୍ମୃତି ରଞ୍ଜନ ମହାଲିକ)

ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ସଂସ୍ଥା ପକ୍ଷରୁ ବୁଧବାର ୫ମ ସର୍ବଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ଓ ୩୫ତମ ପ୍ରତିଷ୍ଠା ଦିବସ କବିସୂର୍ଯ୍ୟ ରଙ୍ଗମଞ୍ଚରେ ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାସମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଇଏମସି ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମଞ୍ଚ ମଣିଷ ଅଶୋକ କର, ସାହିତ୍ୟିକ ଇଂ ଯାମିନି କାନ୍ତ ଦାସ, ବରିଷ୍ଠ ଚକ୍ଷୁ ଚିକିତ୍ସକ ସଞ୍ଜୟ ଲେଙ୍କା, ଶାଶ୍ୱତୀ ଉପଦେଷ୍ଟା ରବି ନାରାୟଣ ବେହେରା ଓ ସମ୍ପାଦକ ସୁନିଲ ସ୍ୱାଇଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ରାଜ ଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ମେଜର ରମା ରମଣ ପାଢିଙ୍କୁ ଶାଶ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦଘାଟନୀ ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ମଞ୍ଜୁଷା ସୁହାନି କ୍ରିଏସନ ତରଫରୁ ଡା ତିରୁପତି ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ତେଲୁଗୁ ନାଟକ କଂନୀଟୀ ବ୍ରାତୁକୁ ଓ ଓଡ଼ିଆ ଭାଷାରେ ସାରନା ନବ ଯୁବକ ସଂଘ ରାଉରକେଲା ପକ୍ଷରୁ ପ୍ରଦୀପ କୁମାର ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଚନ୍ଦ୍ରାଦିତ୍ୟ ମଞ୍ଚସ୍ଥ ହୋଇଥିଲା।

# ଛାତ୍ରୀଛାତ୍ରଙ୍କ ପସନ୍ଦ ଅନୁସାରେ ଭବିଷ୍ୟତ ଗଢ଼ିବାକୁ ସୁଯୋଗ ଦିଅ

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବରେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୧୭।୧୨(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟରେ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ତେଣୁ ଅଭିଭାବକମାନେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପସନ୍ଦ ଓ ପ୍ରତିଭା ଅନୁସାରେ ଭବିଷ୍ୟତ ଗଢିବାକୁ ସୁଯୋଗ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି। ସମଗ୍ର ଓଡିଶାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଆରଏସ୍‌ଏସ୍‌ର ପ୍ରାକ୍ତନ ସଂଘ ଚାଳକ ଶିବରାମ ମହାପାତ୍ରଙ୍କ ଉଦ୍ୟମରେ ଗଢି ଉଠିଥିବା ଶିଶୁ ମନ୍ଦିରଟି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମୂଳଭିତ୍ତି କରି ଛାତ୍ରୀଛାତ୍ରଙ୍କୁ ଉନ୍ନତିର ଉଚ୍ଚତର ସୋପାନରେ ଉପନୀତ କରିବା ଉଦ୍ୟମ ଅଦ୍ୟାବଧି ଜାରି ରଖିଛି। ଉତ୍ତମ ଶିକ୍ଷା ପରିବେଶ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟରେ ଏହି ବିଦ୍ୟାଳୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମ୍ମାନୀୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଶିଶୁ ମନ୍ଦିର ସମାଜ ସଂସ୍କାର ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ।

ମୁଖ୍ୟବକ୍ତା ରୂପେ ଆରଏସଏସର ପୂର୍ବ ଓ ପଶ୍ଚିମ ପ୍ରାନ୍ତ ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ଯୋଗ ଦେଇ ଶିଶୁ ମନ୍ଦିରରେ ଜ୍ଞାନ, ଚରିତ୍ର ଓ ଏକତା ସଂପର୍କିତ ଶିକ୍ଷା ଦିଆଯାଇଥାଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ବିଧାୟକ କେ. ଅନିଲ କୁମାର, ସିଦ୍ଧାନ୍ତ ମହାପାତ୍ର, କୃଷ୍ଣ ଚନ୍ଦ୍ର ନାୟକ, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ସରୋଜ କୁମାର ପାଢୀ, ପ୍ରତାପ ଚନ୍ଦ୍ର ନାୟକ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟର ପୁସ୍ତିକା ଅନୁଚିନ୍ତା ୩ ଏବଂ ୪ ଉନ୍ମୋଚିତ ହୋଇଥିଲା। ପରେ ମାଟ୍ରିକ ଓ ଯୁକ୍ତ ୨ରେ ରାଜ୍ୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଏସ. ମୋହନ ରାଓ ସ୍ୱାଗତ ଭାଷଣ ଦେଇଥିଲେ।ଅନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଡିଗ୍ରୀ ବିଦ୍ୟା ମନ୍ଦିରର ଡିନ ଡ. ବିବେକାନନ୍ଦ ପଣ୍ଡା, ପ୍ରାଧ୍ୟାପକ ଡି. ରାଜେନ୍ଦ୍ର ମୂର୍ତ୍ତି, ପ୍ରାଧ୍ୟାପକ ଉମେଶ ସାହୁ, ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସଂପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରର ଅଧକ୍ଷ ଡ ସୁବ୍ରତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




ବାର୍ଷିକୋତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

# ଦିଗପହଣ୍ଡି ବସଷ୍ଟାଣ୍ଡକୁ ଯାଉନି ଯାତ୍ରୀବାହୀ ବସ

## ଜରିମାନା ପାଇଁ ନୋଟିସ

ଦିଗପହଣ୍ଡି,୧୭।୧୨(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡକୁ ଯାତ୍ରୀବାହୀ ବସଗୁଡ଼ିକ ପ୍ରବେଶ ନ କରି ପୁରୁଣା ବସଷ୍ଟାଣ୍ଡ ମୁଖ୍ୟରାସ୍ତା କଡ ଏବଂ ପୁଞ୍ଜିକଂୟା ଛକ ରାସ୍ତା ଉପରେ ଦୀର୍ଘ ସମୟ ଧରି ରହୁଛି। ଏପଟେ ଯାତ୍ରୀମାନେ ନୂଆ ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରି ହନ୍ତସନ୍ତ ହେଉଛନ୍ତି। ଏନେଇ ପୂର୍ବରୁ ସ୍ଥାନୀୟ ପ୍ରଶାସନ ନୂଆ ବସଷ୍ଟାଣ୍ଡରେ କେବଳ ବସ ରହଣି ପାଇଁ ବସ ମାଲିକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବସ ମାଲିକମାନେ କର୍ଣ୍ଣପାତ କରୁନାହାନ୍ତି। ଏପରିକି ଦୂର ଦୂରାନ୍ତକୁ ଯା'ଆସ କରୁଥିବା ବସ୍ ଗୁଡ଼ିକ ବସଷ୍ଟାଣ୍ଡ ମୁଖ୍ୟ ଫାଟକରେ ରହି ଯାତ୍ରୀଙ୍କୁ ସେଠାରେ ଓହ୍ଲାଇ ଦେଉଛନ୍ତି। ଯାତ୍ରୀମାନେ ବାଧ୍ୟ ହୋଇ ସେଠାରୁ ବସରେ ବିପଦପୂର୍ଣ୍ଣ ଭାବେ ଚଢୁଛନ୍ତି। ଯଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ କର୍ମଚାରୀବୃନ୍ଦ ପୁରୁଣା ବସଷ୍ଟାଣ୍ଡ ଏବଂ ପୋଲିସ ଥାନା ନିକଟ ତନଖି ଫାଟକ ସମ୍ମୁଖରେ ରହି ସମସ୍ତ ଯାତ୍ରୀବାହୀ ବସକୁ ଅଟକାଇ ଦିଗପହଣ୍ଡି ସ୍ଥିତ ସନ୍ଥ ଅରକ୍ଷିତ ଦାସଙ୍କ ନାମରେ ନାମିତ ନୂତନ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବସ ମାଲିକ ଏବଂ ଚାଳକ ଏହାକୁ ଅବମାନନା କଲେ ଜରିମାନା ଆଦାୟ କରାଯିବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୋଟିସ କରିଛନ୍ତି।


# Classified Everyday
**0674-2580101, 9692975378**




**SALE**

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190.
ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666.
ଧ-୨୮୪୧

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912.
D-14




Newly open health benifits, Joint pain relax good environment atmosphere 7653969971.
D-2853

All types of physiotherapy with massage, Contact number 9556924059/ 7656969134.
D-2766

**AFFIDAVIT**

I, Barsharani Mohapatra, W/o.- Maheswar Mohapatra, At- Ghatakula, Netajinagar, P.O.- Madhupatana, Cuttack declare by this affidavit No. 9240, Dtd.- 10.10.25 before Executive Magistrate, Cuttack, that Barsharani Mohapatra and Kalpana Mohanty is one and same person.
D-2855

By virtue of an affidavit sworn before the Executive Magistrate, Bhubaneswar, dated 17.12.2025, I, Ranjit Kumar Mohanty, S/o.- Ramakanta Mohanty, Address: At- 402, Avantika Apartment, near Gokul Residency, Pandara Road, Pandara, Bhubaneswar P.S.- Mancheswar, Dist.- Khordha, Odisha-751025 declare that I have changed the name of my son from Aayansh to Aayansh Mohanty. Henceforth, he shall be known as Aayansh Mohanty for all future purposes.
Ranjit Kumar Mohanty
D-2859

By virtue of an affidavit sworn before the Executive Magistrate, Bhubaneswar, Dtd.- 17.12.2025, I, Swati Mohanty, W/o.- Ranjit Kumar Mohanty, Address: At- 402, Avantika Apartment, near Gokul Residency, Pandara Road, Pandara, Bhubaneswar P.S.- Mancheswar, Dist.- Khordha, Odisha-751025 declare that I have changed my name from Mohanty Swati Ranjit to Swati Mohanty. Henceforth, I shall be known as Swati Mohanty for all future purposes.
Swati Mohanty
D-2858

By virtue of an affidavit sworn before Executive Magistrate, Keonjhar, vide No.- 03, dated 16.12.2025, I, Pradeep Kumar Biswal, S/o.- Sanatan Biswal, of Vill./ P.O.- Udayapur, P.S.- Patna, Dist.- Keonjhar, Odisha, PIN- 758045 declare that I have changed the name of my son from Sahim Biswal to Swastik Biswal. Henceforth, he shall be known as Swastik Biswal for all purposes.
Sd/- Pradeep Kumar Biswal
D-2856

By virtue of an affidavit before the Notary Public, Kundra, Dist.- Koraput, dated 12.12.2025, I, Namita Barik, W/o. Saiban Barik, At- Majhiguda, P.O.- Ramgiri, P.S.- Boipariguda, Dist.- Koraput, Odisha declare that I have changed the name of my son from Isaka Barika to Jhonson Barik. Henceforth, he shall be known as Jhonson Barik for all purposes.
Namita Barik
D-2857

By virtue of an affidavit sworn before the Notary Public, Bhubaneswar, dated 17.12.2025, I, Sai Samarjeet Das, S/o.- Suresh Kumar Das, Address: At- Plot No. A-6/1, Indira Gandhi Housing Colony, P.O.- Sisupalgarh, P.S.- Dhauli, Bhubaneswar, Dist.- Khordha, Odisha-751002 declare that I have changed my name from Samarjeet Das to Sai Samarjeet Das. Henceforth, I shall be known as Sai Samarjeet Das for all future purposes.
Sai Samarjeet Das
D-2860

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply
BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଅନ୍ତର୍ଯ୍ୟାମୀ ମଙ୍ଗରାଜ
ଆବିର୍ଭାବ: ୨୭.୦୨.୧୯୪୪ | ତିରୋଧାନ: ୦୮.୧୨.୨୦୨୫

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।

**ଶୋକ ସନ୍ତପ୍ତ**

ଅମିତ୍ ଦାସ-ଜେନି, ଅସିତ୍ ଦାସ - ମୁନ୍ନୁ (ପୁତ୍ର ଓ ପୁତ୍ରବଧୂ), ଲୁସି - ବୁବୁନା, ଲକି - ଟୁଟୁଲା, ଦିକୁ - ମଧୁ, ଲିଟିଲ୍, ଲୁବ୍‌ଲି, ଖୁସି, ପିମୁନ୍, ଲାଡ୍‌ଲି ଓ ଶୋକସନ୍ତପ୍ତ ବନ୍ଧୁ ଓ ପରିବାର ବର୍ଗ
D-2861

**LEGAL NOTICE**

I.R. No.- 1740, Date- 04.11.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ (ଶ୍ରୀ ଆଶୁତୋଷ ସାମଲ ଓ.ଏ.ଏସ୍.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନ ର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୯୬/୨୦୨୧

ସସ୍ମିତା ସ୍ୱାଇଁ, ସ୍ୱାମୀ- ଟୁକୁନା ସ୍ୱାଇଁ ............ବାଦୀ

ବନାମ

କୁନା ସାହୁ ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

୧। କୁନା ସାହୁ, ପିତା- ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁ, ଦିଜବର ସାହୁଙ୍କ ନାତି, ସ୍ୱା- ମଧୁସୂଦନ ନଗର, ୟୁନିଟ୍- ୪, ଥାନା- ଖାରବେଳନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୪। ରସାମଣୀ ସାହୁ, ସ୍ୱାମୀ- ସ୍ୱର୍ଗତ ବାସୁଦେବ ସାହୁ, ସା/ପୋଷ୍ଟ- ମଞ୍ଚେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୯।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ମୌଜା- ଗାଡ଼କଣ, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ସାବକ: ଖାତା ନଂ.- ୩୮୦, ପ୍ଲଟ୍ ନଂ.- ୨୬୧୪, କିସମ- ଶାରଦ ଦୋଫସଲି ଦୁଇ ରକବା- ଏ୦.୦୯୦ଡି. ସ୍ୱଧରୁ ଏ.୦.୦୪୫ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୧୩୩୭, ପ୍ଲଟ୍ ନଂ.- ୫୨୭୬, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୦୯୦ଡି. ସ୍ୱଧରୁ ଏ.୦.୦୪୫ଡି., ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା: ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୨୮୫୪


# ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୧୭।୧୨(ସ୍ମୃତିରଞ୍ଜନ ମହାଲିକ)

ଟିପିଏସଓଡିଏଲ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର୍)ର ଏକ ବିଶେଷ ଅଭିଯାନ କ୍ୟାଚ ଦେମ ୟଙ୍ଗ ଟର୍ଣ୍ଣିଂ ଡ୍ରିମ୍ସ ଇନ୍ଟୁ ଭିକ୍ଟୋରିଜ ଅଧୀନରେ ତୃଣମୂଳ ସ୍ତରରେ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଟିପିଏସଓଡିଏଲ ପ୍ରୋତ୍ସାହିତ କରୁଛି। ଗତ ୧୩ ଓ ୧୪ ତାରିଖରେ ଆୟୋଜିତ ୬୨ତମ ଜିଲା ଆଥଲେଟିକ ମିଟରେ ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୧ହଜାର ପ୍ରତିଯୋଗୀଙ୍କ ମଧ୍ୟରୁ ଚୟନ ପ୍ରତିଯୋଗୀମାନେ ଏକାଧିକ ପଦକ ଜିତିଛନ୍ତି। ଏହି ସଫଳତା କ୍ରୀଡ଼ାବିତଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ, ସଠିକ ତାଲିମ ଓ ନିରନ୍ତର ମାର୍ଗଦର୍ଶନରେ ସହାୟକ ହୋଇଛି। ପୁଷ୍ପାବତୀ ରାଇତା ୫ ହଜାର ମିଟର ରେସ ୱାକ ଏବଂ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ସୁଦୀପ୍ତା ଜେନା ୬୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ, ଏନ. ପୂଜା ୫ ହଜାର ମିଟର ରେସ ୱାକରେ ସ୍ୱର୍ଣ୍ଣ ଓ ୧ ହଜାର ମିଟର ଦୌଡରେ ରୌପ୍ୟ, ରଜନୀ ମଣ୍ଡଳ ୬୦୦ମିଟର ଦୌଡରେ ରୌପ୍ୟ, ସାହିଲ କୁମାର ସାହୁ ୨୦୦ମିଟର ସ୍ପ୍ରିଣ୍ଟିଂରେ ବ୍ରୋଞ୍ଜ, କାବେରୀ ବଡ ରାଇତା ଉଚ୍ଚ ଡିଆଁରେ ବ୍ରୋଞ୍ଜ ଏବଂ ଲିଜା ବଡ଼ ରାଇତା ଜାଭେଲିନ ଥ୍ରୋରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଯେକୌଣସି ପ୍ରତିଭାକୁ ପ୍ରାଥମିକ ସ୍ତରରୁ ଚିହ୍ନଟ କରିବା, ନିରନ୍ତର ପ୍ରୋତ୍ସାହନ ଓ ସମର୍ଥନ କରିବା ଫଳରେ ଏକ ଅସାଧାରଣ ସଫଳତା ହାସଲ କରାଯାଇପାରେ। କ୍ୟାଚ ଦେମ ୟଙ୍ଗ ଅଭିଯାନ ଦ୍ୱାରା ତୃଣମୂଳ ସ୍ତରରୁ ଯୁବ ପ୍ରତିଭାଙ୍କୁ ସଶକ୍ତ କରିବାର ଏହା ଏକ ପ୍ରୟାସ ବୋଲି ସେ କହିଛନ୍ତି।

# ସିଟି କଲେଜରେ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୭।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସିଟି କଲେଜରେ ଅଗ୍ନିବୀରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ୬ ଛାତ୍ର ଅଗ୍ନିବୀର ଭାବରେ ଚୟନ ହୋଇଥିବାରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ମିଳିଛି। କଲେଜ ଏନସିସି ଅଫିସର ଲେଫ୍‌ଟନାଣ୍ଟ ମେଘନାଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏନସିସି କ୍ୟାଡେଟ ଭଗବାନ ଗୌଡ, ସନ୍ଦୀପ କୁମାର ଶତପଥୀ, ମୁନା ଗୌଡ, ତପୁ ସାହୁ, ଆଦିତ୍ୟ କୁମାର ସାହୁ ଏବଂ ଦୀପକ କୁମାର ନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି। କଲେଜର ଆକାଉଣ୍ଟସ ଅଫିସର ତଥା ଅର୍ଥନୀତି ବିଭାଗ ମୁଖ୍ୟା ଡ. ମାଧୁରୀ ପାଢ଼ୀ, ଓଡ଼ିଆ ବିଭାଗ ଅଧ୍ୟାପିକା ମାନିନୀ ପ୍ରଧାନ ନିଳକଣ୍ଠେଶ୍ୱର ବିଦ୍ୟାପୀଠ ଟାଙ୍ଗଣାପଲ୍ଲୀର ଏନସିସି ଅଫିସର ସୁଧାକର ବୋଳି, ମେଡିକାଲ ଏନସିସି ୟୁନିଟର ସୁବେଦାର ମାଇକେଲ ରାଜ, ସୁବେଦାର ନଗଶେ କୁମାର ପ୍ରମୁଖ ମଂଚାସୀନ ଥିଲେ। କ୍ୟାଡେଟ ଶର୍ମିଷ୍ଠା ସାହୁ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚର ସଦସ୍ୟମାନେ।

ବ୍ରହ୍ମପୁର,୧୭।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସର୍ବଭାରତୀୟ ରାଜ୍ୟ ପେନସନର୍ସ ଫେଡେରେସନ ଆହ୍ୱାନ କ୍ରମେ ଗଞ୍ଜାମ ଜିଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ଗେଟ ବଜାରସ୍ଥିତ ଏନଜିଓ ହଲ ଠାରେ ପେନସେନର୍ସ ଦିବସ ପାଳନ କରାଯାଇଛି। ଗଞ୍ଜାମ ସେବାନିବୃତ୍ତ ବିକାଶ ମଞ୍ଚର ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ରାଜ୍ୟ ଅଧ୍ୟକ୍ଷ କାମରାଜୁ ମହାରଣା ଯୋଗ ଦେଇ ପେନସନ ଏକ ଅଧିକାର, କାହାର ବଦାନ୍ୟତା ନୁହେଁ ବୋଲି କହି ଦାବି ହାସଲ ପାଇଁ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ମିଳିତ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲା ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ପ୍ରଫୁଲ୍ଲ କୁମାର ରଥ,ଶୁଳପାଣି ଶତପଥି, ବିଭୁତି ଭୂଷଣ ଜେନା,ଉପେନ୍ଦ୍ର ନାୟକ, ମିହିର କୁମାର ଆଚାର୍ଯ୍ୟ,ଇ. କନ୍ୟାକୁମାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ କୁମାର ଦଳେଇ ବିବରଣୀ ପ୍ରଦାନ କରିଥିଲେ ।

# ଦିଲ୍ଲୀରେ ବଙ୍ଗଳା ପାଇବା କଥା ହଜମ କରିପାରୁନି ବିଜେଡି: ଭାଜପା

**ଭୁବନେଶ୍ୱର,୧୭।୧୨(ସୁନିତ୍ ମିଶ୍ର)**

ରାଜ୍ୟବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲା ପରେ ମାନସିକ ଅବସାଦର ଚରମସୀମାରେ ବିଜେଡି ପହଞ୍ଚିଛି। ଶେଷାବସ୍ଥାରେ ଯେମିତି କଂସକୁ ଚାରିଆଡ଼େ କୃଷ୍ଣ କୃଷ୍ଣ ଦେଖାଯାଉଥିଲେ ସେମିତି ବିଜେଡିକୁ ଭାଜପା ଭୟ ଘାରିଛି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ଯାଇ ବିଜେଡି ଗଣମାଧ୍ୟମ ଆଗରେ ଖାଲି ବାଉଳିଚାଉଳି ହେଉଛି। ବିଜେଡି ଶାସନ ସମୟରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି କେଉଁଠାକୁ ନ ଯାଇ କେବଳ ନିର୍ବାଚନ ସମୟରେ ପ୍ରଚାର ପାଇଁ ପଦାକୁ ଆସୁଥିଲେ। ଦିଲ୍ଲୀ ଗଲେ ପୈତୃକ ଘରେ ରହୁଥିଲେ। ତାଙ୍କୁ ଘରର ଆବଶ୍ୟକତା ପଡୁ ନ ଥିଲା। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରଖି କାମ କରୁଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚାଲିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାର ଘର ପାଇଛନ୍ତି। କେବଳ ଓଡ଼ିଶା ନୁହେଁ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଆସାମ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଏବଂ ରାଜସ୍ଥାନ ସରକାର ମଧ୍ୟ ଦିଲ୍ଲୀରେ କାର୍ଯ୍ୟାଳୟ ଲାଗି ଘର ପାଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ବଙ୍ଗଳା ପାଇବା କଥା ସେମାନେ ହଜମ କରିପାରୁନାହାନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ତ୍ରିପାଠୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ନିଜସ୍ୱ ଘର ନବୀନ ନିବାସ ସାମ୍ନାରେ ଥିବା ସର୍ବସାଧାରଣ ରାସ୍ତାକୁ ମିଶାଇ ବ୍ୟାରିକେଡ୍‌କରି ରାସ୍ତା ବନ୍ଦ କରିଥିଲେ। ଏୟାରପୋର୍ଟ ପାଚେରି ଭାଙ୍ଗିଥିଲେ। ଏହାଦ୍ୱାରା ସାଧାରଣ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏପରିକି ଗୁମାସ୍ତାଙ୍କ ପାଇଁ ତାଙ୍କ ସରକାର ସମୟରେ କେତେ ପୋଲିସ ସୁରକ୍ଷା ଯୋଗାଇଦେଇଥିଲା ତାହା ବୋଧହୁଏ ଭୁଲିଯାଇଛନ୍ତି। ବିଜେଡି ଏକ ଅସ୍ତଗାମୀ ରାଜନୈତିକ ଦଳ। ତେଣୁ ମାନସିକ ଭାରସାମ୍ୟ ହରାଇ ଅପ୍ରସଙ୍ଗକୁ ସେମାନେ ପ୍ରସଙ୍ଗ କରୁଛନ୍ତି। ଓଡ଼ିଶାରୁ ଲୋପପାଇବାକୁ ଯାଉଥିବା ବିଷୟ ଜାଣି ସେମାନେ ବାଚାଳାମି କଲେଣି। କେହି ଆଉ ବିଜେଡିରେ ମିଶିବାକୁ ଚାହୁଁନାହାନ୍ତି। ଗତ କିଛି ମାସ ହେବ ପଞ୍ଚାୟତସ୍ତରର ନେତାଙ୍କଠାରୁ ଆରମ୍ଭକରି ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତେ ବିଜେଡି ଛାଡ଼ି ଭାଜପାମୁହାଁ ହେଉଛନ୍ତି।

# ଆଜିଠୁ ସର୍ବଭାରତୀୟ କଣ୍ଢେଇନାଟ ଉତ୍ସବ

**ଭୁବନେଶ୍ୱର,୧୭।୧୨(ସୌମ୍ୟରଞ୍ଜନ ରାଉତ)**

ଲୋକକଳା 'କଣ୍ଢେଇ ନାଚ'କୁ ଆହୁରି ଲୋକାଦୃତ କରିବା ସହ ଜାତୀୟସ୍ତରରେ ଏହାର ପ୍ରଚାରପ୍ରସାର ଲାଗି ରାଜ୍ୟ ସରକାର ବଡ଼ ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆସନ୍ତା ୧୮ ଓ ୧୯ ତାରିଖରେ ଭଞ୍ଜକଳା ମଣ୍ଡପଠାରେ ଏକ ସର୍ବଭାରତୀୟ କଣ୍ଢେଇନାଟ ଉତ୍ସବର ଆୟୋଜନ କରାଯାଉଛି। ଏଥିରେ ଓଡ଼ିଶା ସମେତ ଭାରତର କର୍ଣ୍ଣାଟକ, କେରଳ, ପଶ୍ଚିମବଙ୍ଗ ଓ ଦିଲ୍ଲୀରୁ ବିଭିନ୍ନ ଶୈଳୀର ଖ୍ୟାତିସମ୍ପନ୍ନ କଣ୍ଢେଇନାଟ ଅନୁଷ୍ଠାନଗୁଡ଼ିକ ଅଂଶଗ୍ରହଣ କରିବେ। ଏହି କଳାକୁ ଯୁବ ପିଢ଼ିଙ୍କ ମଧ୍ୟରେ ଆଦୃତି ଆଣିବା ପାଇଁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କୁ ଉକ୍ତ କଣ୍ଢେଇନାଟ ଦେଖିବା ପାଇଁ ଆମନ୍ତ୍ରଣ କରାଯାଇଛି। ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, କଳାର ଦେଶ ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଲୋକକଳା ରହିଛି। ଏଥିମଧ୍ୟରେ ଓଡ଼ିଶାର ବହୁ ପୁରାତନ ଲୋକକଳା 'କଣ୍ଢେଇ ନାଚ' ଅନ୍ୟତମ।

# ସଂଖ୍ୟାଲଘୁ ଅଧିକାର ଦିବସ: ଅଧିକାରର ସୁରକ୍ଷାକୁ ଗୁରୁତ୍ୱ




ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର ସୁରକ୍ଷା ଆବଶ୍ୟକତା ବିଷୟରେ ସଚେତନତା ପାଇଁ ଭାରତରେ ପ୍ରତିବର୍ଷ ଡିସେମ୍ବର ୧୮ରେ ସଂଖ୍ୟାଲଘୁ ଅଧିକାର ଦିବସ ପାଳନ କରାଯାଇଆସୁଛି। ଜାତୀୟ ସଂଖ୍ୟାଲଘୁ କମିଶନ(ଏନ୍‌ଏମ୍‌ସି) ଦ୍ୱାରା ପାଳିତ ଏହି ଦିବସ ଧାର୍ମିକ ସମନ୍ୱୟ, ପାରସ୍ପରିକ ସମ୍ମାନ ଏବଂ ସମସ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଗଭୀର ବୁଝାମଣାକୁ ଗୁରୁତ୍ୱ ଦେଇଥାଏ। ଏହି ଦିବସରେ ସଚେତନତା ଅଭିଯାନ, ସେମିନାର ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ସୂଚନାଯୋଗ୍ୟ ୨୦୦୩ ମସିହାରେ ଏହି ଦିବସ ପ୍ରଥମେ ପାଳନ ହୋଇଥିଲା। ଯାହା ଜାତିସଂଘର ୧୯୯୨ ମସିହାରେ ସଂଖ୍ୟାଲଘୁ ଅଧିକାର ଘୋଷଣାନାମା ଦ୍ୱାରା ଅନୁପ୍ରାଣିତ ହୋଇ ଆମ ଦେଶର ଜାତୀୟ ସଂଖ୍ୟାଲଘୁ କମିଶନ(ଏନ୍‌ଏମ୍‌ସି) ଦ୍ୱାରା ଧାର୍ମିକ ସଭାବକୁ ପ୍ରୋତ୍ସାହିତ କରିବା ଓ ସଂଖ୍ୟାଲଘୁ ଗୋଷ୍ଠୀଗୁଡ଼ିକର ଅନନ୍ୟ ସାଂସ୍କୃତିକ, ଭାଷାଗତ ଏବଂ ଧାର୍ମିକ ପରିଚୟକୁ ସୁରକ୍ଷା ଦେବା ପାଇଁ ଆରମ୍ଭ ହୋଇଥିଲା।

ଯଦିଓ ଚଳିତ ବର୍ଷ ଉକ୍ତ ଦିବସ ଲାଗି ସରକାରୀ ଭାବେ ବିଷୟବସ୍ତୁ ପ୍ରକାଶିତ ହୋଇନାହିଁ, ତେବେ ଏହା ସାଧାରଣତଃ ସଶକ୍ତୀକରଣ, ଅନ୍ତର୍ଭୁକ୍ତୀକରଣ ଏବଂ ସୁରକ୍ଷା ସହିତ ସମନ୍ୱିତ ହୋଇଥାଏ।


## GOVERNMENT OF ODISHA
## Sports & Youth Services Department
Kalinga Stadium, Bhubaneswar-751012
Email: deptsportsodisha@gmail.com

**Request for Proposal (RFP)**

**No.TT**-Sports & Youth Services Department, Government of Odisha invites bids from leading agencies to the RFP **for** supply of manpower to the Khelo India State Centre of Excellence (KISCE), Kalinga Stadium, Bhubaneswar.
The details of the bid documents are available at the website: https://tendersodisha.gov.in/.
Interested firms/ agencies are advised to study the RFP document carefully before submitting the bid.

**Important dates and information**

| | |
|---|---|
| Date of Publication of RFP | -16.12.2025 |
| Submission of pre-bid Queries | -20.12.2025 |
| Pre-Bid Meeting | -22.12.2025 |
| Response to Pre-bid queries | -29.12.2025 |
| Last date for submission of proposal | -29.12.2025 |
| Bid Submission starting date | -30.12.2025 |
| Opening of the technical bid | -07.01.2026 |

Sd./-
Director, Sports
OIPR-29001/11/0119/2526

## FOREST DEPARTMENT
No.MM-387
## OFFICE OF THE DEPUTY DIRECTOR, SIMILIPAL SOUTH WL DIVISION, BARIPADA
e-mail - dfo.similipalsouthwl@odisha.gov.in
Government of Odisha "e" Procurement Notice
**Bid Identification No. - DD South-BPD-08/2025-26**
1. Number of works - 01 (One number of work)
2. Approximate estimated cost :

| Sl. No. | Name of the Work | Estimate Cost (in Rs.) (Without GST) |
|---|---|---|
| 01 | Construction of 2 Nos of multi-storeyed (G + 3) E type (6-E) Family Quarter/Hostel at Manchanbandh, Baripada | 2,72,73,614.00 |

3. Period of Completion : Three (3) Calendar months
4. Date & Time of availability of bid documents in the portal : **Dt. 17.12.2025 to Dt. 26.12.2025**
5. Last date / Time of receipt of bid in the portal : **Dt. 26.12.2025 up to 5.00 P.M.**
6. Date of Opening of bid : **Dt. 27.12.2025 at 11.00 A.M.**
7. Name & address of the Office inviting bid : **O/o the Deputy Director, Similipal South WL Division, Baripada, Mayurbhanj.**

Further details can be seen from the e-procurement portal http://www.tendersodisha.gov.in

Sd./- Deputy Director
Similipal South WL Division, Baripada
OIPR-08127/11/0042/2526

## Government of Odisha
## e-Procurement Notice
No.O-1800
E.Mail : rw_boudh@yahoo.co.in
**Bid Identification No. Online tender/11/S.E.RW BOUDH/2025-26**
**NATIONAL COMPETITIVE BIDDING THROUGH E-PROCUREMENT**

| | | |
|---|---|---|
| | Name of the work | : Road work - 1 (one) No. |
| 1. | Estimated cost | : Rs. 18.91 lakh (Approximately) |
| 2. | Period of completion | : 02 (Two) Calendar months |
| 3. | Date & Time of availability of Bid documents in the portal | : From 18.12.2025, 10.00 A.M. to 29.12.2025, 5.00 P.M. |
| 4. | Last date / Time for receipt of bids in the portal | : 29.12.2025 up to 5.00 P.M. |
| 5. | Last date / Time for seeking of Tender clarification | : 26.12.2025 up to 5.00 P.M. |
| 6. | Date & Time of opening of Tender / Bid | : 30.12.2025 at 11.00 A.M. |
| 7. | Name & Address of the officer inviting Bid | : Executive Engineer, R.W Division, Boudh |

**Further details, corrigendum (s) etc can be seen from the e-procurement portal "Https://www.tendersorissa.gov.in"**

Sd./- Executive Engineer
R.W. Division, Boudh
OIPR-25061/11/0027/2526

GOVERNMENT OF ODISHA No.MM-395:
## DEPARTMENT OF FOREST, ENVIRONMENT & CLIMATE CHANGE
Bid Identification No.FE&CC-DFO (K.L.) SBP-02/2025-26
## OFFICE OF THE DIVISIONAL FOREST OFFICER SAMBALPUR KENDULEAVES DIVISION, SAMBALPUR
**DETAILED TENDER CALL NOTICE**
{Range Office-cum-Residence at Dhama (KL) Range under Sambalpur (K.L.) Division}

| | |
|---|---|
| Name of the Work Tendered for | : Construction of Range Office-cum-Residence at Dhama (KL) Range under Sambalpur (K.L.) Division |
| Estimated Cost | : Rs.59,21,525/- (Excluding G.S.T.) |
| Date of Sale & Receipt of Tender | : Start from 10.00 Hours of 16.12.2025 & Close on 30.12.2025 at 17.00 Hours. |

Sd./-Divisional Forest Officer
Sambalpur (K.L.) Division
OIPR-08059/11/0005/2526

## PANCHAYAT SAMITI, SARASKANA
**TENDER CALL NOTICE**
**No.i-426** : BDO, Saraskana invites sealed tender on behalf of Govt. of Odisha for the follwing work in conformity with the DTCN.
**Bid Identification No.2/2025-26/BDO, Saraskana Dt.15.12.2025**
Name of the Work :
1. Construction of 1st Floor Office Building with Stair Case at Saraskana under Saraskana Block.

Date of Receipt of Tender : 18.12.2025, 10.00 A.M. to 05.01.2026, 5.00 P.M via Drop Box at Block Office.
Date of Opening of Tender : 06.01.2026, 11.30 A.M. in the Conference Hall of BDO, Saraskana.
Terms and Conditions : Details of the Tender Call Notice can be downloaded from the official website of the district (www.mayurbhanj.nic.in) from 18.12.2025, 10.00 A.M. to 05.01.2026, 5.00 P.M. All the terms and conditions can be seen from the above website.

Sd./- Block Development Officer
Saraskana
OIPR-19352/11/0002/2526

## OFFICE OF THE PRINCIPAL, RAJDHANI COLLEGE, BHUBANESWAR
NO.6004 // DATE 16.12.2025
**QUOTATION CALL NOTICE**
**No.N-234** : Sealed Quotations are invited from registered printers/press/firms having valid GST number for printing and supply of College Magazine **"IRA"** & College Calendar for the session 2025-26. The last date and time for submission of the quotation is dt.12.01.2026 (5.00 P.M.)
For further details, please visit the college website www.rajdhanicollege.org.in.

Sd./- Principal
Rajdhani College, Bhubaneswar
OIPR-11045/11/0022/2526

## OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone No./Fax No. : 0680-2233996, E-mail : sernb2.ganjam@gmail.com
**GOVERNMENT OF ODISHA Quotation Notices**
No.B-853 **Short Auction sale Notice No.04 of 2025-26**
**Ltr. No.10560** **Dated. 11.12.2025**

| | | |
|---|---|---|
| 1) | Name of the work | : Demolition of existing old building inside premises of Old Collectorate building for the proposed New Collectorate building at Chatrapur |
| 2) | Reserve Price | : **i) Rs.37,60,557.00 (Excluding GST)** |
| 3) | EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) | : **i) Rs.9,40,200.00** |
| 4) | Period of Completion | : 1 (One) Calendar Month |
| 5) | Receipt of Quotation | : 18.12.2025 to 29.12.2025 up to 5.00 P.M. |
| 6) | Date & Time of opening of Quotation | : 30.12.2025 at 11.30 A.M. |
| 7) | Name and address of the Officer Inviting Quotation | : Superintending Engineer, Ganjam (R&B) Division No-II, Berhampur |
| 8) | Submission of Quotation | : The quotation should submit in sealed cover by personal delivery in the box placed for the purpose in the office of the undersigned / Registered Post / Speed post during working hours |
| 9 | Any other information can be heard during working office hours. | |

Sd./- Superintending Engineer
Ganjam (R&B) Division No.II
OIPR-34080/11/0042/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR
**GOVERNMENT OF ODISHA**
No.A-1136 **"e"-PROCUREMENT NOTICE**
**BID IDENTIFICATION No: 07 MID (JSP/2024-25)**
1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Construction of Check Dams under different Blocks & Improvement of MIP in Mayurbhanj District for the year 2025-26.
3. No. of Works :- 16(Sixteen)Nos.
4. Tender Amount Varies From :- 38.79 lakhs to 96.41 lakhs
5. Date and Time of availability of BID Document in the Portal for online Bidding from : - Dt.20.12.2025, 10.00 hrs to Dt.29.12.2025 upto 17.00 hrs
6. Last Date and Time of receipt of Bids in the Portal :- Dt.29.12.2025, upto 17.00 hrs
7. Last Date and Time for clarification up to :- Dt.29.12.2025, upto 17.00 hrs
8. Date of opening of Bid: - Dt.30.12.2025, at 11.00 hrs onwards

The detail tender call notice can also be seen in the DOWR website: http://dowrorissa.gov.in.

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO-Khairi / Dist : Mayurbhanj, PIN-757091, E-Mail :- eemijashipur@yahoo.com |
| Further details can be seen from the e-Procurement market place. | : | **http://tenderorissa.gov.in** |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I Division, Jashipur
OIPR-32282/11/0017/2526

## OFFICE OF THE BARIPADA MUNICIPAL COUNCIL, BARIPADA
Phone : 06792-252703, Fax : 06792-252703, Email : baripadam.hud@nic.in
Website : www.baripadamunicipality.in
**No. 2025 Dated : 12.12.2025**
**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' PROCUREMENT**
**No.C-1801** : The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD and Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
Tender Reference No. : **BPDM- 11 of 2025-2026**
Tender I.D No. : **2025_ORULB**

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/ Tender Inviting Authority / Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.16.12.2025** (01.00 P.M.) to **Dt.30.12.2025** (5.00 P.M.) |
| (ii) | Last date and time of bidding on-line (Submission of Bids) | **Dt.30.12.2025** (5.00 P.M.) |
| (iii) | Date and time of opening of the Bids received on-line | **Dt.31.12.2025** (11.30 A.M. onwards) |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in
Corrigendum or Addendum if any will not be published in Newspapers and can be seen in e-procurement portal as well as in Baripada Municipality website.

Sd./- Executive Officer
Baripada Municipality
OIPR-13078/11/0068/2526

idco | ODISHA NEW OPPORTUNITIES
No.CAD-2712
## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No. H.O./P&C/EST-E-2717/03/04/2024/35382 Dated : 11.12.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Bid Identification No- P&C/EST/E-36/2025-26**

| Sl. No. | Name of Work | Earnest Money Deposit | Cost of Documents (Including GST) | Period of completion | Class of contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | "Design, Supply, Installation & Commissioning of 20 KLD Effluent Treatment Plant (ETP) on Turnkey basis at PPC in Kimilo, Jagatsinghpur, Odisha." | Rs.25,000.00 | Rs.7,080/- (Online) | 03 (Three) Calendar Months | Experienced agencies / Firms / Companies or "B" & "C" Class Contractors of PWD & Equivalent Class of other Departments |

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the web-site www.tendersodisha.gov.in from 5 PM of Dt.17.12.2025 to 5 P.M. of Dt.24.12.2025
Corrigendum or addendum if any will not be published in Newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in
OIPR-14003/11/0263/2526 Sd./- Chief General Manager (P&C)

idco | ODISHA NEW OPPORTUNITIES
No.CAD-2714
## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No. H.O./P&C/EST-E-2717/03/04/2024/35370 Dated : 11.12.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Bid Identification No- P&C/EST/E-37/2025-26**

| Sl. No. | Name of Work | Earnest Money Deposit | Cost of Documents (Including GST) | Period of completion | Class of contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | "Design, Supply, Installation & Commissioning of 20 KLD Effluent Treatment Plant (ETP) on Turnkey basis at PPC in Srikona, Balasore, Odisha." | Rs.25,000.00 | Rs.7,080/- (Online) | 03 (Three) Calendar Months | Experienced agencies / Firms / Companies or "B" & "C" Class Contractors of PWD & Equivalent Class of other Departments |

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the web-site www.tendersodisha.gov.in from 5 PM of Dt.17.12.2025 to 5 P.M. of Dt.24.12.2025
Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in
OIPR-14003/11/0265/2526 Sd./- Chief General Manager (P&C)

## COLLECTORATE, KORAPUT
(ST & SC DEV. DEPARTMENT)
**No.4798/XI-10/2025** **TENDER CALL NOTICE** **Date:15.12.2025**
No.V-23: Sealed quotations are invited in the prescribed format from the reputed and authorized Firms/ Dealers/Agencies having valid upto date PAN/GSTN registration No. for Repairing of existing Solar Inverter System with replacement of Old Batteries (Replacement of Panel and UPS if required) the following items to the SSD Hostels and SSD Hostel attached to S & ME Schools in Koraput District as detailed below on the following terms & conditions.

| | DETAILS | INFORMATION |
|---|---|---|
| 1 | Name of the Work | **Repairing of existing Solar Inverter System with replacement of Old Batteries (Replacement of Panel and UPS if required)** |
| 2 | Number of Works | 63 Nos. |
| 3 | Availability of Bid documents | From 15.12.2025, 04.00 PM to 03.01.2026, 04.00 P.M. |
| 4 | Last date and time of bid document purchase | 03.01.2026, 02.00 PM |
| 5 | Bid document last reach time | 03.01.2026, 03.00 PM |
| 6 | Bid Opening Date and Time | 03.01.2026, 04.00 PM |
| 7 | Bid Inviting Officer | D.W.O., Koraput |

**Schedule-A**

| Sl.No. | PARTICULARS | QUANTITY/UNIT |
|---|---|---|
| 1 | 595W/24V Solar PV Module with 30 years replacement warranty | As per site survey |
| 2 | 10.1 KVA/120V Solar off Grid Inverter with 3 years warranty | 63 Nos. |
| 3 | 200 AH Lead-Acid Tall Tubular Solar C10 Battery with 5 years replacement guarrantee plus 1 year warranty | 630 Nos. |
| 4 | GI Modular Structure with 10 years warranty | As per site Survey |
| 5 | ACDB / DCDB | As per site Survey |
| 6 | 6 MM copper AC Cable | As per site Survey |
| 7 | 10 MM Copper DC Cable | As per site Survey |
| 8 | Copper Lightining Arrester with earthing | As per site Survey |
| 9 | Installation Charges | As per site Survey |
| 10 | AMC for 5 years | As per site Survey |
| 11 | Buy back of Old Materials | |

By Order of Collector
Sd./-District Welfare Officer, Koraput
OIPR-26036/11/0001/2526

## ଓଡ଼ିଶା ସରକାର
## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
**ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନର ପରିବର୍ଦ୍ଧିତ ସମୟସୀମା**

No.V- ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ (ODISHA STATE SCHOLARSHIP PORTAL) ମାଧ୍ୟମରେ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କର ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି କରାଯାଇଛି । ପରିବର୍ଦ୍ଧିତ ତାରିଖଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା ।

**ପରିବର୍ଦ୍ଧିତ ସମୟସୀମା**

| କ୍ରମିକ ସଂଖ୍ୟା | ସ୍ତର | ପୂର୍ବ ଧାର୍ଯ୍ୟ ତାରିଖ | ପରିବର୍ଦ୍ଧିତ ସମୟସୀମା |
|---|---|---|---|
| ୧ | ବିଦ୍ୟାଳୟ ପାଇଁ ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ | ୧୬.୧୨.୨୦୨୫ | ୩୧.୦୧.୨୦୨୬ |
| ୨ | ସମ୍ପୃକ୍ତ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବେଦନଗୁଡ଼ିକର ଅନ୍‌ଲାଇନ୍ ମଞ୍ଜୁରିର ଶେଷ ତାରିଖ | ୧୫.୦୧.୨୦୨୬ | ୧୫.୦୨.୨୦୨୬ |

ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନରତ ଯୋଗ୍ୟ ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରଛାତ୍ରୀମାନଙ୍କ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ନିମ୍ନଲିଖିତ ୟୁଆର୍‌ଏଲ୍‌କୁ (URL) http://www.scholarship.odisha.gov.in କୁ ଯାଇ ଆବେଦନ କିମ୍ବା ନବୀକରଣ କରନ୍ତୁ ।

ସ୍ୱା./- ନିର୍ଦ୍ଦେଶକ, ଅନୁସୂଚିତ ଜାତି କଲ୍ୟାଣ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
OIPR-26001/11/0031/2526

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୨୧୯୫୨ IND–II–PH–୧୨୯୨ ତା.୧୧.୧୨.୨୦୨୫
No. CAD-2695

**ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କନପାଳା ସାମିଲ ମହୁଲପାଳ ବାଲୁକା ଖଣି, ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ଭୁବନ ତହସିଲ ଅନ୍ତର୍ଗତ କନପାଳା ସାମିଲ୍ ମହୁଲପାଳ ଗ୍ରାମର ଖାତା ନମ୍ବର-୪୫୨, ପ୍ଲଟ ନମ୍ବର-୪୨୬୫, ୪୨୬୬ ଓ ୪୨୬୭ଠାରେ ୨୪.୬୩ ଏକର/ ୯.୯୬୭ ହେକ୍ଟର ବିଶିଷ୍ଟ ଅଞ୍ଚଳରେ ପ୍ରତି ବର୍ଷ ୨୫,୦୦୦ କ୍ୟୁବିକ୍ ମିଟର ବ୍ରାହ୍ମଣୀ ନଦୀରେ ବାଲୁକା ଖନନ ପ୍ରକଳ୍ପ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [(State Environment Impact Assessment Authority (SEIAA)], ଓଡ଼ିଶାଙ୍କ (ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ) ଦ୍ୱାରା ପରିବେଶୀୟ ମଞ୍ଜୁରୀ ଅନ୍ତର୍ଗତ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ.ଓ.୧୫୩୩(ଇ), ତା.୧୪.୦୯.୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତାହା ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୧.୦୧.୨୦୨୬ ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲାର କନପାଳା ସାମିଲ ମହୁଲପାଳ ଗ୍ରାମର ନୂଆପାଣି ଟାଙ୍କି ନିକଟରେ ଥିବା ପଡିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧.ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, **ଢେଙ୍କାନାଳ** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ** ।
୪.ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବସାଇଟ୍ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
ସ୍ୱା./-ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ
OSPCB-PH-MISC-0054-2025/01/2025 OIPR-08012/11/0388/2526

See Career Appointment on every Wednesday & Saturday

# ମୃତ ହାତୀର ହାଡ଼ରୁ ତିଆରି ହେଉଥିଲା ନକଲି ଦାନ୍ତ

## ର୍‍ୟାକେଟର ୯ ଗିରଫ

ନୀଳଗିରି,୧୭।୧୨(ପ୍ରଶାନ୍ତ ବିଶ୍ୱାଳ)


ଗିରଫ ହୋଇଥିବା ୪ ଅଭିଯୁକ୍ତ ।

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁ ଆଇନ ଉଲ୍ଲଂଘନ କରି ଚାଲିଥିଲା ନକଲି ଦାନ୍ତ ତିଆରି। ସୂଚନା ପାଇ କୁଲଡ଼ିହା ବନ ବିଭାଗ ଚଢ଼ାଉ କରି ଏହି ର୍‍ୟାକେଟ୍‌ର ୯ଜଣଙ୍କୁ ଗିରଫ କରିଛି। ହାତୀ ମରିଗଲା ପରେ ବନ ବିଭାଗ ହାତୀର ଶବକୁ ପୋତି ଦେଇଥାଏ। ପରେ ହାତୀର ହାଡ଼କୁ ତସ୍କରମାନେ ମାଟି ତଳୁ ଖୋଳି ବାହାର କରିବା ପରେ ଏହାକୁ ଗ୍ରାଇଣ୍ଡ କରି ନକଲି ହାତୀ ଦାନ୍ତ ତିଆରି କରୁଥିଲେ। ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ଅଚାନକ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରି ମାମଲାରେ ସୋର, ବାଗୁଡ଼ି ଏବଂ ନୀଳଗିରି ଅଞ୍ଚଳର ୯ଜଣ ତସ୍କରଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ୩ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏହାକୁ ଭିତ୍ତି କରି ମଙ୍ଗଳବାର ୨ଜଣ ଏବଂ ବୁଧବାର ଆଉ ୪ ଜଣଙ୍କୁ ଗିରଫ କରାଯାଇଛି। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁ ଦେହାବଶେଷ ତସ୍କରି କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚଦରରେ ବିକ୍ରି କରୁଥିବା ବନ ବିଭାଗ ସନ୍ଦେହ କରିଛି। ତେବେ ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛି ତାହାକୁ ଗୋପନୀୟ ଭାବେ ତଦନ୍ତ ଜାରି ରଖିଥିବାରୁ ବନ ବିଭାଗ ସମସ୍ତଙ୍କ ନାମ ଦେଇ ନ ଥିବାବେଳେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ଭାରପ୍ରାପ୍ତ ଛାତ୍ରାବାସ ଅଧୀକ୍ଷକ ନିଲମ୍ବିତ

**ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରଙ୍କ ମୃତ୍ୟୁ ଘଟଣା**

**ପ୍ରଧାନଶିକ୍ଷକଙ୍କୁ ଜିଲାପାଳଙ୍କ କୈଫିୟତ ତଲବ**

ସୋନପୁର,୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)


ଛାତ୍ରାବାସର ଭାରପ୍ରାପ୍ତ ଅଧୀକ୍ଷକ ଅରବିନ୍ଦ ମହାକୁର

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟାସ୍ଥିତ ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆର୍ଯ୍ୟନ୍ ସୁନା(୧୭)ଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ବିଦ୍ୟାଳୟର ଭାରପ୍ରାପ୍ତ ଛାତ୍ରାବାସ ଅଧୀକ୍ଷକ ତଥା ବୈଜ୍ଞାନିକ ପରୀକ୍ଷାଗାର ସହାୟକ(ଲାବରେଟୋରି ଆସିଷ୍ଟାଣ୍ଟ)ଅରବିନ୍ଦ ମହାକୁରଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ବୁଧବାର ନିଲମ୍ବନ କରିଛନ୍ତି। ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟରେ ଅବହେଳା ତଥା ବିଦ୍ୟାଳୟର ଅନ୍ତେବାସୀଙ୍କ ନିରାପତ୍ତା ଓ ସୁରକ୍ଷା ପ୍ରତି ଛାତ୍ରାବାସ ଅଧୀକ୍ଷକ ଅଣଦେଖା କରିବା ଅଭିଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୦୮୮/୧୭।୧୨।୨୦୨୫ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଏହି ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କୁ ଜିଲାପାଳ ଡ. ସାହୁ କୈଫିୟତ ତଲବ କରିଛନ୍ତି। କେଉଁ ପରିସ୍ଥିତିରେ ଛାତ୍ରଙ୍କ ମୃତ୍ୟୁ ହେଲା ଓ ପୂର୍ବଦିନ ସନ୍ଧ୍ୟାରେ ଛାତ୍ରାବାସରେ କ'ଣ ହୋଇଥିଲା ୨୪ଘଣ୍ଟା ମଧ୍ୟରେ ଉତ୍ତର ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସହପାଠୀଙ୍କ ସହ ଆର୍ଯ୍ୟନ୍‌ଙ୍କର କୌଣସି କାରଣରୁ ମାରପିଟ୍ ହୋଇଥିଲା। ଦୁଇ ଛାତ୍ର ଆର୍ଯ୍ୟନଙ୍କୁ ମାଡ ମାରିଥିଲେ। ଏହି ଘଟଣାରେ ଆର୍ଯ୍ୟନ ମାନସିକସ୍ତରରେ ଆଘାତ ପାଇଥିଲେ। ରାତ୍ରିଭୋଜନ କରି ନ ଥିଲେ। ଏପରିକି ମଙ୍ଗଳବାର ସକାଳେ ଜଳପାନ ମଧ୍ୟ କରି ନ ଥିବା ଅଭିଯୋଗ ହୋଇଛି। ପରେ ଛାତ୍ରାବାସରେ ଥିବା ସମୟରେ ଆର୍ଯ୍ୟନ ହଠାତ୍ ମୂର୍ଚ୍ଛା ଯାଇ ତଳେ ପଡି ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଛାତ୍ରଙ୍କୁ ଚାରଭଟାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ସେତେବେଳକୁ ଛାତ୍ରଙ୍କ ମୃତ୍ୟୁ ହୋଇ ସାରିଥିବା ଦାୟିତ୍ୱରେ ଥିବା ଡାକ୍ତରଙ୍କ ରିପୋର୍ଟରୁ ଜଣାପଡିଛି।

# ଲାଞ୍ଚ: ପିଇଓଙ୍କୁ ୩ ବର୍ଷ ଜେଲ

ଢେଙ୍କାନାଳ,୧୭।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବାରଦା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତ୍ରିନାଥ ସେଠୀଙ୍କୁ ଏକ ଲାଞ୍ଚ ନେବା ମାମଲାରେ ୩ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ତ୍ରିନାଥ ହିନ୍ଦୋଳ ବ୍ଲକ ଅସରଡ଼ା ପଞ୍ଚାୟତରେ ପିଇଓ ଥିବାବେଳେ ଏହି ଲାଞ୍ଚ ନେବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ପ୍ରକାଶ କରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ପ୍ରଣତି ସାହା ତ୍ରିନାଥଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ଜରିମାନା ଆଦେଶ କରିଛନ୍ତି।

ମାମଲାରୁ ପ୍ରକାଶ, ଅସରଡ଼ା ପଞ୍ଚାୟତ ବାରସିଙ୍ଗା ଗ୍ରାମର ଅନିରୁଦ୍ଧ ସାହୁ ଓ ତାଙ୍କ ସାନ ଭାଇଙ୍କୁ ବିଜୁ ପକ୍କାଘର ଯୋଜନାରେ ୨ଟି ଘର ମିଳିଥିଲା। ତତ୍କାଳୀନ ପିଇଓ ତ୍ରିନାଥ ଏହାର ତଦାରଖ କରୁଥିଲେ। ବିଲ୍ ପାଇବା ପାଇଁ ପିଇଓ ସମ୍ପୃକ୍ତ ୨ ହିତାଧିକାରୀଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ଅନିରୁଦ୍ଧ ୯ ମେ ୨୦୧୭ରେ ଢେଙ୍କାନାଳ ଭିଜିଲାନ୍ସ ଶାଖା ଡିଏସ୍‌ପିଙ୍କ ମାଧ୍ୟମରେ କଟକ ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। କଟକ ଭିଜିଲାନ୍ସ ଥାନାରେ ଏ ସଂକ୍ରାନ୍ତରେ ନଂ. ୩୦/୧୭ରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ତ୍ରିନାଥ ରଞ୍ଜାଗୋଳ ଛକଠାରେ ଥିବା ତାଙ୍କ ଭଡ଼ାଘରେ ଅଭିଯୋଗକାରୀ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ମାମଲାକୁ ଭିଜିଲାନ୍ସ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ହେମନ୍ତ କୁମାର ଖଟୁଆ ଓ ଅନୁଜ୍ଞା ମହାନ୍ତି ପରିଚାଳନା କରିଥିଲେ।

# ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା

ବାରିପଦା,୧୭।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଅଭିଯୁକ୍ତ ଗିରଫ

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଗତ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୫ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ପଡ଼ୋଶୀ ଘର ପଛପଟ ନିର୍ଜନ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୫୭/୨୫) ରୁଜୁକରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲ୍ଲୀପ ହେମ୍ବ୍ରମ (୨୪)। ଶିଶୁ କନ୍ୟାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଶିଶୁ କନ୍ୟା ଜଣଙ୍କ ଖେଳୁଥିବାବେଳେ ଅଭିଯୁକ୍ତ ଦିଲ୍ଲୀପ ତାଙ୍କୁ ଘର ପଛପଟ ନିର୍ଜନ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିଲେ। ଶିଶୁ କନ୍ୟା ଜଣଙ୍କ ଜୋରରେ କାନ୍ଦିବାରୁ ତାଙ୍କ ମାଉସୀ ପହଞ୍ଚି ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ମାଙ୍ଗାନିଜ୍ ବୋଝେଇ ଟ୍ରକ୍ ଜବତ

**ଖଣି ବିଭାଗର ଚଢ଼ାଉ**

ଯୋଡ଼ା,୧୭।୧୨(ମାନସ ମହାନ୍ତି)


ଜବତ ଟ୍ରକ୍

କେନ୍ଦୁଝର ଜିଲା ଯୋଡ଼ା ଖଣି ବିଭାଗ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ଏକ ମାଙ୍ଗାନିଜ୍ ବୋଝେଇ ଟ୍ରକ୍ ଜବତ କରାଯାଇଛି। ରାତିର ସୁଯୋଗରେ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖଣି ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା କୁହାଯାଇଛି।

ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ନୟାଗଡ଼ ରେଳସାଇଡିଂ ନିକଟ ଏକ ଘରୋଇ ଜମିରେ ଖଣି ବିଭାଗ ଦ୍ୱାରା ଜବତହୋଇ ପରିତ୍ୟକ୍ତ ଅବସ୍ଥାରେ ଥିବା ଖଣିଜ ଗଦାରୁ ମେଶିନ ଲଗାଇ ଖଣିଜ ଚୋରାଚାଲାଣ ହେଉଥିବା ଜଣାପଡ଼ିଥିଲା। ଘଟଣା ପରେ ଯୋଡ଼ା ଖଣି ବିଭାଗ ତତ୍ପର ହୋଇ ମଙ୍ଗଳବାର ଉକ୍ତ ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ କରୁଥିଲା। ବେଆଇନ ମାଙ୍ଗାନିଜ ଚାଲାଣ ପାଇଁ ଟ୍ରକ୍‌ରେ ଲୋଡ୍ ହେଉଥିଲା। ଖବର ପାଇ ଖଣି ବିଭାଗର ୪ ଜଣିଆ ଟିମ୍ ନୟାଗଡ଼ ଓଜନ କଣ୍ଟା ନିକଟରେ ଅତର୍କିତ ଚଢ଼ାଉ କରିଥିଲା। ଲକ୍ଷାଧିକ ଟଙ୍କାର ଖଣିଜ ବୋଝେଇ ଟ୍ରକ୍(ନଂ.ଓଆର ୦୯ ଏଲ୍ ୮୯୫୮)କୁ ଜବତ କରିଥିଲା। ନୂତନ ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ କହିଛନ୍ତି, ଟ୍ରକ୍ ଜବତ ସହ ଘଟଣାର ଅନୁସନ୍ଧାନ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଏପରି ଧରପଗଡ଼ ଜୋର୍‌ଦାର କରାଯିବ ବୋଲି କହିଥିଲେ।

ପ୍ରକାଶଯୋଗ୍ୟ, ଧରିତ୍ରୀରେ 'ବଦଳିଲେ ଅଧିକାରୀ, କମୁନି ଖଣିଜ ଚୋରି' ଖବର ବୁଧବାର ପ୍ରକାଶିତ ପାଇଛି। ଖବର ପ୍ରକାଶ ପରେ ବିଭାଗ ଖଣିଜ ଚୋରି ରୋକିବା ପାଇଁ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି।

# ପୁତୁରା ଠେଙ୍ଗାମାଡ଼ରେ ଦାଦା ମୃତ

ଢେଙ୍କାନାଳ,୧୭।୧୨(ରତନ ନାୟାର)


ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ହୁଣ୍ଡି ସାହିରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ବାନାମ୍ବର ନାୟକଙ୍କ ଠେଙ୍ଗା ମାଡ଼ରେ ଦାଦା ମାନସ ନାୟକ(୫୮)ଙ୍କ ମୃତ୍ୟୁ ହୋଇଛି। ଘଟଣାରୁ ଜଣାପଡିଛି, ଅଭିଯୁକ୍ତ ବାନାମ୍ବର ଦାଦା ମାନସଙ୍କ ଘର ନିକଟରେ ପାଟିତୁଣ୍ଡ କରୁଥିଲେ। ମାନସ ବାରଣ କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ବାନାମ୍ବର ଏକ ଠେଙ୍ଗାରେ ଦାଦାଙ୍କ ମୁଣ୍ଡକୁ ଶକ୍ତ ପାହାର ଦେଇଥିଲେ। ଫଳରେ ଘଟଣାସ୍ଥଳରେ ମାନସଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବୁଧବାର ଘଟଣାସ୍ଥଳରୁ ଠେଙ୍ଗା ଜବତ କରାଯିବା ସହ ଅଭିଯୁକ୍ତ ପୁତୁରା ବାନାମ୍ବରଙ୍କୁ ଗିରଫ କରାଯାଇଥିବା ଫାଣ୍ଡି ଅଧିକାରୀ ଘନିଷ୍ଠ ମହନ୍ତ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୧୦୩।୨୫ରେ ଏକ ମାମଲା ରୁଜୁ କରାଯାଇଛି।

## Business

# ୬,୧୧୭ ଷ୍ଟେସନରେ ମାଗଣା ୱାଇ-ଫାଇ

**ସିସିଟିଭି ଅଧୀନରେ ୧,୭୩୧ ଷ୍ଟେଶନ; ୧୧,୯୫୩ କୋଚ୍**

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)




ଭାରତୀୟ ରେଳପଥର ୬୧୧୭ ରେଳ ଷ୍ଟେଶନରେ ମାଗଣା ୱାଇ-ଫାଇ ସେବା ଯୋଗାଇ ଦିଆଯାଇଛି। ରେଳ ଷ୍ଟେଶନରେ ଏହି ସେବା ପାଇଁ ରେଳ ମନ୍ତ୍ରଣାଳୟ ଦ୍ୱାରା କୌଣସି ପୃଥକ୍ ପାଣ୍ଠି ମଞ୍ଜୁର କରାଯାଇନାହିଁ। ଓଟିପି ପାଇଁ ବ୍ୟବହୃତ ମୋବାଇଲ ନମ୍ବର ବ୍ୟତୀତ ରେଳ ଷ୍ଟେଶନରେ ପ୍ରଦାନ କରାଯାଇଥିବା ୱାଇ-ଫାଇ ସେବା ବ୍ୟବହାର କରିବା ପାଇଁ କୌଣସି ବ୍ୟକ୍ତିଗତ ସୂଚନା ମଗାଯାଇ ନାହିଁ। ଷ୍ଟେଶନରେ ୱାଇ-ଫାଇ ସୁବିଧା କାର୍ଯ୍ୟ କରିବା ସମ୍ପର୍କରେ କୌଣସି ସମସ୍ୟା ଆସିଲେ ରେଳ ପ୍ରଶାସନ ଦ୍ୱାରା ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସୂଚନା ଦିଆଯାଇଛି । ସେହିପରି ଯାତ୍ରୀଙ୍କ ନିରାପଦ ଯାତ୍ରା ସୁନିଶ୍ଚିତ କରିବା ପାଇଁ ୧୭୩୧ ଷ୍ଟେଶନ ଏବଂ ୧୧,୯୫୩ କୋଚ୍‌ରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ଯୋଗାଇ ଦିଆଯାଇଛି। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ପ୍ରବେଶ/ପ୍ରସ୍ଥାନ ସ୍ଥାନ, ଫୁଟ୍ ଓଭର ବ୍ରିଜ୍, ପ୍ଲାଟ୍‌ଫର୍ମ ଇତ୍ୟାଦି ବାହ୍ୟ କ୍ଷେତ୍ର ଏବଂ ପ୍ରତୀକ୍ଷା ହଲ୍, ଟିକେଟ କାଉଣ୍ଟର ଇତ୍ୟାଦି ଭିତର କ୍ଷେତ୍ରକୁ କଭର କରିବା ପାଇଁ ପୂର୍ବରୁ ସିସିଟିଭି ସ୍ଥାପନ କରାଯାଇଥିଲା। ଚଳିତବର୍ଷ ଫେବୃଆରୀ ୧୫ ପରେ ନୂଆଦିଲ୍ଲୀ ଷ୍ଟେଶନ ପରିସରରେ କିଛି ନୂତନ କ୍ଷେତ୍ର ବିକଶିତ ହୋଇଥିଲା ଏବଂ ତଦନୁସାରେ ଏହି କ୍ଷେତ୍ରଗୁଡ଼ିକୁ କଭରକରିବା ପାଇଁ ଅତିରିକ୍ତ ସିସିଟିଭି ଯୋଗାଇ ଦିଆଯାଇଛି। ବର୍ତ୍ତମାନ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ୨୫୦ ସିସିଟିଭି ଯୋଗାଇ ଦିଆଯାଇଛି। ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି। .

# ରିଲାଏନ୍ସ ଜିଓର ହାପି ନ୍ୟୁ ଇୟର ଅଫର

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ୨୦୨୬ ନୂତନ ବର୍ଷ ପାଳନ ଅବସରରେ ଏହାର ହାପି ନ୍ୟୁ ଇୟର ୨୦୨୬ ଅଫର ଘୋଷଣା କରିଛି। ହାପି ନ୍ୟୁ ଇୟର ୨୦୨୬ ଅଫର ମାଧ୍ୟମରେ ଜିଓ କନେକ୍ଟିଭିଟି, ମନୋରଞ୍ଜନ ଏବଂ ଏଆଇକୁ ଏକତ୍ରିତକରିବାକୁ ପଦକ୍ଷେପ ନେଇଛି। ଏହି ଅଫରରେ ଜିଓ ୩୫୯୯ ଟଙ୍କା ମୂଲ୍ୟର ହିରୋ ବାର୍ଷିକ ରିଚାର୍ଜ ପ୍ଲାନ୍, ୫୦୦ ଟଙ୍କିଆ ସୁପର ସେଲିବ୍ରେଶନ ମାସିକ ପ୍ଲାନ୍ ଏବଂ ୧୦୩ ଟଙ୍କିଆ ଫ୍ଲେକ୍ସି ପ୍ୟାକ ଆଦି ପ୍ଲାନ୍ ରହିଛି। ଅଫରଗୁଡ଼ିକ ମାଧ୍ୟମରେ ଜିଓ ସୁଲଭ ମୂଲ୍ୟରେ ଉନ୍ନତ ଡିଜିଟାଲ ସେବା ପ୍ରଦାନ କରିବାକୁ ପ୍ରୟାସ କରୁଥିବା ଜିଓ ପକ୍ଷରୁ କୁହାଯାଇଛି। ଅସୀମିତ ୫ଜି ଏବଂ ପ୍ରିମିୟମ ଓଟିଟି କଣ୍ଟେଣ୍ଟ ସହ ଏହି ପ୍ଲାନ୍‌ଗୁଡ଼ିକ ଦେଶବ୍ୟାପୀ ଗ୍ରାହକଙ୍କୁ ଉତ୍ତମ ଯୋଗାଯୋଗ ସଂଯୋଗ ଏବଂ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି।

# ଆଜିଠୁ ହାଇଦ୍ରାବାଦରେ ୨ ଦିନିଆ ଇନ୍‌ଭେଷ୍ଟର୍ସ ମିଟ୍

**'ରୋଡ୍ ଶୋ'ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୭।୧୨ (ରବିନାରାୟଣ ଜେନା)

ODISHA NEW OPPORTUNITIES

ଓଡ଼ିଶାକୁ ଶିଳ୍ପସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ନେଇ ପୂର୍ବରୁ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ସହ କେତେକ ନିବେଶକ ସମ୍ମିଳନୀ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ହାଇଦ୍ରାବାଦ୍‌ଠାରେ ୨ଦିନିଆ ଇନ୍‌ଭେଷ୍ଟର୍ସ ମିଟ୍ କରାଯିବାକୁ ରହିଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଆସନ୍ତା ୧୮ ଓ ୧୯ ତାରିଖରେ ହାଇଦ୍ରାବାଦରେ ଇନ୍‌ଭେଷ୍ଟର୍ସ ମିଟ୍ ଏବଂ 'ରୋଡ୍ ଶୋ' କରାଯିବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାକୁ ରହିଛି। ଏଥିପାଇଁ ବହୁ ବଡ଼ ବଡ଼ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ସମୟରେ ଶିଳ୍ପ ବିଭାଗର ଟିମ୍ ସହ ବିଭିନ୍ନ ଶିଳ୍ପପତିଙ୍କ ୱାନ୍ ଟୁ ୱାନ୍ ଆଲୋଚନା କରାଯିବ। ଲୌହଶିଳ୍ପଠାରୁ ଆରମ୍ଭକରି ପ୍ଲାଷ୍ଟିକ୍ ଓ ଆଇଟି କ୍ଷେତ୍ରରେ ମଧ୍ୟ ନିବେଶକମାନେ ଯୋଗଦେବାର ରହିଛି, ଯାହା ଓଡ଼ିଶା ପାଇଁ ଲାଭଦାୟକ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ମଜଭୁତ ହେବ ଟଙ୍କା: ଏସ୍‌ବିଆଇ ରିପୋର୍ଟ

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ୫୦% ଆମଦାନୀ ଶୁଳ୍କ ଗତ କିଛି ମାସ ମଧ୍ୟରେ ଭାରତୀୟ ଟଙ୍କା ଉପରେ ପ୍ରବଳ ଚାପ ପକାଇଛି ଏବଂ ଏହା ବର୍ତ୍ତମାନର ହ୍ରାସର ଏକ ପ୍ରମୁଖ କାରଣ ଭାବରେ ଉଭା ହୋଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଅର୍ଥନୈତିକ ଗବେଷଣା ବିଭାଗର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଏପ୍ରିଲ ୨ରେ ଯେତେବେଳେ ଆମେରିକା ଏକ ବ୍ୟାପକ ଶୁଳ୍କ ବୃଦ୍ଧି ଘୋଷଣା କରିଥିଲା, ସେବେଠାରୁ ଡଲାର ତୁଳନାରେ ଟଙ୍କା ପ୍ରାୟ ୫.୭% ଦୁର୍ବଳ ହୋଇଛି, ଯାହା ପ୍ରମୁଖ ଅର୍ଥନୀତି ମଧ୍ୟରେ ସବୁଠାରୁ ବଡ଼ ହ୍ରାସ। ମାତ୍ର ରିପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା ଅତ୍ୟନ୍ତ ଅସ୍ଥିର ହୋଇନାହ। ଯାହା ସୂଚିତ କରୁଛି ଯେ ଭାରତୀୟ ଅର୍ଥନୀତିର ମୌଳିକ ସ୍ଥିତି ଦୃଢ଼ ରହିଛି। ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସମକାଳୀନ ଆଶା ଟଙ୍କାରେ ମଝିରେ ମଝିରେ ଶକ୍ତିଶାଳୀ ହୋଇଛି, କିନ୍ତୁ ଭୂରାଜନୈତିକ ଅନିଶ୍ଚିତତା ଏବଂ ବୃଦ୍ଧି ପାଉଥିବା ବିଶ୍ୱ ଅନିଶ୍ଚିତତା ବିଦେଶୀ ନିବେଶ ପ୍ରବାହକୁ ସୀମିତ କରିଛି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି, ପୂର୍ବ ବର୍ଷଗୁଡ଼ିକ ତୁଳନାରେ ପୋର୍ଟଫୋଲିଓ ନିବେଶ ପ୍ରବାହ ଯଥେଷ୍ଟ ହ୍ରାସ ପାଇଛି, ଯାହା ଟଙ୍କା ଉପରେ ଆହୁରି ଚାପ ବୃଦ୍ଧି କରୁଛି। ୨୦୦୭ରୁ ୨୦୧୪ ମଧ୍ୟରେ ନିଟ୍ ପୋର୍ଟଫୋଲିଓ ପ୍ରବାହ ହାରାହାରି ୧୬୨.୮ ବିଲିୟନ ଡଲାର ଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ଏହା ହାରାହାରି ୮୭.୭ ବିଲିୟନ ଡଲାରକୁ ହ୍ରାସ ପାଇଛି। ୨୦୧୪ ପୂର୍ବରୁ ବିଦେଶୀ ନିବେଶ ପ୍ରବାହ ଟଙ୍କାର ଅସ୍ଥିରତାର ଏକ ପ୍ରମୁଖ ବାହକ ଥିଲା, କିନ୍ତୁ ବର୍ତ୍ତମାନ ବାଣିଜ୍ୟ ଚୁକ୍ତିନାମାରେ ବିଳମ୍ବ, ଭୂରାଜନୈତିକ ଉତ୍ତେଜନା ଏବଂ ବିଶ୍ୱ ଅନିଶ୍ଚିତତା ନିବେଶକମାନଙ୍କୁ ସତର୍କ କରିଛି। ଏହା ସତ୍ତ୍ୱେ ରିପୋର୍ଟରେ ବିଶ୍ୱାସ ପ୍ରକଟ କରାଯାଇଛି ଯେ, ଦୀର୍ଘ ଅନିଶ୍ଚିତତା, ସୁରକ୍ଷାବାଦ ଏବଂ ଶ୍ରମ ଯୋଗାଣ ଆଘାତ ସତ୍ତ୍ୱେ ଭାରତୀୟ ଅର୍ଥନୀତି ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶନ କରିଛି। ଏସ୍‌ବିଆଇ ଆକଳନ କରୁଛି ଯେ ଟଙ୍କା ବର୍ତ୍ତମାନ ଦୁର୍ବଳଥିବା ବେଳେ ପରବର୍ତ୍ତୀ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଏହା ଶକ୍ତିଶାଳୀ ହେବ। ବିଦେଶୀ ମୁଦ୍ରାଭଣ୍ଡାର ପର୍ଯ୍ୟାପ୍ତ ରହିଛି, ଏବଂ ରିଜର୍ଭ ବ୍ୟାଙ୍କ ଦ୍ୱାରା ସାମୟିକ ହସ୍ତକ୍ଷେପ ସହ ଭବିଷ୍ୟତରେ ଟଙ୍କା ମଜଭୁତ ହେବ ବୋଲି ଆଶା କରାଯାଉଛି।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱୟଂସିଦ୍ଧା ଶୁଭାରମ୍ଭ



ଏମ୍‌ସିଏଲ୍‌ଠାରେ ଆୟୋଜିତ ସ୍ୱୟଂସିଦ୍ଧା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳା ପ୍ରତିନିଧି ।

ସମ୍ବଲପୁର,୧୭।୧୨(ବି.ଶଙ୍କର)

ଏଏମ୍‌ସିଏଲ୍ ପକ୍ଷରୁ ମହିଳା ସଶକ୍ତୀକରଣ ପଦକ୍ଷେପ ସକାଶେ ସ୍ୱୟଂସିଦ୍ଧା ଶୁଭାରମ୍ଭ ହୋଇଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଉଦୟ ଅନନ୍ତ କାଓଲେ ଆନୁଷ୍ଠାନିକ ଭାବେ କମ୍ପାନୀ ମୁଖ୍ୟାଳୟରେ କାର୍ଯ୍ୟକ୍ରମର ଶୁଭାରମ୍ଭକରି ସମାବେଶୀ ଅଭିବୃଦ୍ଧି ପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତା, ସାଙ୍ଗଠନିକ ଉତ୍କର୍ଷ ତଥା ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନେକ୍ସସ୍ ପାୱାର ସହପ୍ରତିଷ୍ଠାତା ତଥା ସିଇଓ ସୁଶ୍ରୀ ନିଶିତା ବଲିଆରସିଂ ଏବଂ ନେକ୍ସସ୍ ପାୱାର ସହପ୍ରତିଷ୍ଠାତା ତଥା ସିଆଇଓ ସୁଶ୍ରୀ ନିକିତା ବଲିଆରସିଂଙ୍କ ଦ୍ୱାରା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଅଧିବେଶନରେ ନେତୃତ୍ୱ, ନବସୃଜନ, ଡିଜିଟାଲ ସଶକ୍ତୀକରଣ ଏବଂ ଉଦ୍ୟୋଗିତା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କେଶବ ରାଓ ନିର୍ଦ୍ଦେଶକ(ମାନବ ସମ୍ବଳ), ପ୍ରଣବ କୁମାର ପଟେଲ ମୁଖ୍ୟ ସତର୍କତା ଅଧିକାରୀ, ଅଜିତ କୁମାର ବେହୁରା ନିର୍ଦ୍ଦେଶକ (ଅର୍ଥ) ଏବଂ ସଞ୍ଜୟ କୁମାର ଝା ନିର୍ଦ୍ଦେଶକ (ବୈଷୟିକ ପରିଚାଳନା)ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଓପିଟିସିଏଲ୍‌ରେ ମାନବ ସମ୍ବଳ ସଙ୍କଟ

**ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଇଞ୍ଜିନିୟର**

ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)

ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ (ଓପିଟିସିଏଲ୍)ର ଇଞ୍ଜିନିୟରମାନେ ଦୀର୍ଘକାଳୀନ ସଂସ୍ଥାଗତ ସମସ୍ୟା ଯଥା ତୀବ୍ର ମାନବସମ୍ବଳ ଅଭାବ, ସ୍ୱଚ୍ଛତା ଏବଂ କାର୍ଯ୍ୟ ସମ୍ପାଦନ ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ କରିଛନ୍ତି। ଏହିସବୁ ସମସ୍ୟା ଗ୍ରୀଡ୍ ନିର୍ଭରଯୋଗ୍ୟତା, କର୍ମଚାରୀ ମନୋବଳ ଏବଂ ଜନସ୍ୱାର୍ଥକୁ ପ୍ରଭାବିତ କରିଥିବା ଦର୍ଶାଇ ଇଞ୍ଜିନିୟରମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ବାରମ୍ବାର ସମସ୍ୟା ଉପସ୍ଥାପନା ସତ୍ତ୍ୱେ, ଓପିଟିସିଏଲ୍ କର୍ତ୍ତୃପକ୍ଷ ମାନବସମ୍ବଳ ପରିଚାଳନା, କ୍ୟାଡର ପୁନର୍ଗଠନ ଏବଂ ସ୍ୱଚ୍ଛ ପ୍ରଶାସନ ଜନିତ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାକୁ ସମାଧାନ କରିବାରେ ବିଫଳ ହୋଇଥିବା କୁହାଯାଇଛି। ଅଭିଯୋଗ ଅନୁସାରେ ଅନେକ ଗ୍ରୀଡ୍ ସବ୍ ଷ୍ଟେଶନ ବର୍ତ୍ତମାନ ସର୍ବନିମ୍ନ ମାନବସମ୍ବଳ ସହ ଏବଂ କେତେକ ସ୍ଥାନରେ କେବଳ ଜଣେ ଇଞ୍ଜିନିୟର କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଇଞ୍ଜିନିୟରମାନେ ଦର୍ଶାଇଛନ୍ତି, ଓପିଟିସିଏଲ୍‌ରେ ପ୍ରାୟ ୩,୩୦୦ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ରହିଛି, ଯାହା ଓଡ଼ିଶାର ରାଜ୍ୟ ସରକାରୀ କ୍ଷେତ୍ରର ନିଗମ ମଧ୍ୟରେ ସର୍ବାଧିକ। ରାଜ୍ୟ ସରକାର ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ଦୀର୍ଘ ସମୟ ଧରି ଖାଲି ପଦବୀ ପୂରଣ ହୋଇପାରୁ ନ ଥିବାରୁ ଏହା ଯୁବ ବୃତ୍ତିଗତମାନଙ୍କୁ ବିଦ୍ୟୁତ୍ କ୍ଷେତ୍ରରେ ଯୋଗଦେବାକୁ ନିରୁତ୍ସାହିତ କରୁଛି । ଚଳିତବର୍ଷ ଜୁଲାଇରେ ଶକ୍ତିମନ୍ତ୍ରୀଙ୍କ ଉପସ୍ଥିତିରେ ଦିଆଯାଇଥିବା ପ୍ରତିଶ୍ରୁତି ସତ୍ତ୍ୱେ ସେପ୍ଟେମ୍ବରରେ ବୋର୍ଡରେ କ୍ୟାଡର ପୁନର୍ଗଠନ ପୁନଃ ପ୍ରସ୍ତାବକୁ ଦୁର୍ବଳ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସଂଶୋଧିତ ପ୍ରସ୍ତାବ ପୂର୍ବ ଅନୁମୋଦନ ଏବଂ ପ୍ରଚଳିତ ସରକାରୀ ମାନଦଣ୍ଡ ଅନୁସାରେ ବହୁ କମ୍ ରହିଛି। କ୍ୟାଡର ପୁନର୍ଗଠନରେ ୪ ବର୍ଷ ଧରି ବିଳମ୍ବ ହେବାରୁ ପଦୋନ୍ନତି ଅଟକି ରହିଛି। ଯୁବ ଇଞ୍ଜିନିୟରମାନେ ଦୀର୍ଘକାଳୀନ କ୍ୟାରିୟର ଅନିଶ୍ଚିତତାର ସମ୍ମୁଖୀନ ହେଉଛନ୍ତି ଏବଂ ସମୟସୀମାବଦ୍ଧ ପଦୋନ୍ନତି କିମ୍ବା ସ୍କେଲ-ଆଧାରିତ କ୍ୟାରିୟର ପ୍ରଗତି ନ ଥିବାରୁ ସାଂଗଠନିକ ମନୋବଳ ହ୍ରାସ ପାଇଥିବା କୁହାଯାଇଛି। ଓପିଟିସିଏଲ୍ ଓଡ଼ିଶାର ଶକ୍ତି ପରିବହନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ କ୍ଷେତ୍ର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟିଦେବାକୁ ଅନୁରୋଧ କରିଛନ୍ତି।



'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ' ଫିଲ୍ମର ଏକ ଦୃଶ୍ୟ

# ସତ ହେଲା ଆକଳନ

ଶିକ୍ଷା କ୍ଷେତ୍ରରେ ଆମ ରାଜ୍ୟରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହେଉଛନ୍ତି ନନ୍ଦ ପୃଷ୍ଟି। ନିଜର ନିଆରା ଶିକ୍ଷାଦାନ ପଦ୍ଧତି ଏବଂ ମାଗଣାରେ ପିଲାଙ୍କୁ ପାଠ ପଢ଼ାଇ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଏପରି କି ନିଜର ଏଭଳି ଅବଦାନ ପାଇଁ ତାଙ୍କୁ ମିଳିଥିଲା ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର। ତାଙ୍କର ଜୀବନୀ ଉପରେ ନିର୍ମିତ ପ୍ରାମାଣିକ ଚଳଚ୍ଚିତ୍ର 'ନନ୍ଦ ମାଷ୍ଟରଙ୍କ ଚାଟଶାଳୀ ଚଳିତ ମାସରେ ବଡ ପରଦାରେ ରିଲିଜ ହୋଇଛି। କେବଳ ସେତିକି ନୁହେଁ, ଫିଲ୍ମଟି ପ୍ରାରମ୍ଭରୁ ଦର୍ଶକାଦୃତ ହୋଇଛି। ଏ ନେଇ ନିଜର ଖୁସିବ୍ୟକ୍ତ କରିବା ସହ ଦର୍ଶକଙ୍କୁ ପ୍ରଶଂସା କରିଛନ୍ତି ଏହାର ନିର୍ଦ୍ଦେଶକ ପ୍ରଣବ କୁମାର ଆଇଚ। ଏ ନେଇ ସେ କହନ୍ତି, ''ଏହି ବିଷୟବସ୍ତୁକୁ କିପରି ଠିକ୍ ଭାବରେ ଉପସ୍ଥାପନା କରିହେବ ସେ ନେଇ ପ୍ରଥମେ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଥିଲି। ଏହି ସମୟରେ ଏହାର ପ୍ରଯୋଜକ ଅଭୟ ପତିଙ୍କ ସହଯୋଗ ଏବଂ ଦିଗ୍‌ଦର୍ଶନକୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ପ୍ରଯୋଜକ ଯେତେବେଳେ ଜଣେ ସାମ୍ବାଦିକ ଥିଲେ ସେତେବେଳେ ନନ୍ଦ ପୃଷ୍ଟିଙ୍କ ଉପରେ ଏକ ନ୍ୟୁଜ୍ କରିଥିଲେ ଆଉ ଏବେ ତାହାକୁ ଏକ ସିନେମାର ରୂପ ଦେଇଛନ୍ତି। ତା'ସହ ଫିଲ୍ମଟିକୁ ପ୍ରାରମ୍ଭରୁ ଦର୍ଶକ ଯେତିକି ଭଲ ପାଇବା ଦେଇଛନ୍ତି ସେଥିଲାଗି ସେମାନଙ୍କ ନିକଟରେ ମୁଁ ଚିରଋଣୀ ହୋଇ ରହିବି।''କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, କାନ୍ସ ଫିଲ୍ମ ମହୋତ୍ସବ (ଯେଉଁଠାରେଏହାର ଟ୍ରେଲର ଭାରତ ପାଭିଲିଅନରେ ପ୍ରଦର୍ଶିତ ହୋଇଥିଲା), ଆମେରିକାର ସେଣ୍ଟଲୁଇସ ଏବଂ ଜାପାନର କାନାଜାୱା ଫିଲ୍ମ ମହୋତ୍ସବରେ ଏହା ପ୍ରଦର୍ଶିତ ହୋଇ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି।ଏହାର ଟାଇଟଲ ଭୂମିକାରେ ସାଇଶ୍ରେଷ୍ଠ ଦାସ ଏବଂ ନନ୍ଦ ମାଷ୍ଟରଙ୍କ ପତ୍ନୀ ଭୂମିକାରେ ନିତ୍ୟାଶା ପଟ୍ଟନାୟକ ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଫିଲ୍ମଟି ଆମ ରାଜ୍ୟରେ ୨୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିସାରିଛି।

# ସିନେମା ସଂଳାପ ପ୍ରସଙ୍ଗ

ଓଡ଼ିଆ ସିନେମା ନିର୍ମାଣ ବେଳେ କାହାଣୀ ଓ ଚିତ୍ରନାଟ୍ୟ ପରେ ଚରିତ୍ର ଉପଯୋଗୀ କଳାକାର ଚୟନ କରାଯାଏ। ତା'ପରେ କଳାକାରମାନେ ଅଭିନୟ ସମୟରେ କଥାବାର୍ତ୍ତାର ଭାଷା ଯାହା ବ୍ୟବହାର ହୁଏ ତାହାକୁ ସଂଳାପକାରମାନେ ହିଁ ଲେଖିଥାନ୍ତି। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ମାଧ୍ୟମରେ ହିଁ ରକ୍ତମାଂସ ଦେଇ ସିନେମାଟିକୁ ଜୀବନ୍ତ କରାଯାଏ। ଯଦି କାହାଣୀର ଆତ୍ମା ସହିତ ସଂଳାପ ଲେଖକ ନିମଗ୍ନ ହୋଇ କାର୍ଯ୍ୟ କରି ନ ଥିବେ ତେବେ ଚରିତ୍ରଗୁଡିକ ଜୀବନ୍ତ ହୋଇପାରିବ ନାହିଁ। ମନେରଖିବା ଭଳି ସଂଳାପ ପରିବେଷଣ ଦ୍ୱାରା ଚଳଚ୍ଚିତ୍ରରେ ଚରିତ୍ର ସମୂହ ଜୀବନ୍ତ ହୋଇଥାଆନ୍ତି।

ଚଳଚ୍ଚିତ୍ର ନିର୍ମାଣର ପରିକଳ୍ପନା ଯେତେବେଳେ ନିର୍ଦ୍ଦେଶକ ଜଣକ କରେ ସେତେବେଳେ କାହାଣୀକାର ଚିତ୍ରନାଟ୍ୟକାର ସମୂହଙ୍କ ରୁଚିବୋଧ ଓ ଚେତନାକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିଥାନ୍ତି। ଚଳଚ୍ଚିତ୍ରଟି କିପରି ଲୋକପ୍ରିୟତା ଲାଭ କରିବ ସେଥିପାଇଁ ସଂଳାପକାର ଚରିତ୍ରମାନଙ୍କ ପାଇଁ ସଂଳାପ ରଚନା କରିଥାନ୍ତି। ସିନେମା ପରଦାରେ ଅଭିନେତା ଓ ଅଭିନେତ୍ରୀମାନଙ୍କ ମୁହଁରେ ଉଚ୍ଚାରିତ ସଂଳାପକାର ପ୍ରୟୋଗ ଦ୍ୱାରା ଯଦି ଏକ ସୁନ୍ଦର ଓ ହୃଦୟଗ୍ରାହୀ ଘଟଣା ଓ ପରିବେଶ ସୃଷ୍ଟି କରାଯିବ ତେବେ ଦର୍ଶକମାନେ ତାକୁ ଗ୍ରହଣ କରିଥାନ୍ତି। ତେଣୁ ସଂଳାପ ଲେଖକଙ୍କ ଗୁରୁତ୍ୱ ରହିଛି। ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ଲେଖକ ଭାବେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶାରଦା ପ୍ରସନ୍ନ ନାୟକ, ନରସିଂହ ମହାପାତ୍ର, ଗୋପାଳ ଛୋଟରାୟ, ଡ. ବସନ୍ତ ମହାପାତ୍ର, ବିଜୟ ମିଶ୍ର, ପ୍ରଶାନ୍ତ ନନ୍ଦ, ଭୁବନେଶ୍ୱର ମହାପାତ୍ର, ହିମାଂଶୁ ଭୂଷଣ ସାବତ, ପ୍ରଫୁଲ୍ଲ ରଥ, ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ଡ. ସୁବୋଧ ପଟ୍ଟନାୟକ, ନିଜାମ, ରମେଶ ପାଣିଗ୍ରାହୀ, ନନ୍ଦଲାଲ ମହାପାତ୍ର, ବିଜୟ ମଲ୍ଲ, ଡ. ନିର୍ମଳ ନାୟକ, ଦେବୀଦତ୍ତ ମହାନ୍ତି, ବାପୁ ଗୋସ୍ୱାମୀ, ଦିଲୀପ ଚୌଧୁରୀ, ରଣଜିତ ପଟ୍ଟନାୟକ, ରଜନୀ ରଞ୍ଜନ ଦାସ ପ୍ରମୁଖ ୮୭ ବର୍ଷର ଓଡ଼ିଆ ଚଳଚ୍ଚିତ୍ରରେ ସେଇ ପୁରୁଣା ଗୀତ ଓ ସଂଳାପକାରଙ୍କ ଲେଖା ଆଜି ବି ସ୍ମୃତିପଟରେ ରହିଛି।



ଓଡ଼ିଆ ଚଳଚ୍ଚିତ୍ର 'ସ୍ୱପ୍ନସାଗର', 'ଡୋରା' ଆଦିର ସଂଳାପ ଅନେକ ବ୍ୟକ୍ତିବିଶେଷ କହିପାରନ୍ତି। ହାସ୍ୟ ଅଭିନେତା ଜୟୀ ସାମଲ 'ଦେଖ ତାକୁ' 'ଫୁଲ ଚନ୍ଦନ' ଚଳଚ୍ଚିତ୍ରରେ ଆଜି ତାଙ୍କୁ ମନେରଖିଛି। ସଂଳାପ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାଷାରୁ କପି କରିଦେଲେ ହେବ ନାହିଁ, ଆମ ଭାଷାରେ ସାଧାରଣ ଦର୍ଶକ ଦେଖିଲା ବେଳେ ଓଡ଼ିଆ ଗନ୍ଧ ବାରିହେବା ଜରୁରୀ।

ଚଳଚ୍ଚିତ୍ର ଉତ୍ତାରୀ କଲେ ମଧ୍ୟ 'ଅକଲ'ର ଗୁରୁତ୍ୱ ବିଶେଷ ରହିଛି। ଭଲ ସିନେମା ଦେଖି ଭଲ ସଂଳାପ ଲେଖା। ଗୋଟିଏ ହେଲେ ବି ତା'ର ପ୍ରଭାବ ଯୁଗ ଯୁଗକୁ ରହିବ। ସଂଳାପ ଯଦି ଦର୍ଶକଙ୍କ ହୃଦୟକୁ ଛୁଇଁପାରିଲା, ତେବେ ତାହା ଆଗାମୀ ଦିନରେ ଅନେକ ନୂତନ ସଂଳାପକାର ଏହି ନୀତି ଆପଣେଇବା ଲାଗି ନିଶ୍ଚୟ ଅନୁପ୍ରାଣିତ ହେବେ । ଏପରି ହେଲେ ହିଁ ଓଡ଼ିଆ ସିନେମା ୮୭ ବର୍ଷ ବୟସରେ ପରିପକ୍ୱତାର ପରିଚୟ ସୁରକ୍ଷା କରିପାରିବ।

**–ଦିଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨

# ଟେନ୍‌ସନ ଅନ୍ତରାଳେ..

ମୃଣାଳ ଠାକୁରଙ୍କୁ ଟେନ୍‌ସନ ସତେଯେମିତି ପିଛା ଛାଡ଼ିବାକୁ ନାରାଜ। ଦେଖୁନାହାନ୍ତି, ମାଇଣ୍ଡ ଫ୍ରେସ୍ କରିବାକୁ ସେ ଲଣ୍ଡନ ଯାଇଛନ୍ତି, ହେଲେ ଏଠି ତାଙ୍କୁ ନେଇ ଆଲୋଚନା ଥମିବାର ନାଁ ନେଉନାହିଁ। ତାହାର କାରଣ କ'ଣ ଜାଣନ୍ତି ? ତାହା ହେଲା ବିକିନି। କଥା କ'ଣ କି ସେଠାରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ମୃଣାଳ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ମୃଣାଳଙ୍କ ହାତରେ ଏବେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଅଫର ରହିଛି। ପୁଣି ଫିଲ୍ମଗୁଡ଼ିକୁ ଏକ ନୂଆ ବ୍ୟାନରରେ ପ୍ରସ୍ତୁତ କରାଯିବ। ଯେହେତୁ ଏ ନେଇ ଆଲୋଚନା ଚାଲିଛି ତେଣୁ ଏ ନେଇ ବିସ୍ତୃତ ସୂଚନା ଦେବାକୁ ଉଚିତ ମଣିନାହାନ୍ତି ସେ। ମୃଣାଳ ଏକ ମରାଠୀ ଫିଲ୍ମ 'ହେଲୋ ନନ୍ଦନ'ରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ।



ମୃଣାଳ

# ଭୁଲନ୍ତି ନାହିଁ ସାନ୍ୟା

ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ମେକ୍‌ଅପ୍ କିଟ୍। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ଏ ନେଇ ସାନ୍ୟା କହନ୍ତି, 'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ। ହେଲେ ତାହା ତ ହୋଇପାରିଲା ନାହିଁ। ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ।' ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।



ସାନ୍ୟା

# ପୋଲିସ ଅବତାର




'ମଙ୍ଗଳପୁର ଡାଏରୀ' ଫିଲ୍ମର ଏକ ଦୃଶ୍ୟରେ ପ୍ରମୋଦ ସ୍ୱାଇଁ (ବାମ)

ପେସା ତାଙ୍କର ଚଳଚ୍ଚିତ୍ର ପ୍ରଯୋଜନା କିନ୍ତୁ ଅଭିନୟ ନିଶାରୁ ନିଜକୁ ମୁକୁଳାଇ ପାରିନାହାନ୍ତି। ନିଜ ପ୍ରଯୋଜିତ ପ୍ରାୟ ସବୁ ସିନେମାରେ ସେ ଏକ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିବାର ନଜିର ରହିଛି। କାହାଣୀ ସହ ସଂଯୋଗ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ସେ ଅଭିନୟ କରିବା ସହ ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଥାଆନ୍ତି। ହଁ, ସେ ହେଲେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏବେ ସେ ପ୍ରଯୋଜନା କରିଥିବା 'ମଙ୍ଗଳପୁର ଡାଏରୀ'ରେ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବେ। ଏ ବିଷୟରେ ସେ କହନ୍ତି, ''ଏହି ଫିଲ୍ମର କାହାଣୀରେ ସସପେନ୍ସ ଥ୍ରୀଲର ଭରି ରହିଛି। ଏଥିରେ ମୁଁ ଜଣେ ଏସପି(ପୋଲିସ ସୁପରିଣ୍ଟେଣ୍ଡେଣ୍ଟ) ଭୂମିକାରେ ଅଭିନୟ କରିଛି। ଏହାପୂର୍ବରୁ ମୁଁ 'ଦିୱାନା ଦିୱାନୀ'ରେ ପୋଲିସ କମିଶନର ଏବଂ 'ତୁ ମୋ ଗର୍ଲଫେଣ୍ଡ'ରେ ଇନକମ ଟ୍ୟାକ୍ସ କମିଶନର ଭୂମିକାରେ ଅଭିନୟ କରିସାରିଛି।'' ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ମୋହନ ସାହୁ। ମହାଦେବ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ସପ୍ତମ ଚଳଚ୍ଚିତ୍ର। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଶିବ ଏବଂ ପ୍ରଣବ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଅମ୍ଳାନ କୁମାର, ତୃପ୍ତି ମୀରମ୍ବିକା, ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦୟ ଗୁରୁ,ଶୁଭ୍ରାଂଶୁ ନାୟକ ଏବଂ ରାକ୍ଷୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ସବୁ ମିଛ

ତାରା ସୁଟାରିଆ ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ପୁଣି ଥରେ ନିଜ ନିଷ୍ପତ୍ତିକୁ ନେଇ ଅଡୁଆରେ ପଡିଛନ୍ତି। କଥା କ'ଣ କି ଏକ ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ସେ ପ୍ରଥମେ ରାଜି ହୋଇଥିଲେ। ଏପରି କି ଏ ବିଷୟରେ ଭଲ ଭାବରେ ବୁଝାଇବା ପରେ ସେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। କିନ୍ତୁ ତା' ଭିତରେ କ'ଣ ହେଲା କେଜାଣି ସେ ଏହି ୱେବ୍ ସିରିଜ୍‌କୁ ହାତଛଡା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଆଲୋଚନା ହେଉଛି। ଏ ବିଷୟରେ ସୂଚନା ଦେଇ ତାରା କହନ୍ତି, ''ଏହି ୱେବ୍ ସିରିଜ୍‌ର ଶୁଟିଂ ପାଇଁ ମୋ ପାଖରେ ଏବେ ସମୟ ନାହିଁ। ଡେଟ୍ ପ୍ରୋବ୍ଲେମ ପାଇଁ ମୁଁ ଏହାର ଶୁଟିଂ ଘୁଞ୍ଚାଇବାକୁ ପ୍ରସ୍ତାବ ଦେଇଛି। କିନ୍ତୁ ଯେହେତୁ କଥା ଦେଇଛି ନିଶ୍ଚୟ ଅଭିନୟ କରିବି। ହେଲେ ଏଥିପାଇଁ ମୋତେ କିଛି ସପ୍ତାହ ଦରକାର। ତା' ଭିତରେ ମୁଁ ମୋର ଅବଶିଷ୍ଟ କାମ ଶେଷ କରିବା ପରେ ଶୁଟିଂ ପାଇଁ ସମୟ ଦେବି। ହେଲେ ମୁଁ ଏହି ସିରିଜ୍‌ରୁ ଓହରି ଯାଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମିଛ ।''



ତାରା

# କିପରି କଟେ ଅବସର

ଜ୍ୟାକ୍‌ଲିନ୍ ଫର୍ନାଡିସ୍‌ଙ୍କୁ ଯେତେବେଳେ ଅବସର ମିଳେ ସେତେବେଳେ ସେ କ'ଣ କରନ୍ତି ? ନିଶ୍ଚୟ ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିବେ, ନ ହେଲେ ଶପିଂ କରୁଥିବେ କିମ୍ବା ସାଙ୍ଗମାନଙ୍କ ସହ ଖଟିରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଅବସର ମିଳିବା ମାତ୍ରେ ସେ କୁଆଡ଼େ ଯାଆନ୍ତି ଜାଣନ୍ତି ? ତାଙ୍କର ମିନି ଚିଡ଼ିଆଖାନାକୁ। ସେଠାରେ ସେ ବିଭିନ୍ନ ପ୍ରକାର ପଶୁପକ୍ଷୀ ପାଳିଛନ୍ତି। ଏ ନେଇ ଜ୍ୟାକ୍‌ଲିନ୍ କହନ୍ତି, 'ପଶୁପକ୍ଷୀ ସହ ମୁଁ ପିଲାଟି ଦିନରୁ ଜଡ଼ିତ। ଥରେ ଏମାନଙ୍କର ସୁରକ୍ଷା ପାଇଁ ଏକ ଆଲୋଚନାରେ ମୁଁ ଅଂଶଗ୍ରହଣ କରିଥିଲି। ଏବେ ଏଭଳି କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ ରଖିଛି। ଯେହେତୁ ଘରେ କିଛି ପଶୁପକ୍ଷୀ ପାଳିଛି ତେଣୁ ସେମାନଙ୍କର ଯତ୍ନ ନେଇଥାଏ। ସେମାନଙ୍କ ସହ ମିଶିଲେ ମୋତେ ଯେଉଁ ଖୁସି ଲାଗେ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ।' ଜ୍ୟାକ୍‌ଲିନ୍ ଯେତେବେଳେ ମିସ୍ ଶ୍ରୀଲଙ୍କା ଟାଇଟଲ ଜିତିଲେ ସେତେବେଳେ ତାଙ୍କୁ ମାତ୍ର ୧୯ ବର୍ଷ ବୟସ ହୋଇଥିଲା। ପ୍ରଥମେ ସେ ମଡେଲିଂ ଲକ୍ଷ୍ୟ ନେଇ ମୁମ୍ବାଇ ଆସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ସୁଜୟ ଘୋଷଙ୍କ ନିର୍ଦ୍ଦେଶିତ 'ଆଲ୍ଲାଦିନ'। ଇତିମଧ୍ୟରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି।



ଜ୍ୟାକଲିନ୍

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୮/୨୦୨୫ Bhubaneswar, Thursday, December 18/ 2025


ଲକ୍ଷ୍ନୌ ଷ୍ଟାଡିୟମ ଘନ କୁହୁଡ଼ିରେ ଆଚ୍ଛାଦିତ ଥିବାରୁ ବୁଧବାର ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି୨୦ ମ୍ୟାଚ ବାତିଲ ହୋଇଯାଇଛି।

# ଭାରତର ପଜିଟିଭିଟି ହାର ସର୍ବାଧିକ

## ୱାଡାର ୨୦୨୪ ଟେଷ୍ଟିଂ ରିପୋର୍ଟ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ଭାରତୀୟ କ୍ରୀଡ଼ା ଦୃଶ୍ୟପଟରେ ଡୋପିଂ ଏକ ବଡ଼ ସମସ୍ୟା ହୋଇ ରହିଛି। ୫ ହଜାର କିମ୍ବା ଏହାଠାରୁ ଅଧିକ ପରୀକ୍ଷା କରାଉଥିବା ଦେଶମାନଙ୍କ ମଧ୍ୟରେ ଭାରତର ପଜିଟିଭିଟି ହାର ସର୍ବାଧିକ ରହିଛି। ଏ ନେଇ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା)ର ୨୦୨୪ ବର୍ଷର ଟେଷ୍ଟିଂ ରିପୋର୍ଟରୁ ଜଣାପଡ଼ିଛି।

ୱାଡା ରିପୋର୍ଟ ମୁତାବକ, ଭାରତ ଗତ ବର୍ଷ ୬,୫୭୬ ମୂତ୍ର ନମୁନା ସମେତ ମୋଟ ୭,୧୧୩ ନମୁନା ଟେଷ୍ଟ କରିଥିଲା। ସେଥିରୁ ୨୬୦ ଜଣଙ୍କର ନମୁନା ପଜିଟିଭ ଚିହ୍ନଟ ହୋଇଥିଲା। ଏହାର ପଜିଟିଭିଟି ହାର ୩.୬ ପ୍ରତିଶତ ରହିଥିଲା, ଯାହାକି ସମସ୍ତ ବଡ଼ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ। ୨୦୩୬ ଅଲିମ୍ପିକ୍ ଗେମ୍ସ ଲାଗି ନିକଟ ଭବିଷ୍ୟତରେ ଭାରତ ପକ୍ଷରୁ ଦାଖଲ ହେବାକୁ ଥିବା ବିଡ୍‌ର ମୂଲ୍ୟାଙ୍କନ ବେଳେ ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ କମିଟି (ଆଇଓସି) ଭାରତର ଖରାପ ଡୋପିଂ ରେକର୍ଡକୁ ମଧ୍ୟ ଧ୍ୟାନରେ ରଖିବ।

ଏଭଳି ସ୍ଥିତି ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତାଜନକ ଦୃଶ୍ୟମାନ ହୋଇପାରେ। ଏହା ଜଣାଇବା ଗୁରୁତ୍ୱପୂର୍ଣ୍ଣ ଯେ, ଏହି ପରିସଂଖ୍ୟା ହେଉଛି ଡୋପିଂ ବିରୋଧରେ ଭାରତ ଦ୍ୱାରା କରାଯାଇଥିବା ବ୍ୟାପକ ପ୍ରୟାସର ସିଧାସଳଖ ଫଳାଫଳ। ନିକଟ ଅତୀତରେ ଭାରତ ତା'ର ଆଣ୍ଟି-ଡୋପିଂ ବ୍ୟବସ୍ଥାକୁ ମଜଭୁତ କରିଛି। କ୍ରୀଡ଼ାରେ ଡୋପିଂ ବିପଦକୁ ପ୍ରତିହତ କରିବା ପାଇଁ ନାଡା କେବଳ ଟେଷ୍ଟ ସଂଖ୍ୟାରେ ବୃଦ୍ଧି କରି ନାହିଁ, ବରଂ ଡୋପିଂ ପ୍ରତି ସଚେତନତା ଶିକ୍ଷା ଓ ପ୍ରତିଷେଧକ ଉପରେ ଅଧିକ ଗୁରୁତ୍ୱ ଦେଇଛି। ଉପଲବ୍ଧ ଥିବା ତଥ୍ୟ ଦର୍ଶାଉଛି ଯେ, ଆମ ଦେଶର ମୋଟାମୋଟି ଆଣ୍ଟି-ଡୋପିଂ ବ୍ୟବସ୍ଥା ଏବେ ଅଧିକ ସୁଦୃଢ଼ ହୋଇଛି। ଏଥିସହିତ ଟେଷ୍ଟିଂ, ସଚେତନତା ଓ ପ୍ରତିଷେଧକ ତନ୍ତ୍ରରେ ସୁଧାର ଆସିଛି। ୨୦୨୪ରେ ବିଭିନ୍ନ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ ଓ ଟ୍ରେନିଂ କ୍ୟାମ୍ପରେ ପ୍ରାୟ ୨୮୦ ଆଣ୍ଟି-ଡୋପିଂ କର୍ମଶାଳା ଆୟୋଜିତ ହୋଇଥିଲା, ଯେଉଁଥିରେ ୩୭ହଜାର ଆଥଲେଟ୍ ଭାଗ ନେଇଥିଲେ। ସେହିଭଳି ଚଳିତ ବର୍ଷ ଡିସେମ୍ବର ୧୬ ତାରିଖ ସୁଦ୍ଧା ୱେବିନାର୍ସ, ସେମିନାର୍ସ, ଟିଭି ସେଶନ ସମେତ ୩୨୯ ସଚେତନତା ପ୍ରୋଗ୍ରାମ କରାଯାଇଥିଲା। ଏଭଳି ପଦକ୍ଷେପ ଯୋଗୁ ଆଥଲେଟ୍‌ମାନେ ନିଷିଦ୍ଧ ଔଷଧ, ସୁରକ୍ଷିତ ଔଷଧ ବ୍ୟବହାର ଓ ଆଣ୍ଟିଂ-ଡୋପିଂ ବ୍ୟବସ୍ଥା ଅଧୀନରେ ସେମାନଙ୍କର ଦାୟିତ୍ୱକୁ ଭଲ ଭାବେ ବୁଝିପାରୁଛନ୍ତି ବୋଲି ନାଡା ପକ୍ଷରୁ କୁହାଯାଇଛି। ୨୦୨୩ ଟେଷ୍ଟିଂ ରିପୋର୍ଟରେ ମଧ୍ୟ ଭାରତର ପଜିଟିଭିଟି ହାର ୩.୮ ପ୍ରତିଶତ ରହିଥିଲା, ଯାହାକି ସେତେବେଳେ ମଧ୍ୟ ସର୍ବାଧିକ ଥିଲା। ସେହି ବର୍ଷ ଭାରତର ୫,୬୦୬ ଟେଷ୍ଟ କରାଯାଇଥିବା ବେଳେ ୨୧୩ ଜଣଙ୍କର ନମୁନା ପଜିଟିଭ ଆସିଥିଲା।

ଚାଇନାରେ ଗତ ବର୍ଷ ୨୦୨୪ରେ ସର୍ବାଧିକ ୨୪,୨୧୪ ଟେଷ୍ଟ କରାଯାଇଥିଲା ଏବଂ ଏହାର ପଜିଟିଭିଟି ହାର ୦.୨ ପ୍ରତିଶତ ରହିଥିଲା। ସେହିଭଳି ଆମେରିକାର ଆଣ୍ଟି ଡୋପିଂ ସଂସ୍ଥା ମୋଟ ଉପରେ ୬,୫୯୨ ଟେଷ୍ଟ କରିଥିଲା, ଯାହାକି ଭାରତଠାରୁ କମ୍। କିନ୍ତୁ ଆମେରିକାର ପଜିଟିଭିଟି ହାର ୧.୧ ପ୍ରତିଶତ ରହିଥିଲା। ଡୋପିଂ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିବା ରୁଷିଆ ଗତ ବର୍ଷ ୧୦,୫୧୪ ଟେଷ୍ଟ କରାଇଥିବା ବେଳେ ମୋଟ ସଂଖ୍ୟାର ୦.୭ ପ୍ରତିଶତ ନମୁନା ପଜିଟିଭ ଚିହ୍ନଟ ହୋଇଥିଲା।

# ଭାରତୀୟ ସ୍କ୍ୱାଶ୍ ଦଳକୁ ସମ୍ବର୍ଦ୍ଧିତ କଲେ ମାଣ୍ଡବ୍ୟ

ନୂଆଦିଲ୍ଲୀ, ୧୭।୧୨


କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ଭାରତୀୟ ସ୍କ୍ୱାଶ୍ ଦଳ।

ବିଶ୍ୱକପ୍ ବିଜୟୀ ହୋଇ ଇତିହାସ ରଚିଥିବା ଭାରତୀୟ ସ୍କ୍ୱାଶ୍ ଦଳକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି। ଜ୍ୟୋତ୍ସ୍ନା ଚିନାପ୍ପା, ଅଭୟ ସିଂ, ଭେଲାଭାନ ସେନ୍ଥିଲ କୁମାର ଓ ଅନାହତ ସିଂଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ସ୍କ୍ୱାଶ୍ ଦଳ ଗତ ଶନିବାର ଚେନ୍ନାଇରେ ଐତିହାସିକ ସଫଳତା ଲାଭକରି ସ୍ୱର୍ଣ୍ଣ ପଦକ ଜିତିଥିଲା। ପୂର୍ବରୁ ୨୦୨୩ ସଂସ୍କରଣରେ ବ୍ରୋଞ୍ଜ୍ ପଦକ ହାସଲ ଭାରତର ଶ୍ରେଷ୍ଠ ସଫଳତା ହୋଇ ରହିଥିଲା। ଟୁର୍ନାମେଣ୍ଟର ଫାଇନାଲରେ ଭାରତ ୩-୦ରେ ହଂକଂକୁ ପରାସ୍ତ କରିଥିଲା। ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଇଜିପ୍ଟ ପରେ ଚତୁର୍ଥ ଦେଶ ଭାବେ ଭାରତ ଚାମ୍ପିୟନ ହେବାର ଗୌରବ ଲାଭ କରିଥିଲା। ମାଣ୍ଡବ୍ୟ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ''ଭାରତୀୟ କ୍ରୀଡ଼ା ଲାଗି ଗର୍ବର ମୁହୂର୍ତ୍ତ। ଗୋଟିଏ ପରେ ଗୋଟିଏ କ୍ରୀଡ଼ାରେ ଭାରତ ଭଲ ପ୍ରଦର୍ଶନ କରି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ଲାଗିଛି। ନିକଟରେ ଆମ ମହିଳା କ୍ରିକେଟ୍ ଦଳ ମଧ୍ୟ ବିଶ୍ୱକପ୍ ଜିତିଥିଲା'' ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ଆମ ସ୍କ୍ୱାଶ୍ ଦଳ ଭାରତମାଟିରେ ବିଶ୍ୱକପ୍ ଜିତିବା ଗର୍ବର ମୁହୂର୍ତ୍ତ। ପୂରା ପ୍ରତିଯୋଗିତାରେ ଭାରତ ଗୋଟିଏହେଲେ ମ୍ୟାଚ୍ ହାରି ନ ଥିଲା। କ୍ରୀଡ଼ା କ୍ଷେତ୍ରରୁ ଏପରି ସଫଳତା ମିଳୁଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ସେ କହିଛନ୍ତି। ଭାରତୀୟ ଦଳର ନଜର ଏବେ ୨୦୨୬ ଏସିଆନ ଗେମ୍ସ ଉପରେ କେନ୍ଦ୍ରିତ ହୋଇଛି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସ୍କ୍ୱାଶ୍ ଡେବ୍ୟୁ କରୁଥିବାରୁ ସେଠାରେ ମଧ୍ୟ ଭଲ ପ୍ରଦର୍ଶନ ଭାରତର ଲକ୍ଷ୍ୟ ରହିବ। ଆସନ୍ତା ବର୍ଷ ଜାପାନରେ ଏସିଆନ ଗେମ୍ସ ଅନୁଷ୍ଠିତ ହେଉଥିବାବେଳେ ପଦ୍ମଶ୍ରୀ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଜ୍ୟୋତ୍ସ୍ନା ଚିନାପ୍ପା ଭାରତର ସମ୍ଭାବନାକୁ ନେଇ ଆଶାବାଦୀ ଅଛନ୍ତି। ''ବିଶ୍ୱକପ୍ ସଫଳତା ଆମ ମନୋବଳ ବଢ଼ାଇଛି। ମୁଁ ନିଜେ ଶ୍ରେଷ୍ଠ ପ୍ରଦର୍ଶନ କରି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି'' ବୋଲି ୩୯ ବର୍ଷୀୟା ଜ୍ୟୋତ୍ସ୍ନା ପ୍ରକାଶ କରିଛନ୍ତି।

# ଘନ କୁହୁଡ଼ି: ଚତୁର୍ଥ ଟି୨୦ ବାତିଲ

ଲକ୍ଷ୍ନୌ,୧୭।୧୨

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବୁଧବାର ଖେଳାଯିବାକୁ ଥିବା ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଘନ କୁହୁଡି କାରଣରୁ ବାତିଲ ହୋଇଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ଇତିହାସରେ କୁହୁଡି ଯୋଗୁ ସମ୍ପୂର୍ଣ୍ଣ ମ୍ୟାଚ୍ ବାତିଲ ହେବାର ବୋଧହୁଏ ଏହା ପ୍ରଥମ ଘଟଣା। ଘନ କୁହୁଡ଼ି ଯୋଗୁ ମ୍ୟାଚ୍‌ରେ ଟସ୍ ବି ପଡ଼ିପାରି ନଥିଲା। ମ୍ୟାଚ୍‌କୁ ଆରମ୍ଭ କରିବା ପାଇଁ ଫିଲ୍ଡ ଅମ୍ପାୟାର ପ୍ରତି ଅଧା ଘଣ୍ଟାରେ ଥରେ ତଥା ୬ ଥର ଫିଲ୍ଡ ଇନସ୍ପେକଶନ କରିବା ପରେ ମ୍ୟାଚ୍ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ମ୍ୟାଚ୍ ପୂର୍ବରୁ ଆହତ ସମସ୍ୟା କାରଣରୁ ଭାରତୀୟ ଦଳର ଉପ ଅଧିନାୟକ ଶୁବମନ ଗିଲ ବାଦ୍ ପଡ଼ିଥିଲେ।

# ମୁକ୍ତେଶ୍ୱର କପ୍ କ୍ରିକେଟ ୧୯ରୁ

ଭୁବନେଶ୍ୱର, ୧୭।୧୨ (ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୯ ତାରିଖରୁ ଆରମ୍ଭ ହେବ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ପଡ଼ିଆରେ ଏହା ଜାନୁଆରୀ ୪ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଏହି ପ୍ରତିଯୋଗିତା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଆୟୋଜନ ହେବ। ଟର୍ଫ ପିଚ୍ ଏବଂ ଧଳା କ୍ରିକେଟ ବଲ୍‌ରେ ମ୍ୟାଚ ଗୁଡ଼ିକ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ପ୍ରଶାନ୍ତ ମହାପାତ୍ର କପ୍ ସହିତ ୩୦,୦୦୦ ଏବଂ ରନରଅପ୍ ଦଳକୁ ଶୁଭାଶିଷ ଭୂୟାଁ ଟ୍ରଫି ସହ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ସମେତ ଅନ୍ୟ ବ୍ୟକ୍ତିଗତ ପୁରସ୍କାର ପ୍ରଦାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରତିଯୋଗିତାରେ ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରୁ ୨୦ଟି ଦଳ ଅଂଶଗ୍ରହଣ କରିବେ। ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ମଧ୍ୟ ଆୟୋଜନ ହେବ ବୋଲି ବୁଧବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ବିଡିଂ ଶେଷ ପର୍ଯ୍ୟନ୍ତ କାନ୍ଦିଥିଲେ କାର୍ତ୍ତିକ

ମୁମ୍ବାଇ, ୧୭।୧୨(ପି.ଟି.)


କାର୍ତ୍ତିକ ଶର୍ମା

ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ଲାଗି ଗତ ମଙ୍ଗଳବାର ହୋଇଥିବା ଖେଳାଳି ନିଲାମରେ ଭାବପ୍ରବଣତାକୁ ରୋକିପାରି ନ ଥିଲେ ଟିନ୍‌ଏଜ୍ ସେନ୍‌ସେଶନ କାର୍ତ୍ତିକ ଶର୍ମା। ୨୦୨୬ ମିନି ଅକ୍ସନରେ ୧୯ ବର୍ଷୀୟ କାର୍ତ୍ତିକଙ୍କୁ ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ରେକର୍ଡ ୧୪.୨୦ କୋଟି ଟଙ୍କାରେ କିଣିଥିଲା। ଲିଗ୍ ଇତିହାସରେ ଅନ୍‌କ୍ୟାପ୍‌ଡ ଖେଳାଳିଭାବେ ସେ ଯୁଗ୍ମ ସର୍ବାଧିକ ଟଙ୍କାରେ କିଣାହୋଇଥିଲେ। ଉତ୍ତର ପ୍ରଦେଶର ପ୍ରଶାନ୍ତ ବୀର୍‌ଙ୍କୁ ମଧ୍ୟ ଚେନ୍ନାଇ ଫ୍ରାଞ୍ଚାଇଜ୍ ୧୪.୨୦ କୋଟି ଟଙ୍କାରେ କିଣିଛି। କାର୍ତ୍ତିକଙ୍କ ବେସ୍ ପ୍ରାଇସ୍ ଥିଲା ୩୦ ଲକ୍ଷ। ''ବିଡିଂ ଆରମ୍ଭ ହେବାବେଳେ ମୁଁ ଆତଙ୍କିତ ଅବସ୍ଥାରେ ଥିଲି। କେଉଁ ଫ୍ରାଞ୍ଚାଇଜ୍ ମୋ ପ୍ରତି ଆଗ୍ରହ ଦେଖାଇବେ କି ନାହିଁ ଆଶଙ୍କାରେ ଥିଲି। ମାତ୍ର ଯେତେବେଳେ ବିଡିଂ ପ୍ରକ୍ରିୟା ଚାଲିଲା ମୁଁ କାନ୍ଦିବା ଆରମ୍ଭ କରିଥିଲି। ଏପରିକି ବିଡିଂ ଶେଷ ପର୍ଯ୍ୟନ୍ତ ମଧ୍ୟ ମୁଁ କାନ୍ଦ ରୋକିପାରି ନ ଥିଲି। ମୁଁ ଅତ୍ୟଧିକ ଭାବପ୍ରବଣ ଓ ଆନନ୍ଦିତ ହୋଇଯାଇଥିଲି। ଏହାକୁ କିପରି ଭାଷାରେ ପ୍ରକାଶ କରିବି ତାହା ଭାବିପାରୁନାହିଁ'' ବୋଲି ରାଜସ୍ଥାନର ଏହି ଟିନ୍‌ଏଜ୍ କିପର-ବ୍ୟାଟର ପ୍ରକାଶ କରିଛନ୍ତି।

କାର୍ତ୍ତିକଙ୍କ ପାଇଁ ବିଡିଂ ମୁମ୍ବାଇ ଇଣ୍ଡିଆନ୍ସ ଆରମ୍ଭ କରିଥିଲା। ଏଥିରେ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ ଓ କୋଲକାତା ନାଇଟ ରାଇଡର୍ସ ଯୋଗ ଦେଇଥିଲେ। ମୁମ୍ବାଇ ବିଡିଂରୁ ଓହରି ଗଲାପରେ କୋଲକାତା ଓ ଲକ୍ଷ୍ନୌ ୨.୮୦ କୋଟିରେ ପହଞ୍ଚିବାପରେ ଚେନ୍ନାଇ ଏଣ୍ଟ୍ରି ମାରିଥିଲା। ବିଡିଂ ମୂଲ୍ୟ ୧୩.୨୦ କୋଟିରେ ପହଞ୍ଚିବାପରେ କୋଲକାତା ଓହରି ଯାଇଥିଲା ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ଏଣ୍ଟ୍ରି କରିଥିଲା। ମାତ୍ର ଚେନ୍ନାଇ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଶେଷରେ ୧୪.୨୦ କୋଟିରେ ଚେନ୍ନାଇ କାର୍ତ୍ତିକଙ୍କୁ ନିଜ ପାଖକୁ ନେଇଥିଲା।


କାର୍ତ୍ତିକ ଚେନ୍ନାଇ ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ସହିତ ଖେଳିବାକୁ ଅତି ଉତ୍ସାହିତ ଥିଲେ ମଧ୍ୟ ନିଜ ଯାତ୍ରା ପଥରେ ପରିବାର ଓ ବନ୍ଧୁଙ୍କ ଅବଦାନକୁ ଭୁଲି ନାହାନ୍ତି। ''ମୋ ପରିବାର ସଦସ୍ୟ ଓ ବନ୍ଧୁ ମାନଙ୍କୁ ବହୁତ ଧନ୍ୟବାଦ। ସେମାନଙ୍କ ସମର୍ଥନ ବିନା ମୁଁ ଏଠାରେ ପହଞ୍ଚି ପାରି ନ ଥାନ୍ତି'' ବୋଲି କାର୍ତ୍ତିକ କହିଛନ୍ତି। ମୋର ପୂରା ପରିବାର ଏବେ ବହୁତ ଖୁସି। ସମସ୍ତେ ଖୁସି ମନାଉଛନ୍ତି ଏବଂ ନାଚୁଛନ୍ତି। ମୁଁ ଏବେ ଧୋନୀଙ୍କ ସହ ଖେଳିବା ସହିତ ତାଙ୍କଠାରୁ ଅନେକ କିଛି ଶିଖିବାକୁ ବ୍ୟଗ୍ର ବୋଲି କାର୍ତ୍ତିକ ପ୍ରକାଶ କରିଛନ୍ତି।

# କାରେଙ୍କ ଶତକ, ଅଷ୍ଟ୍ରେଲିଆ ୩୨୬/୮

## ଆଡିଲେଡ୍ ଟେଷ୍ଟ

ଆଡିଲେଡ୍,୧୭।୧୨

ଆଡିଲେଡ୍ ଓଭାଲଠାରେ ବୁଧବାରଠାରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଆସେସ୍ ଟେଷ୍ଟ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆଲେକ୍ସ କାରେଙ୍କ ଶତକ ବଳରେ ପ୍ରଥମ ଦିନ ଶେଷସୁଦ୍ଧା ୮ ଉଇକେଟ ହରାଇ ୩୨୬ ରନ୍ କରିଛି। ଅସୁସ୍ଥତା କାରଣରୁ ଷ୍ଟିଭ୍ ସ୍ମିଥ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଉସ୍ମାନ ଖ୍ୱାଜାଙ୍କୁ ଦଳରେ ସାମିଲ କରାଯାଇଛି। ବୋଣ୍ଡି ବିଚ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ଦୁଇ ଦଳର ଖେଳାଳି ହାତରେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।


ଶତକ ହାସଲ ପରେ ଆଲେକ୍ସ କାରେ।

ଅଷ୍ଟ୍ରେଲିଆ ଖୁବ୍ ଶସ୍ତାରେ କ୍ରମାଗତ ଓଭରରେ ଦୁଇ ଓପ୍‌ନର ଟ୍ରାଭିସ ହେଡ୍(୧୦) ଓ ଜ୍ୟାକ ୱେଦରାଲ୍ଡ (୧୮)ଙ୍କ ଉଇକେଟ ହରାଇଥିଲା। ମାର୍ନସ ଲାବୁସେନ(୧୯) ଓ କାମେରନ ଗ୍ରୀନ୍(୦)ଙ୍କୁ ଜୋଫ୍ରା ଆର୍ଚ୍ଚର ଗୋଟିଏ ଓଭରରେ ପାଭିଲିଅନ ବାଟ ଦେଖାଇ ଥିଲେ। ଉସ୍ମାନ ଓ କାରେ ପଞ୍ଚମ ଉଇକେଟରେ ୯୧ ରନ୍ ଯୋଡ଼ି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ଖ୍ୱାଜା ୮୨(୧୦ ଚୌକା) ରନ୍‌କରି ଆଉଟ୍ ହୋଇଥିଲେ। ଏହାପରେ ଜୋଶ୍ ଇଂଗଲିଶ୍‌ଙ୍କ ସହ ମିଶି କାରେ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ଇଂଗଲିଶ୍(୩୨ ରନ୍, ୪ ଚୌକା) ଜୋଶ୍ ଟଙ୍ଗଙ୍କ ବଲ୍‌ରେ କ୍ଲିନ୍‌ବୋଲ୍ଡ ହୋଇଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ପ୍ୟାଟ୍ କୁମିନ୍ସ(୧୩) କିଛି ଖାସ୍ କରିପାରି ନ ଥିଲେ। କାରେ(୧୦୬ ରନ୍, ୮ ଚୌକା ଓ ୧ ଛକା) ଶତକ ପୂରଣ କରିବା ପରେ ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ତୃତୀୟ ଟେଷ୍ଟ ଶତକ ଥିଲା। ଏହାପରେ ମିଚେଲ ଷ୍ଟାର୍କ ଓ ନାଥନ ଲିୟନ ଭ୍ରମଣକାରୀ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ଉଇକେଟ ହରାଇ ୩୨୬ ରନ୍ କରିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଷ୍ଟାର୍କ ୩୩ ଓ ଲିୟନ ବିନା ରନ୍‌ରେ ଅପରାଜିତ ଅଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ୩ ଉଇକେଟ ନେଇଥିବା ବେଳେ ବ୍ରାଇଡନ କାର୍ସ ଓ ୱିଲ ଜ୍ୟାକ୍ସ ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍: ୩୨୬/୮(ଆଲେକ୍ସ କାରେ-୧୦୬, ଉସ୍ମାନ୍ ଖ୍ୱାଜା-୮୨, ମିଚେଲ ଷ୍ଟାର୍କ-୩୩*, ଜୋଫ୍ରା ଆର୍ଚ୍ଚର-୩/୨୯, ବ୍ରାଇଡନ କାର୍ସ-୨/୭୦, ୱିଲ ଜ୍ୟାକ୍ସ-୨/୧୦୫)।

# ବିଜୟ ସହ ସାତ୍ତ୍ୱିକ-ଚିରାଗଙ୍କ ଅଭିଯାନ

## ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ

ହାଙ୍ଗଝୁ, ୧୭।୧୨

ଭାରତର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ-୨୦୨୫ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡ ମ୍ୟାଚରେ ଏକଦା ପଛୁଆ ରହିଥିଲେ ହେଁ ଏହି ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ଚାଇନାର ଲିଆଙ୍ଗ ୱେଇ କେଙ୍ଗ ଓ ୱାଙ୍ଗ ଚାଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ମୁକାବିଲାରେ ବିଶ୍ୱର ୩ ନମ୍ବର ଯୋଡ଼ି ଭାରତର ସାତ୍ତ୍ୱିକ-ଚିରାଗ ୧୨-୨୧, ୨୨-୨୦, ୨୧-୧୪ରେ ଚାଇନା ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ଭାରତୀୟ ଯୋଡ଼ିଙ୍କ ମନୋବଳକୁ ବଢ଼ାଇଛି। ଗ୍ରୁପ୍ 'ବି'ରେ ମାଲେସିଆର ଆରୋନ ଚିଆ-ସୋ ୱୁ ୟିକ୍ ଏବଂ ଇଣ୍ଡୋନେସିଆର ଫଜର ଅଲଫିଆନ-ମହମ୍ମଦ ଶୋହିବୁଲ ଫିକ୍ରି ଯୋଡ଼ି ଥିବାରୁ ଭାରତୀୟଙ୍କୁ ଆଗାମୀ ଦିନରେ ଆହୁରି କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ। ଗୁରୁବାର ଆଲଫିଆନ-ଫିକ୍ରିଙ୍କ ବିପକ୍ଷରେ ଭାରତୀୟ ଯୋଡ଼ି ଖେଳିବେ। ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସିଜନ ଶେଷ ପ୍ରତିଯୋଗିତାରେ ସେମିଫାଇନାଲ ପ୍ରବେଶ ଲକ୍ଷ୍ୟରେ ରହିଛନ୍ତି।


ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ